UTKALAYANA

Alumni Association



Utkal University

www.utkalalumni.in

August, 2021

Prof. Ganeshi Lal
Governor, Odisha

ପ୍ରଫେସର ଗଣେଶୀ ଲାଲ
ରାଜ୍ୟପାଳ, ଓଡ଼ିଶା

RAJBHAVAN
BHUBANESWAR - 751 008

ରାଜଭବନ
ଭୁବନେଶ୍ୱର-୭୫୧ ୦୦୮

August 21, 2021

MESSAGE

I am glad to know that the Alumni Association-Utkal University is going to launch a web magazine, **"Utkalayana"** on August 27, 2021

Tracing its roots back over seven and half decades, Utkal University, the oldest university in Odisha and the 17th oldest university in India,today proudly stands as one of the leading institutions of higher education in the country. Building on a very good foundation, I am confident, Utkal University will continue to develop, advance and flourish with innovative, international, interdisciplinary visions to provide the best possible education to students, to facilitate an inclusive, vibrant intellectual community and to produce insightful and impactful research to advance the frontiers of knowledge.

Alumni play a larger role in the transformation of their alma mater and I urge upon the Alumni Association to make Utkal University a beacon in academia, and a premier institution in the globe with significant local, regional and global influence.

I congratulate The Alumni Association-Utkal University on this endeavour and I am sure the magazine will make the best of its concept and focus.

Ganeshi Lal

(Ganeshi Lal)

Tel. : 91-674-2536111/2536222, Fax : 91-674-2536582, E-mail : govodisha@nic.in, Website : www.rajbhavanodisha.gov.in

Professor Sabita Acharya
VICE CHANCELLOR

(NAAC 'A+' Accredited)

UTKAL UNIVERSITY
VANI VIHAR, BHUBANESWAR - 751004
ODISHA, INDIA
Tel. Off: (0674) 2567700
Mob : 9437015893(0)
9438423366(P)
E-mail : vcuu@rediffmail.com
vc@utkaluniversity.ac.in

No. VC/ /20 , Date: 26.08.2021

Message

I am extremely happy to know that the Alumni Association Utkal University is bringing out an e Magazine under the title "Utkalayana". It is remarkable that the Magazine is being launched on August 27, the first anniversary of the setting up of the Association.

Ever since its inception during last year 2020 the AAUU has been incredibly active adding a lot of value to the institutional goals of our University. Students, faculty and alumni-all are immensely benefitted by the new ideas and innovation measures of the Alumni Association. The webinars conducted by them have an international reach and advance the cause of integrated teaching and research. With the cooperation of the Association and many distinguished alumni the Utkal University is taking firm and decisive steps to achieve global excellence.

I am sure "Utkalayana", the latest venture of the Alumni Association is a welcome addition to the vast array of the efforts to add lustre to our university. It will provide a useful forum for dissemination of ideas and experience, apart from promoting art and literature. I appeal to my beloved students of the University, the dedicated faculty, and the knowledgeable alumni to make full use of this forum to further the interest of our University.

I wish all the best for all Success.

(Sabita Acharya) 26th August, 2021

ALUMNI ASSOCIATION-UTKAL UNIVERSITY

Regn. No:216/18202000024 of 2020-2021

Office: ALUMNI OFFICE, Utkal University, Vani Vihar, Bhubaneswar-751004,Odisha.

Email: alumniassociation.utkal@gmail.com

MESSAGE

I am happy to know that Alumni Association-Utkal University is going to launch a quarterly web magazine, "Utkalayana", which will be housed in its website. Not only will it contain articles penned by the distinguished alumni spread all over the world, it will also publish literary works of the eminent faculty members and of the budding writers from among the students of the campus. Since it will be web based, it will have world wide reach and will be a vehicle for showcasing the talent of the contributors before an international audience.

I wish the venture a grand success and I fervently hope it will help create an eco-system of creativity and cultural excellence in the campus.

B.K.Patnaik,

President,

Alumni Association

EDITORIAL

Dear Readers,

We have great pleasure in presenting to you the inaugural edition of Utkalayana, the eMagazine of the Utkal University Alumni Association. It is being published on the first anniversary of the inauguration of the Association and brings back the memory of a glorious day last year when the campus of the Utkal University reverberated with the excitement and celebratory spirit of thousands of its Alumni. The august body has made great strides in the intervening year and launched some excellent initiatives for the students and the University. We are indeed proud of its activities and achievements.

We propose to bring out this magazine in the first week of every quarter. It will be bi-lingual and host articles in Odia and English from the Alumni, the faculty and students of the university as well as eminent writers. Apart from promoting and propagating the literary talent of the contributors it will also encourage discussion on current socio-economic issues, policy initiatives, particularly in the field of education, and constructive ideas in nation building. Reminiscences and anecdotal articles on the Utkal University will be most welcome. A set of guidelines for submission of articles is being published in this edition.

We have been fortunate to receive messages of good wishes from distinguished personalities, including His Excellency the Governor, the Learned Vice Chancellor of Utkal University and the distinguished President of the Alumni Association.

We are happy that this inaugural edition is being published in the month of August when the country is proudly celebrating the seventy fifth anniversary of India's Independence. It is a moment of introspection on what we have achieved in the past seven and half decades and what remains to be done. As members of responsible educational institutions of higher learning, whether as students, teachers, or alumni, all of us should rededicate ourselves to the building of our great nation. We should pledge not to do anything that will harm others and do everything that will bring a smile to everyone. Let us join our hands to make this nation stronger, safer and saner.

And what better way to do it than paying homage to the immortal lines from the pen of Gurudev, the Nobel Laureate Shri Rabindranath Tagore:

WHERE THE MIND IS WITHOUT FEAR

Where the mind is without fear and the head is held high
Where knowledge is free
Where the world has not been broken up into fragments
By narrow domestic walls
Where words come out from the depth of truth
Where tireless striving stretches its arms towards perfection
Where the clear stream of reason has not lost its way
Into the dreary desert sand of dead habit
Where the mind is led forward by thee
Into ever-widening thought and action
Into that heaven of freedom, my Father, let my country awake.

Hope you will enjoy the present edition of Utkalayana and share the eMagazine with your friends and contacts. Please send us your suggestions and feedback at utkalayana@gmail.com. You may send your articles for publication to the same email address. The next edition will be published in January 2022 to give enough time to the contributors to prepare their articles and send them in time.

Wishing you great days ahead, stay safe, stay healthy.
We will meet again in January, 2022.
Jai Hind, Bande Utkala Janani.

Members of the Editorial Board.
Bhubaneswar, August 27, 2021

MEMEBERS OF THE EDITORIAL BOARD
UTKALAYANA

- Debasish Dasgupta
- Radhakanta Pani
- Amiya Kumar Mahanty
- Pradeep Rath
- Satrujit
- Mrutyunjay Sarangi (Chief Editor)

GUIDELINES

- Utkalayana will be published as an eMagazine in the first week of each quarter, i.e.; in January, April, July and October. The next edition of Utkalayana will be in January, 2022.

- It will be bi-lingual - articles in Odia and English will find a place in Utkalayana.

- It will host articles from the Alumni, the faculty, current students of the University and eminent writers.

- While promoting and propagating talent in literary writings such as Poems and Short stories, Utkalayana will also encourage articles on contemporary socio-economic issues and on policy initiatives particularly in the field of education. Reminiscences and anecdotal articles on Utkal University will be welcome. Utkalayana will not publish any article directly or indirectly promoting political agenda, or conflicts on caste, community or religious lines.

- Since it is an eMagazine which will be mostly read in hand held electronic instruments, articles should be ideally of small size, preferably around 1000 words.

- All efforts should be made by the contributors to ensure that the language of the articles should not be offensive, or indecent in any manner.

- The deadline for submission of the articles will be the 10th of the previous month in which the magazine is going to be published. For example, for the edition to be published in the 1st week of January, the deadline will be the 10th of December.

- All submissions should be accompanied by a passport size photograph and a short biodata of the writer. The biodata should be limited to fifty words and should clearly mention the years and the Department in which the contributor studied in the university.

- All the articles should be sent to utkalayana@gmail.com Only articles sent in MS Word documents will be accepted.

- All feedback and suggestions should be sent to the Editorial Board at utkalayana@gmail.com.

- Decision of the Editorial Board in selection and editing of the articles will be final.

- The views and opinions expressed in the articles will be entirely and unequivocally of the writer. Neither the Editorial Board of Utkalayana nor the office bearers of the UU Alumni Association will be responsible for them in any manner.

CONTENTS

ଓଡ଼ିଆ ବିଭାଗ

ପ୍ରବନ୍ଧ

୧. ବିଦ୍ୟା ଅଟଇ ମହାଧନ	ପ୍ରଫେସର ଗଣେଶୀ ଲାଲ୍	(1)
୨. ଷଷ୍ଠ ମହାବିଲୁପ୍ତି ପଥରେ	ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀ	(7)
୩. ସ୍ୱାଧୀନତା ଆନ୍ଦୋଳନର ଏକ ମର୍ମନ୍ତୁଦ ଅଧ୍ୟାୟ	ଡକ୍ଟର ନିହାର ରଞ୍ଜନ ପଟ୍ଟନାୟକ	(13)

କବିତା

୪. ଭ୍ରମରମାରୀ	ହରପ୍ରସାଦ ଦାସ	(18)
୫. ମୋ ବାପା କବିତା ଲେଖନ୍ତି ନାହିଁ	ହୃଷୀକେଶ ମଲ୍ଲିକ	(21)
୬. ତିରିଶ ବର୍ଷ ପରେ ବାଣୀବିହାର	ହିରଣ୍ମୟୀ ମିଶ୍ର	(23)
୭. ମହାନ ହେ ତୁମେ ମୋ ଦେଶ ସୈନିକ	ରାଧାକାନ୍ତ ପାଣି	(25)
୮. ନାକ୍ସେ ସୁଙ୍ଗ ଅସ୍ତି	ଡକ୍ଟର ପ୍ରିୟଂବଦା ପଟ୍ଟନାୟକ	(27)
୯. ଯାତ୍ରାର ରଜା	ରମାକାନ୍ତ ମିଶ୍ର	(29)

କ୍ଷୁଦ୍ରଗଳ୍ପ

୧୦. ଆବଦ୍ଧ	ତରୁଣକାନ୍ତି ମିଶ୍ର	(31)
୧୧. କାଚ ଜଣେଇ	ଗୌରହରି ଦାସ	(40)
୧୨. ସରୁ ନ'ଥିବା ଏକ କାହାଣୀ	ଅରବିନ୍ଦ ରାୟ	(54)

(The Odia version of the articles is best compatible with the Akruti Font)

ENGLISH SECTION

ARTICLES

13. The Leviathan: Reflections On A Contrarian	Devdas Chhotray	(69)
14. Jobs For The Students	Bijay Patnaik	(73)
15. Higher Education in America: My Journey	Dr. Ajay K. Mohanty	(78)
16. Odia Diaspora in Myanmar	Sangram Jena	(95)
17. My Vani Vihar Days	Ashok Patnaik	(100)

POEMS

18. Raja	Prabhanjan K. Mishra	(106)
19. Reminiscence	Dilip Mohapatra	(109)

SHORT STORIES

20. The Stifled Stiff Upper Lip	Ishwar Pati	(112)
21. The Fourteenth Night Moon	Mrutyunjay Sarangi	(115)

ବିଦ୍ୟା ଅଟଇ ମହାଧନ

ପ୍ରଫେସର ଗଣେଶୀ ଲାଲ

ମୁଁ ଓଡ଼ିଶାର ଅନେକ ସରକାରୀ ଓ ବେସରକାରୀ ସ୍କୁଲକୁ ଯାଇଛି । ପ୍ରାୟ ସବୁ ସ୍କୁଲରେ କାଂଥରେ ମହାପୁରୁଷଙ୍କ ବାଣୀ ଲେଖା ହୋଇଥିବା ଦେଖିଛି । ଅନେକ ବାଣୀ ଏତେ ଶିକ୍ଷଣୀୟ ଓ ଆକର୍ଷଣୀୟ ଯେ କେତୋଟିକୁ ଟିପି କରି ଅଣାଇବାର ବ୍ୟବସ୍ଥା କରିଛି । ମୁଁ ପ୍ରାୟତଃ ଛାତ୍ରଛାତ୍ରୀମାନଙ୍କୁ ଭାଷଣ ଦିଏ ନାହିଁ । ସେମାନଙ୍କୁ ପ୍ରଶ୍ନ ପଚାରିବା ଛଳରେ ଆଳାପ ଆଲୋଚନା କରେ । ପ୍ରାୟ ଆଳାପ ଆରମ୍ଭ ହୁଏ କାଂଥରେ ଲେଖା କୌଣସି ଏକ ମହତ ବାଣୀରୁ । ଅନେକ କାଂଥରେ ପଢ଼ିଛି 'ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ' । ବିଦ୍ୟାକୁ କେବଳ ଧନ ନୁହେଁ; ଏହାକୁ ଯେମିତି ମହାଧନ କୁହାଯାଇଛି; ତାହା ବହୁ ବର୍ଷ ତଳେ କୁହାଯାଇଥିଲେ ମଧ୍ୟ ଏବେ ଏହା ବେଶୀ ବେଶୀ ପ୍ରାସଂଗିକ ମନେ ହେଉଛି । ଏହି ମହାଧନକୁ ହାସଲ କରିବା ପାଇଁ ବିଭିନ୍ନ ରାଷ୍ଟ୍ର ତା'ର ଶିକ୍ଷା ନୀତିରେ ନାନାଦି କୌଶଳର ପ୍ରୟୋଗ କରିବା ଦେଖାଯାଉଛି ।

ସମାଜ ଓ ସଭ୍ୟତାର ଅଗ୍ରଗତି ବିଭିନ୍ନ ସ୍ତର ଦେଇ ସଂଘଟିତ ହୋଇଛି । ବିକାଶର ଆଧାର ଓ ପ୍ରେରକ କେବେ କୃଷି, କେବେ ଶିଳ୍ପ ତ କେବେ ପ୍ରବିଧି ହେଇଥିବା ବେଳେ ବର୍ତ୍ତମାନ ଆମେ ପହଂଚିଛେ ଜ୍ଞାନଭିତ୍ତିକ ସମାଜ ବ୍ୟବସ୍ଥାରେ । ଜ୍ଞାନ ହିଁ ବର୍ତ୍ତମାନ ପ୍ରଗତିର ମୂଳ ପୁଂଜି । ଅର୍ଥନୀତିର ଜୀବନୀ ଶକ୍ତି । ଯାହା ପାଖରେ ଜ୍ଞାନ ଅଛି, ତା ପାଖରେ ସବୁ ଅଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାର ଭୁରି ଭୁରି ପ୍ରମାଣ ଆମେ ପ୍ରତ୍ୟକ୍ଷ କରୁଛେ । ଏହି ପରିପ୍ରେକ୍ଷୀରେ ଶିକ୍ଷା ବ୍ୟବସ୍ଥାରେ ସମୟର ଆହ୍ୱାନ ଓ ଆବଶ୍ୟକତା ଭିତ୍ତିରେ ପରିବର୍ତ୍ତନ ଏକାନ୍ତ ଜରୁରୀ । ବିଦ୍ୟାକୁ ସର୍ବୋଚ୍ଚ ଗୁରୁତ୍ୱ ଦେବାର ସମୟ ଉପଗତ । ବିଦ୍ୟା ହିଁ କରିପାରିବ ବ୍ୟକ୍ତିକୁ ବିଶ୍ୱବିଜୟୀ । ଚଳିତ ସମୟର ଉର୍ବର ପରିବେଶ ଓ ପରିସ୍ଥିତିକୁ ନଜରରେ ରଖି ଭାରତ ତା'ର ଜନସାଂଖ୍ୟିକ ସୁଯୋଗକୁ ସଫଳ ଉପଯୋଗ କରିବା ଦରକାର ।

ତେବେ ମହାଧନ କୁହାଯାଉଥିବା ବିଦ୍ୟାଟି କ'ଣ ? ଏ ସଂପର୍କ ରେ ବହୁ ଉଦ୍ଧୃତି ସଂବଳିତ ସ୍କୁଲର କାଂଥ ଲେଖାକୁ ମନେ ପକାଉଛି । କୁହାଯାଇଛି 'ସା ବିଦ୍ୟା ଯା ବିମୁକ୍ତୟେ' । ସେହି ହେଉଛି ବିଦ୍ୟା, ଯେ ମୁକ୍ତ କରେ ବା ମୁକ୍ତି ଦିଏ । ତେବେ କେଉଁଥିରୁ ମୁକ୍ତି; କିଭଳି ସେ ମୁକ୍ତି ? ସେ ସଂପର୍କରେ ବ୍ୟାପକ ତର୍ଜମା ଦରକାର । ଜଣେ ବଂଧୁ ପରିହାସ କରି କୁହନ୍ତି ଯେ 'ସା ବିଦ୍ୟା ଯା ବିମୁକ୍ତୟେ' ଏବେ ବଦଳି ଯାଇ ହେଇଛି; 'ସା ବିଦ୍ୟା ଯା

ନିଯୁକ୍ତୟେ' । ଯାହା ନିଯୁକ୍ତିକୁ ସୁଗମ କରେ ତାହା ହିଁ ବିଦ୍ୟା । ଅର୍ଥ ଅର୍ଜନ କରିବାର ବିଦ୍ୟାରେ ଧୂରୀଣ ହିଁ ଅର୍ଜୁନ । ଏଭଳି ଲଘୁ ମନ୍ତବ୍ୟରେ ଅବଶ୍ୟ ନିଷ୍ଠୁର ବାସ୍ତବତା ରହିଛି ; ଏହା ଏକ ପଥଚ୍ୟୁତ ଶୈକ୍ଷିକ ଧାରା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ନିଶ୍ଚୟ । କିନ୍ତୁ ଅସଲ ବିଦ୍ୟା ପ୍ରକୃତରେ ମୁକ୍ତି ଦିଏ ଏବଂ ସେ ମୁକ୍ତିର ମହିମା ଓ ପରିସୀମା ବେଶ ବ୍ୟାପକ, ଯାହା ଭାରତୀୟ ପାରମ୍ପରିକ ଶିକ୍ଷା ବ୍ୟବସ୍ଥାର ମୂଳ ମନ୍ତ୍ର, ପଥ ଓ ତତ୍ତ୍ୱ । ଆହୁରି ମଧ୍ୟ କୁହାଯାଇଛି ; ଅସତୋ ମାଂ ସଦ୍ ଗମୟ ; ତମସୋ ମାଂ ଜ୍ୟୋତିର୍ଗମୟ ; ମୃତ୍ୟୋର୍ମା ଅମୃତମ୍ ଗମୟ । ଅଂଧାରରୁ ଆଲୋକକୁ, ଅଜ୍ଞାନରୁ ଜ୍ଞାନକୁ ନେବା ହିଁ ବିଦ୍ୟାର ମୂଳ ଲକ୍ଷ୍ୟ । ଜଣେ ଜ୍ଞାନ ହାସଲ କଲେ, ବାସ୍ତବରେ ସେ ନିଜର ଅଜ୍ଞାନତାକୁ ବେଶୀ ଚିହ୍ନିପାରେ । ଯେଉଁ ଜ୍ଞାନ ଅଜ୍ଞାନତାକୁ ଦେଖାଇପାରେ ଏବଂ ତା'ର ବିନାଶ ପାଇଁ ସଶକ୍ତ ଓ ସକ୍ଷମ କରାଏ ; ତାହା ହିଁ ଅସଲ ଜ୍ଞାନ ଏବଂ ଏହି ଜ୍ଞାନ ପ୍ରାପ୍ତି ପରେ ବ୍ୟକ୍ତିର ଜୀବନରେ ଯେଉଁ ବିବର୍ତ୍ତନ ଘଟେ, ଯେଉଁ ଉତ୍ତରଣ ପ୍ରକାଶ ପାଏ, ଯେଉଁ ଶୁଦ୍ଧତା ଓ ପରିପୂର୍ଣ୍ଣତା ପ୍ରକଟିତ ହୁଏ ; ତାହା ସମୂହକୁ ସଂପ୍ରସାରିତ ହୁଏ । ଯେପରି ଗୋଟିଏ ଦୀପ, ନିଜର ଅଂଧାର କେବଳ ନୁହେଁ ; ପାଖଆଖର ଅଂଧାରକୁ ଦୂରେଇ ଦେଇପାରେ ; ସେହିପରି କରେ ବିଦ୍ୟା । ବିଦ୍ୟା ବ୍ୟକ୍ତିକୁ ବଳୁଆ କରେ ଏବଂ ବିନୟୀ ମଧ୍ୟ । ବିଦ୍ୟା ଦଦାତି ବିନୟମ୍ । ଭାରତର ଦର୍ଶନର ଶିକ୍ଷାକୁ ସଂଗଠିତ ଭାବରେ ଲିଭାଇ ଦେବାର ଅପଚେଷ୍ଟା କରାଯାଇଛି ; ଫଳରେ ଭାରତର ମଂଜ ଦୁର୍ବଳ ହୋଇଛି । ସମୟ ଆସିଛି ସେଥିରୁ ମୁକ୍ତି ଦରକାର । ମାକଲେର ପ୍ରଭାବରୁ ଆମ ଶିକ୍ଷା ବ୍ୟବସ୍ଥାକୁ ମୁକ୍ତି ଦରକାର । ବିମାକଲେକରଣ ଆବଶ୍ୟକ କରେ ବିଶେଷ ଧ୍ୟାନ ।

ଗୁରୁକୁଳର ଗୁରୁଶିଷ୍ୟ ପରଂପରାଠୁ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ପର୍ଯ୍ୟନ୍ତ ଯାତ୍ରାକୁ ଅନୁଶୀଳନ କଲେ ; ଆମେ ହରେଇଥିବା ଅନେକ ସୂତ୍ର ସାମ୍ନାକୁ ଆସେ । ସମୟ ବଦଳୁଛି ; ସମୟ ସହ ଶିକ୍ଷା ବ୍ୟବସ୍ଥା ମଧ୍ୟ ବଦଳିବାକୁ ବାଧ୍ୟ । ତେବେ ଏହା ମୌଳିକ ତତ୍ତ୍ୱଠୁ ଦୂଇଇଯିବା ନିଶ୍ଚିତ ରୂପେ ବିପଦଜନକ । ଆଂଗିକ ପରିବର୍ତ୍ତନ ମଧ୍ୟରେ ଆତ୍ମିକ ବିକୃତି ଆଦୌ ଗ୍ରହଣୀୟ ନୁହେଁ । ଏବେ କୋଭିଡ଼ ମହାମାରୀ ସମୟରେ ସ୍କୁଲ କଲେଜ ବଂଦ ; ସେ ସମୟରେ ଶିକ୍ଷଣ ପ୍ରକ୍ରିୟାକୁ ଅବ୍ୟାହତ ରଖିବାକୁ ପୂରାପୂରି ବିକଳ୍ପ ନ ହେଲେ ମଧ୍ୟ ଆବଶ୍ୟକତା ପୂରଣ ପାଇଁ ଅନ୍‌ଲାଇନ ଶିକ୍ଷା ପ୍ରଦାନର ପ୍ରୟାସ ହେଉଛି । ଏହା କିଛି ନ ହେବାଠୁ କିଛି ହେବା ଭଲ ; ନ୍ୟାୟରେ ଚାଲିଛି । ତେବେ ଏହି ବ୍ୟବସ୍ଥା ନିଶ୍ଚିତ ରୂପେ ଭବିଷ୍ୟତରେ ଏକ ସହଯୋଗୀ ବ୍ୟବସ୍ଥା ରୂପେ କାର୍ଯ୍ୟ କରିବ ଏବଂ ଏକଲବ୍ୟ ଭଳି ସଫଳ ଛାତ୍ର ହୁଏତ ସୃଷ୍ଟି କରିପାରିବ ।

ଭଳି ସଫଳ ଛାତ୍ର ହୁଏତ ସୃଷ୍ଟି କରିପାରିବ ।

ଗୁରୁ-ଶିଷ୍ୟ ପରଂପରାରେ କାୟିକ, ମାନସିକ ବୌଦ୍ଧିକ ଓ ଆଧାତ୍ମିକ ଶିକ୍ଷା ପ୍ରଦାନ କରାଯାଇ ପରିପୂର୍ଣ୍ଣ ମଣିଷ ନିର୍ମାଣର ଯୋଜନା କରାଯାଉଥିଲା । ଶିକ୍ଷା ଥିଲା ଉଭୟ ଅଂତର୍ମୁଖୀ ଓ ବହୁର୍ମୁଖୀ । ଉଭୟ ଜୀବନ ପାଇଁ ଓ ଜୀବିକା ପାଇଁ । ଗୁରୁ କେବଳ ବିଷୟ ଶିକ୍ଷା ଦେଉନଥିଲେ ; ତାଙ୍କର ଶିକ୍ଷା ମଧ୍ୟ ଥିଲା ବିଷୟାତୀତ । ସେ ଜୀବିକା ଉପରେ ଗୁରୁତ୍ୱ ଦେବା ସହ ଜୀବନ ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦେଉଥିଲେ । ତେଣୁ ଗୁରୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଭାବରେ ବଂଦିତ ହେଉଥିଲେ । ଆଧୁନିକ ଶିକ୍ଷା ବ୍ୟବସ୍ଥା ମୁଖ୍ୟତଃ ଜୀବିକାକେଂଦ୍ରିକ ଏବଂ ଆମ ସମାଜରେ ଜୀବିକାର ଧାଁ ଧପଡ଼ରେ ବିଚରା ଜୀବନ ବଳି ପଡୁଛି । ଆମକୁ ଜୀବନକୁ ଆଗକୁ ଆଣିବା ଦରକାର । ଏଥିପାଇଁ ସମର୍ଥ ଗୁରୁ ଦରକାର । କ୍ରିୟାଶୀଳ ବ୍ୟବସ୍ଥା ଦରକାର । ସବୁ ତଥ୍ୟ ସୂଚନା ତ ଗୁଗ୍‌ଲୁରୁ ମିଳିପାରୁଛି ; ତା ବୋଲି ଗୁଗ୍‌ଲୁ କ'ଣ ଗୁରୁଙ୍କ ସ୍ଥାନ ନେଇପାରିବ ? କଦାପି ନୁହେଁ । ଏକ ସଫଳ କ୍ରିୟାଶୀଳ ଓ ଦୂରଦୃଷ୍ଟିସଂପନ୍ନ ଶିକ୍ଷା ବ୍ୟବସ୍ଥାର ଚାଳକ ଭାବରେ ଉପଯୁକ୍ତ ଶିକ୍ଷକଙ୍କ ଭୂମିକା ଆମ ଚିନ୍ତନରେ ଶୀର୍ଷ ସ୍ଥାନ ପାଇବା ଦରକାର ।

ପ୍ରତ୍ୟେକ ଶିଶୁ ଭିନ୍ନ ଓ ଅନନ୍ୟ । ପ୍ରକୃତି କାର୍ବନ କପି ତିଆରିକରେ ନାହିଁ । ପ୍ରତ୍ୟେକ ନିଜ ନିଜ ଗୁଣରେ ଗରୀୟାନ । କେହି କାହାର ତୁଳନୀୟ ନୁହେଁ । ଶିଶୁକୁ ଆଉ କାହା ଭଳି ହେବାକୁ ପରାମର୍ଶ ଦେବା ସପକ୍ଷରେ ମୁଁ ନାହିଁ । ବିରାଟ କୋହଲି ତ ନିଜେ ବିରାଟ ; ସେ କାହିଁକି ସଚିନ ତେଂଦୁଲକର ହେବେ । କାହାକୁ ଏଭଳି ହେବାକୁ ସେଭଳି ହେବାକୁ କହିବା ଅର୍ଥ, ତା'ର ସ୍ୱାଭାବିକ ଗତିରୋଧ କରିବା । ଅନେକ କୁହନ୍ତି ; ଶିଶୁମାନେ କଂଚା କାଦୁଅ ଭଳି ; ମୂ□କାର ଭଳି, ତାକୁ ଗଢ଼ିବାକୁ ପଡ଼େ । ମୁଁ ସେ ତ□ରେ ବିଶ୍ୱାସ କରେ ନାହିଁ । ମଣିଷ କାହିଁକି ମୂ□ ହେବ । କାହିଁକି ସେ ଅନ୍ୟର କଳ୍ପନା ଓ ମାପରୁପ ମୁତାବକ ଗଢ଼ାହେବ । ହଁ, ଯଦି ମୂ□ ଚାହୁଁଛ ; ତେବେ ଏତିକି କରାଯାଇପାରେ, ତା ଭିତରେ ଥିବା ଈଶ୍ୱର ଖୋଦିତ ମୂ□ କେମିତି ପ୍ରକାଶିତ ହେବ, ସେଥିପାଇଁ ତାକୁ ଘୋଡ଼େଇ ରଖିଥିବା ଅନାବଶ୍ୟକ ପଦାର୍ଥକୁ ଆଡ଼େଇ ଦିଆଯାଇପାରେ । ଏହା ଶିକ୍ଷାର ମୂଳ ଉଦ୍ଦେଶ୍ୟ । ପ୍ରତ୍ୟେକ ଶିଶୁ ଅନନ୍ତ ସଂଭାବନା, ଶକ୍ତି ଓ ସାମର୍ଥ୍ୟର ଆଧାର । ପ୍ରତିଭାର ସ୍ୱାଭାବିକ ପ୍ରକାଶ ଓ ବିକାଶ ନିମନ୍ତେ ଅନୁକୂଳ ପରିବେଶ ଦରକାର । ସାମର୍ଥ୍ୟର ଚିହ୍ନଟ ଓ ତାର ଲାଳନପାଳନ ପାଇଁ ଶିକ୍ଷା ବ୍ୟବସ୍ଥା ଅଭିପ୍ରେତ ହେବା ଦରକାର ।

ପ୍ରକୃତି ହେଉଛି ଈଶ୍ୱରଙ୍କ ଦୃଶ୍ୟମାନ ପୋଷାକ । କିନ୍ତୁ ଆଧୁନିକ ଶିକ୍ଷା ବ୍ୟବସ୍ଥା ମଣିଷକୁ ପ୍ରକୃତିଛଡ଼ା କରିଦିଏ ; ପ୍ରକୃତିଠୁ ଦୂରେଇ ଦିଏ ଏବଂ ବ୍ୟକ୍ତି ଓ ପ୍ରକୃତି ମଧ୍ୟରେ ଏହି ଦୂରତା ହିଁ ଅନେକ ସାମାଜିକ ଦୁର୍ଦ୍ଦଶାର କାରଣ । ଛାତ୍ରଛାତ୍ରୀମାନେ ପ୍ରକୃତି କୋଳରେ ରହିଲେ ଯେଉଁ ଶିକ୍ଷା ଲାଭ କରନ୍ତି ତାହା ପାଠ୍ୟପୁସ୍ତକ କି କ୍ଲାସରୁମ୍‌ରେ ମିଳେ ନାହିଁ । ସତ୍ୟବାଦୀର ବନବିଦ୍ୟାଳୟରେ ତା'ର ପ୍ରୟୋଗ କରାଯାଇଥିଲା । ମୁଁ ଗୁରୁମା ଗୁରଜୀମାନଙ୍କୁ ଅନୁରୋଧ କରିଥାଏ, ପିଲାମାନଙ୍କୁ ପ୍ରକୃତିର ପ୍ରାଣ ଓ ସୌନ୍ଦର୍ଯ୍ୟ ସହ ଯୋଡ଼ିବାକୁ । ପ୍ରକୃତି ତ ମହାଗୁରୁ । ପିଲା ପ୍ରଜାପତି ଦେଖୁ, ଗଛଲତା ଦେଖୁ, ଝରଣା ଦେଖୁ, ପତ୍ର ଉପରେ ବର୍ଷାର ନୃତ୍ୟ ଦେଖୁ, ପ୍ରକୃତିର ସଂଗୀତ ଶୁଣୁ ଏହା ତା'ର ମାନସିକ ଅଭିବୃଦ୍ଧିରେ ସହାୟକ ହେବ ଏବଂ ଏହା ମଧ୍ୟ ବୈଜ୍ଞାନିକମାନଙ୍କ ପ୍ରମାଣ । ପ୍ରକୃତି ପ୍ରତି ପ୍ରେମ ମେଧା ବୃଦ୍ଧି ପାଇଁ ସିଦ୍ଧ ସାବ୍ୟସ୍ତ ହୋଇଛି ।

ମୁଁ ଓଡ଼ିଶାର ଅନେକ ସ୍କୁଲ କାଂଥରେ ପଢ଼ିଛି ପଦଟିଏ, 'ମାତୃଭୂମି ମାତୃଭାଷାରେ ମମତା ଯା ହୃଦେ ଜନମି ନାହିଁ ; ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ' । ମାତୃଭୂମି ଓ ମାତୃଭାଷା ସଂପର୍କରେ ଏଭଳି ପ୍ରାଂଜଳ ଓ ମାର୍ମିକ ଆବେଦନ ଅନ୍ୟ କେଉଁ ଭାଷାରେ ଥାଇପାରେ ; ମତେ ଜଣାନାହିଁ । ଶିଶୁଟିଏ ମାତୃଗର୍ଭରୁ ପୃଥିବୀରେ ପହଂଚିବା ବେଳେ କିଛି ଭାବ ଧରି ଆସିଥାଏ ଓ ସେ ଭାବର ମାଧ୍ୟମ ହୁଏ ତା'ର ମାତୃଭାଷା । ଦ୍ରୁତ ଗତିରେ ତା'ର ବ୍ୟକ୍ତିତ୍ୱର ଗଠନ ହୁଏ ଏବଂ ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଓ ସଂଗଠିତ କରେ ମାତୃଭାଷା । ମାତୃଭାଷା ତା'ର ଭାବ ଓ ଆବେଗର ଭାଷା ; ପ୍ରାଣ ଓ ପରମେଶ୍ୱର ଭାଷା ; କୋଳାହଳମୟ ପୃଥିବୀରେ ନିଜକୁ ସ୍ପଷ୍ଟଭାବରେ ପ୍ରକାଶିବାର ଭାଷା ହେଉଛି ମାତୃଭାଷା । ମନସ୍ତତ୍ତ୍ୱବିତ୍‌ମାନେ ମଧ୍ୟ ପ୍ରାଥମିକ ଶିକ୍ଷା ମାତୃଭାଷାରେ ହେବା ଉପରେ ମତ ଓ ସିଦ୍ଧାନ୍ତ ଦେଇଛନ୍ତି । ଯେ ମାତୃଭାଷାରେ ସହଜ ଓ ସାବଲୀଳ ; ସେ ଅକ୍ଲେଶରେ ଅନ୍ୟ ଭାଷାକୁ ମଧ୍ୟ ଆୟ□ କରିପାରେ ବୋଲି ଭାଷାବିଜ୍ଞାନୀଙ୍କ ମତ । ତେବେ ବି, ବିକୃତିରେ ହେଉ କି ହୀନମନ୍ୟତାରେ ; ଶିଶୁକୁ ମାତୃଭାଷାଠୁ ଦୂରେଇ ଦେବା ଏକ ଅକ୍ଷମଣୀୟ ସାମାଜିକ ଅପରାଧ ବୋଲି ମୁଁ ବିବେଚନା କରେ । ଏଣୁ ଉନ୍ନତ ଶିକ୍ଷା ବ୍ୟବସ୍ଥାରେ ମାତୃଭାଷାରେ ଅଂତତଃ ପ୍ରାଥମିକ ଶିକ୍ଷା ଦାନ ଏକାନ୍ତ ଜରୁରୀ । ମାତୃଭାଷା ଉଭୟ ଠୁଁଡ଼ର ଭାଷା ଓ ମୁଣ୍ଡର ଭାଷା, ଏହା ତା'ର ମଂଜ ଟାଣ କରିବା ସହିତ ମୂଳଦୁଆକୁ ମଜବୁତ କରେ । ଭାରତ ଦିନେ ଜ୍ଞାନର ଆଲୋକ ବ□ିକା ଥିଲା । ଜ୍ଞାନ ହିଁ ଥିଲା ଭାରତର ସଂପଦ ଓ ସୌଂଦର୍ଯ୍ୟ । ବିଶ୍ୱଗୁରୁ ଭାବରେ ସେ ସମଗ୍ର ମାନବ ସମାଜକୁ ଦିଗ୍‌ଦର୍ଶନ ଦେଉଥିଲା ।

ବିଭିନ୍ନ ଐତିହାସିକ କାରଣରୁ ସେ ଦୀପ ନିର୍ବାପିତ ନହେଲେ ମଧ୍ୟ ନିଷ୍ପ୍ରଭ । ସମୟ ଆସିଛି; ବିଶ୍ୱ ଯେତେବେଳେ ଜ୍ଞାନମୁହାଁ ହୋଇଛି; ସେତେବେଳେ ଆମକୁ ନିଜକୁ ସଜାଡ଼ିବାକୁ ପଡ଼ିବ; ଆତ୍ମ ସମୀକ୍ଷା କରିବାକୁ ହେବ । ବଂଦ କବାଟ ଝର୍କା ଖୋଲିବା ସହ ନିଜର ଅମାରର ତାଲା ଖୋଲିବାକୁ ହେବ । 'ଯାହା ନାହିଁ ଭାରତେ ତାହା ନାହିଁ ଜଗତେ'ର ଆପ୍ତବାକ୍ୟକୁ ଅନୁଶୀଳନ କରି ନୂତନ ଦିଶା ନିର୍ଣ୍ଣୟ କରିବାକୁ ହେବ । ଏହି ପରିପ୍ରେକ୍ଷୀରେ ସ୍ୱତଃ ମନକୁ ଆସୁଛି ସଂସ୍କୃତ ଭାଷା । ଏହା କେବଳ ଭାଷା ନୁହେଁ; ଏହା ସ୍ୱୟଂ ଏକ ସଂସ୍କୃତି; ଆମ ପରିଚିତି, ଅସ୍ମିତା, ବ୍ୟାପ୍ତି ଓ ଦ୍ୟୁତିର ଭି□ା ସଂସ୍କୃତ ଥିଲା ଦେବ ଭାଷା; କେଉଁ ଏକ ଦୈବୀ ଦୁର୍ବିପାକରେ ଏହା ଏବେ ମୁମୁର୍ଷପ୍ରାୟ । ସେହି ଗୌରବମୟ ଭାଷାର ପୁନଃ ସଂସ୍ଥାପନ ହେଉଛି ଆଜିର ଆହ୍ୱାନ । କାରଣ ସଂସ୍କୃତ ଭାଷା ହେଉଛି ଭାରତୀୟ ଚିନ୍ତନ, ଦର୍ଶନ, ମନନ ଓ ପ୍ରଜ୍ଞାର ପ୍ରକାଣ୍ଡ ଭଣ୍ଡାର । ଏହା ହୋଇପାରିବ ଆମ ଅସ୍ମିତାର ଆଇନା । ମାଟି ସହିତ ଯୋଡ଼ିବାକୁ ହେଲେ ସଂସ୍କୃତ ଭାଷାର ବିକଳ୍ପ ନାହିଁ, ଯାହାର ପୁନଃନବୀକରଣ ଏକାନ୍ତ ଜରୁରୀ ।

ପୃଥିବୀ ଏବେ ଏକ ଗ୍ରାମରେ ପରିଣତ ହୋଇଛି । ଗୋଲକୀକରଣ ଯୁଗରେ ଏହା ଯେତିକି ସୁଯୋଗ ସୃଷ୍ଟି କରିଛି; ସେତିକି ଆହ୍ୱାନ ମଧ୍ୟ । ନିଜକୁ ପ୍ରତିଷ୍ଠା କରିବା ପାଇଁ ସାରା ଦୁନିଆ ପଡ଼ିଛି ଏବଂ ଏହି ପ୍ରତିଦ୍ୱନ୍ଦିତାମୂଳକ ସ୍ଥିତିରେ ତିଷ୍ଠିବାକୁ ହେଲେ ନିଜକୁ ପ୍ରସ୍ତୁତ କରିବାକୁ ହେବ । ମୂଳ ଥିବ ମାଟିରେ; ଡ଼ାଳ ବ୍ୟାପିଥିବ ସାରା ଆକାଶ; ସାରା ପୃଥିବୀ । ଏଥିପାଇଁ ଯେଉଁ ପସ୍ତୁତି ଦରକାର; ସେଥିପାଇଁ ଅନୁକୂଳ ପରିବେଶ ଆମ ଶିକ୍ଷା ବ୍ୟବସ୍ଥା କରିବା ଦରକାର । ଏମିତି ବିଶ୍ୱମାନବ ବାହାରିବା ଦରକାର ଯାର ପ୍ରତିଟି ବିଜୟରେ ରୋମାଂଚିତ ହେଉଥିବ ଭାରତ ଏବଂ ତା'ର ସଫଳତା ବଖାଣୁଥିବ ଭାରତୀୟତା । ଅତୀତରୁ ପ୍ରେରଣା ସଂଗ୍ରହ କରି ଭବିଷ୍ୟତକୁ ଯାତ୍ରାର ନକ୍ସା ଓ କଂପାସ ହେଉ ଶିକ୍ଷା ବ୍ୟବସ୍ଥା । ସେତେବେଳେ ଆତ୍ମ ନିର୍ଭର ଭାରତ, ଭୋକାଲ ଫର ଲୋକାଲର ସ୍ୱପ୍ନ ସଫଳ ହେଇପାରିବ ।

ସଂପ୍ରତି ଜାତୀୟ ଶିକ୍ଷା ନୀତି ପ୍ରଣୀତ ହୋଇଛି । ଏହା ସମୟର ଆବଶ୍ୟକତା ପୂରଣ କରିବାକୁ ସମର୍ଥ ଓ ସକ୍ଷମ । ଏଥିରେ ଅଛି ପୁରୋଦୃଷ୍ଟି ଓ ଭୂୟୋଦର୍ଶନ । ପରଂପରା ସହ ପ୍ରଗତିର ମହାମିଳନ । ସ୍ଥାନୀୟତା ଓ ବିଶ୍ୱ ମଧ୍ୟରେ ସଂଗମ । ଆକାଂକ୍ଷା ନିଶ୍ଚିତ ଭାବରେ ମହତ; ତେବେ ସଫଳତା ନିର୍ଭର କରେ କାର୍ଯ୍ୟକାରିତା ଉପରେ । ମୁଁ ଆଶାବାଦୀ □ିଶ୍□ାକାଶରେ ନୂତନ ଉଦୟ; ଭାରତୋଦୟ ।

ପ୍ରଫେସର ଗଣେଶୀ ଲାଲ

Governor of Odisha
Chancellor, Utkal University

ପରିବେଶ ଚିନ୍ତନ

ଷଷ୍ଠ ମହାବିଲୁପ୍ତି ପଥରେ...

ଡ଼କ୍ଟର ଜୟକୃଷ୍ଣ ପାଣିଗ୍ରାହୀ
ସମ୍ପାଦକ, ଓଡିଶା ପରିବେଶ ସମିତି, ଭୁବନେଶ୍ୱର

ପୃଥିବୀପୃଷ୍ଠରେ ଜୀବନର ଉତ୍ପତ୍ତି ଏବଂ ବିବିଧ ରୂପରେ ଜୀବଜଗତର ପରିପ୍ରକାଶ ହେଉଛି ଏହି ଅନନ୍ୟ ନୀଳ ଗ୍ରହର ଏକ ବ୍ୟାଖ୍ୟାକାରୀ ବୈଶିଷ୍ଟ୍ୟ । ତେବେ ପୃଥିବୀ ବାହାରେ ଜୀବନର ସତ୍ତା ନିରୂପଣ କରିବାରେ ଗବେଷଣାତ୍ମକ ଅନୁସନ୍ଧାନ ଏପର୍ଯ୍ୟନ୍ତ ସଫଳତାର ଚରଣ ସ୍ପର୍ଶ କରି ନଥିବା ବେଳେ ପୃଥିବୀରୁ ଜୀବନର ବିଲୁପ୍ତି ସମ୍ଭାବନା ବିଷୟରେ ବୈଜ୍ଞାନିକମାନେ ସ୍ପଷ୍ଟ ଶବ୍ଦରେ ଚେତାବନୀ ଦେଲେଣି । ପ୍ରାୟ ୩୫୦ କୋଟି ବର୍ଷ ପୂର୍ବେ ଘଟିଥିବା ଜୀବନର ଉତ୍ପତ୍ତି ଏବଂ ପରବର୍ତ୍ତୀ କାଳରେ ବହୁବିଧ ପ୍ରାଣୀ, ଉଦ୍ଭିଦ ତଥା ଅଣୁଜୀବମାନଙ୍କର ଅଭ୍ୟୁଦୟ ନିଶ୍ଚିତ ରୂପେ ଏକ ଅସାଧାରଣ ପ୍ରକ୍ରିୟା ଯାହା କଳ୍ପନାତୀତ । ଏହାକୁ ବ୍ୟାଖ୍ୟା କରିବାରେ ବିବର୍ତ୍ତନବାଦ ବୈଜ୍ଞାନିକ ସିଦ୍ଧାନ୍ତ ଯେତିକି ମାତ୍ରାରେ ସକ୍ଷମ ନହୋଇଛି, ବର୍ତ୍ତମାନ ଜୀବଜାତିମାନେ ସମ୍ମୁଖୀନ ହେଉଥିବା ମାନବକୃତ ଆହ୍ୱାନ ସବୁର ପରିଣାମ ଯେ କେତେ ବିନାଶକାରୀ ହେଇପାରେ ତାହାର ପୂର୍ବାନୁମାନ କରିବାରେ ଏହା ସେତିକି ସମର୍ଥ ହୋଇଛି । ନିକଟର ଏକ ବୈଜ୍ଞାନିକ ବିଶ୍ଳେଷଣରୁ ଜଣାଯାଏ ଯେ ସ୍ଥଳଭାଗର ପାଞ୍ଚ ଶହରୁ ଅଧିକ ସଂଖ୍ୟାର ବିବିଧ ପ୍ରାଣୀ ଜାତି ଏବେ ବିଲୁପ୍ତିର ଦ୍ୱାରଦେଶରେ ଉପନୀତ ହେଲେଣି, ଯେଉଁମାନେ ଆଗାମୀ କୋଡିଏ ବର୍ଷ ମଧ୍ୟରେ ପୃଥିବୀରୁ ଅଦୃଶ୍ୟ ହୋଇଯିବାର ସମ୍ଭାବନା ସୃଷ୍ଟି ହୋଇଛି । ସମ ସଂଖ୍ୟାରେ ଏହି ଜୀବଜାତିମାନେ ସମଗ୍ର ବିଗତ ଶତାବ୍ଦୀରେ ମଧ୍ୟ ବିଲୁପ୍ତ ହୋଇ ସାରିଛନ୍ତି । ପ୍ରକୃତିରେ ମାନବୀୟ ହସ୍ତକ୍ଷେପ ଏବଂ ବିନାଶର ଅବର୍ତ୍ତମାନରେ ଏତେ ସଂଖ୍ୟକ ଜୀବମାନଙ୍କର ବିଲୁପ୍ତି ହୁଏତ ଲକ୍ଷ ଲକ୍ଷ ବର୍ଷ ଆବଶ୍ୟକ କରିଥା'ନ୍ତା ବୋଲି ବୈଜ୍ଞାନିକମାନେ ମତ ବ୍ୟକ୍ତ କରିଛନ୍ତି ।

ମନରେ ପ୍ରଶ୍ନ ଉଙ୍କିମାରେ ଯେ ଗୋଟିଏ ଜୀବଜାତି କେତେ କାଳ ପର୍ଯ୍ୟନ୍ତ ପୃଥିବୀପୃଷ୍ଠରେ ତିଷ୍ଠି ରହିବାର ସମ୍ଭାବନା ରହିଛି । ଯେତେବେଳେ ବିଶାଳ ନୀଳ ତିମି ବିଗତ ପ୍ରାୟ ୪୫ ଲକ୍ଷ ବର୍ଷ ଧରି ସମୁଦ୍ରର ଜଳରାଶିରେ ବିଚରଣ କରି ଆସୁଛି, ସେତେବେଳେ ନିଏଣ୍ଡେରଥଲ୍ ମଣିଷ କାହିଁକି ପ୍ରାୟ ତିନି ଲକ୍ଷ ବର୍ଷ ପରେ ଅସ୍ତିତ୍ୱରୁ ହଜି ଗଲା? 'ପିପୁଲ୍ ଆଣ୍ଡ ଦ ପ୍ଲାନେଟ୍' ପତ୍ରିକାର ଏକ ପ୍ରବନ୍ଧ ଅନୁଯାୟୀ ସ୍ତନ୍ୟପାୟୀ ପ୍ରାଣୀମାନଙ୍କ କ୍ଷେତ୍ରରେ ହାରାହାରି ଜାତିଗୁଡିକ ୧୦ ରୁ ୨୦ ଲକ୍ଷ ବର୍ଷ ପର୍ଯ୍ୟନ୍ତ ତିଷ୍ଠି ରହନ୍ତି । ମାତ୍ର ଏହି ହାରାହାରି ସମୟ ସମସ୍ତ ଭୂତାତ୍ତ୍ୱିକ ଅବଧି ବା ଜିଓଲଜିକାଲ୍ ପିରିଅଡ୍ ଏବଂ ସବୁ ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ପାଇଁ ପ୍ରଯୁଜ୍ୟ ହୁଏ ନାହିଁ । ୨୦୧୩ ମସିହାର ଏକ ଅଧ୍ୟୟନ ଅନୁଯାୟୀ

ବୃହତ୍ ସ୍ତନ୍ୟପାୟୀ ପ୍ରାଣୀଗୁଡିକ କ୍ଷୁଦ୍ର ସ୍ତନ୍ୟପାୟୀଙ୍କ ଅପେକ୍ଷା ଅଧିକ ସମୟ ଧରି ପୃଥିବୀରେ ଜୀବନଧାରଣ କରିଥା'ନ୍ତି । ଅମେରୁଦଣ୍ଡୀ ପ୍ରାଣୀମାନଙ୍କର ଏହି ଅବଧି ଅଧିକ ପ୍ରଭାବଶାଳୀ ଅଟେ ଏବଂ ସେମାନେ ହାରାହାରି ୫୦ ଲକ୍ଷରୁ ଏକ କୋଟି ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହନ୍ତି । ଏହା ପୃଥିବୀର ପ୍ରାକୃତିକ ପରିବେଶ, ପରିସ୍ଥିତି ଏବଂ ଜୀବଜାତିର ପରିପାର୍ଶ୍ୱିକ ଅବସ୍ଥା ସହିତ ଖାପ ଖୁଏଇବାର ଦକ୍ଷତା ଉପରେ ନିର୍ଭରଶୀଳ । କିନ୍ତୁ ଡ୍ୟୁକ୍ ବିଶ୍ୱବିଦ୍ୟାଳୟର ଅଗ୍ରଣୀ ବିଲୁପ୍ତି ବିଶେଷଜ୍ଞ ତଥା ସଂରକ୍ଷଣ ଇକୋଲୋଜିଷ୍ଟ ଷ୍ଟୁଆର୍ଟ ପିମ୍ ମତ ବ୍ୟକ୍ତ କରିଛନ୍ତି ଯେ ପ୍ରତ୍ୟେକ ଦିନ, କିମ୍ବା ମାସ ଅଥବା ବର୍ଷରେ କେତେ ଜାତି ବିଲୋପ ହୋଇଯା'ନ୍ତି, ସେହି ଦୃଷ୍ଟିରୁ ହିଁ ବିଲୁପ୍ତି ପ୍ରକ୍ରିୟାକୁ ବିଶ୍ଳେଷଣ କରିବା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ । ସାଇଣ୍ଟିଫିକ୍ ଆମେରିକାନ୍ ପତ୍ରିକାରେ ୨୦୧୯ରେ ପ୍ରକାଶିତ ଜନ୍ ଆର୍. ପ୍ଲାଟ୍ଙ୍କ ପ୍ରବନ୍ଧ 'ବିଲୁପ୍ତ ହେବାକୁ ଯାଉଥିବା ଅଧିକ ଜୀବଜାତି ବିଷୟରେ ଆମେ କାହିଁକି ଶୁଣୁନାହୁଁ' ର ସାରାଂଶରେ ମତ ବ୍ୟକ୍ତ କରିଛନ୍ତି ଯେ ଏହା ସତ୍ୟ ଆଜି ବିଲୁପ୍ତି ସଙ୍କଟ ସମଗ୍ର ପୃଥିବୀରେ ଉପସ୍ଥିତ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି, କିନ୍ତୁ ବୈଜ୍ଞାନିକମାନେ ଗୋଟିଏ ଜାତିର ବିଲୁପ୍ତ ହେବାକୁ ଏତେ ଶୀଘ୍ର ଘୋଷଣା କରିବାରେ ସତର୍କତା ଅବଲମ୍ବନ କରନ୍ତି ।

ଏବେ ଷଷ୍ଠ ମହାବିଲୁପ୍ତି ବିଷୟରେ ବିଶ୍ଳେଷଣ କଲାବେଳେ ମନରେ ସ୍ୱତଃ ପୂର୍ବରୁ ସଂଘଟିତ ହୋଇଥିବା ଅନ୍ୟ ପାଞ୍ଚଟି ମହାବିଲୁପ୍ତିର ପ୍ରଶ୍ନ ଉଠେ । ପୃଥିବୀର ବିଭିନ୍ନ ଭୂତାତ୍ତ୍ୱିକ ଅବଧିରେ ଅତୀତରେ ଘଟିଥିବା ଏହି ବିଲୁପ୍ତିଗୁଡିକ ହେଲା ଅର୍ଡୋଭିସିଆନ୍-ସିଲୁରିଆନ୍ ବିଲୁପ୍ତି (୪୪୦ ନିୟୁତ ବର୍ଷ ପୂର୍ବେ), ଡିଭୋନିଆନ୍ ବିଲୁପ୍ତି (୩୬୫ ନିୟୁତ ବର୍ଷ ପୂର୍ବେ), ପରମିୟାନ୍-ଟ୍ରାୟାସିକ୍ ବିଲୁପ୍ତି (୨୫୦ ନିୟୁତ ବର୍ଷ ପୂର୍ବେ), ଟ୍ରାୟାସିକ୍-ଜୁରାସିକ୍ ବିଲୁପ୍ତି (୨୧୦ ନିୟୁତ ବର୍ଷ ପୂର୍ବେ) ଏବଂ କ୍ରିଟାସିଅସ୍-ଟର୍ସିଆରୀ ବିଲୁପ୍ତି (୬୫ ନିୟୁତ ବର୍ଷ ପୂର୍ବରୁ) । ନିକଟରେ ବୈଜ୍ଞାନିକ ପତ୍ରିକା 'ହିଷ୍ଟୋରିକାଲ୍ ବାୟୋଲୋଜି' ରେ ପ୍ରକାଶିତ ଏକ ପ୍ରବନ୍ଧରେ ସାମ୍ପ୍ରତିକ ଅନୁସନ୍ଧାନ ଉପରେ ପର୍ଯ୍ୟବସିତ 'ଗୁଆଡାଲୁପିଆନ୍-ଶେଷ' (୨୫୯.୮ ନିୟୁତ ବର୍ଷ ପୂର୍ବେ) ନାମକ ଏକ ନୂତନ ପ୍ରମୁଖ ବିଲୁପ୍ତି ଘଟିଥିବାର ଆଲୋଚନା କରାଯାଇଛି । ଉଭୟ ସମୁଦ୍ର ଏବଂ ସ୍ଥଳଭାଗସ୍ଥ ବିଭିନ୍ନ ପ୍ରକାରର ପରିସଂସ୍ଥା ଉପରେ ଏହି ମହାବିଲୁପ୍ତି ସବୁର ବ୍ୟାପକ ନକାରାତ୍ମକ ପ୍ରଭାବ ବିସ୍ତାରିତ ହୁଏ ଏବଂ ବହୁ ଜୀବଜାତି ବିଲୁପ୍ତିର ଶିକାର ହୁଅନ୍ତି । ଭୂତଳ ପ୍ରସ୍ତର ସ୍ତରଗୁଡିକରେ ଉପଲବ୍ଧ ହେଉଥିବା ଜୀବାଶ୍ମ ରେକର୍ଡରୁ ଆମେ କ୍ଷୁଦ୍ର ସାମୁଦ୍ରିକ ଜୀବଠାରୁ ବିଶାଳ ଡାଇନୋସର୍ ପର୍ଯ୍ୟନ୍ତ ବିଭିନ୍ନ ଜୀବମାନଙ୍କର ଅତୀତର ଉପସ୍ଥିତି ବିଷୟରେ ଜ୍ଞାନ ଆହରଣ କରିପାରୁଛେ । ତେବେ ଗୋଟିଏ ସ୍ତରରେ ବହୁ ପ୍ରକାର ଜୀବଙ୍କର ଜୀବାଶ୍ମ ମିଳିବା ଏବଂ ପରବର୍ତ୍ତୀ ସମୟରେ ଏସବୁ ଉପଲବ୍ଧ ନହେବା ହିଁ ଏକ ସମୂହ ବିଲୁପ୍ତିର ସୂଚନା ପ୍ରଦାନ କରେ ।

ପ୍ରାୟ ୬୫ ନିୟୁତ ବର୍ଷ ପୂର୍ବେ ଘଟିଥିବା ପଞ୍ଚମ ବିଲୁପ୍ତିରେ ଡାଇନୋସର୍ ଏବଂ ସେସମୟରେ ଜୀବିତ ଥିବା ସମସ୍ତ ଉଦ୍ଭିଦ ଏବଂ ପ୍ରାଣୀମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ପୃଥିବୀରୁ ଏକତ୍ର ଅଦୃଶ୍ୟ ହେବାର ପ୍ରମାଣ ଜୀବାଶ୍ମ ରେକର୍ଡରେ ଉପଲବ୍ଧ ଅଛି । ଏହି ପାଞ୍ଚଟି ବିଲୁପ୍ତିର ପୃଷ୍ଠଭୂମିରେ ବିବିଧ ପ୍ରାକୃତିକ ବିପର୍ଯ୍ୟୟର ଘଟଣାମାନ ରହିଥିଲା ବେଳେ ଏବେ କିନ୍ତୁ ଘଟୁଥିବା ଷଷ୍ଠ ବିଲୁପ୍ତର ମୁଖ୍ୟ କାରକ ହେଉଛି ପ୍ରକୃତି ନୁହେଁ, ବରଂ ସ୍ୱୟଂ ମଣିଷ ।

ନିକଟରେ ମିଆଁମାର୍‌ରେ ଆବିଷ୍କୃତ ହୋଇଥିବା ମାଙ୍କଡ଼ ଜାତିର ପୋପା ଲଙ୍ଗୁର ମାତ୍ର ପ୍ରାୟ ୨୦୦ ସଂଖ୍ୟାକୁ ହ୍ରାସ ପାଇ 'ଗୁରୁତର ବିପଦଗ୍ରସ୍ତ' ବର୍ଗରେ ସ୍ଥାନ ପାଇଛି ଏବଂ ବିଲୁପ୍ତିର ନିକଟତର ହୋଇଛି । ଅନ୍ୟ ପକ୍ଷରେ, ୨୦୧୮ ମସିହାରେ ଉତ୍ତର ଗୋଲାର୍ଦ୍ଧସ୍ଥ ଧଳା ଗଣ୍ଡାର ଶେଷ ପୁରୁଷଟି କେନିଆର ଏକ ବନ୍ୟଜନ୍ତୁ ଅଭୟାରଣ୍ୟରେ ମୃତ୍ୟୁ ବରଣ କଲା ପରେ ଅବଶିଷ୍ଟ କେବଳ ଦୁଇଟି ମାଇ ବଞ୍ଚି ରହିଛନ୍ତି; ଫଳ ସ୍ୱରୂପ ଏହି ଜାତିର ପ୍ରଜନନ ଏବଂ ବଂଶ ଜାରି ରଖିବା ପାଇଁ କୌଣସି ଉପାୟ ହିଁ ଆଉ ଉପଲବ୍ଧ ନାହିଁ । ଚିତାବାଘ ଭାରତରୁ ୧୯୫୨ ମସିହାରେ ଏବଂ ପୂର୍ବରୁ ମରିସସ୍‌ରେ ଥିବା ଡୋଡୋ ପକ୍ଷୀ ୧୬୮୧ ସୁଦ୍ଧା ବିଲୁପ୍ତ ହୋଇ ସାରିଛନ୍ତି । ଜୀବଜାତିର ଐତିହାସିକ ମୃତ୍ୟୁ ହାର, ଯାହାକୁ ପୃଷ୍ଠଭୂମି ବିଲୁପ୍ତି ହାର କୁହାଯାଏ, ତାହା ପିମ୍‌ଙ୍କ ମତରେ ହେଉଛି ପ୍ରତ୍ୟେକ ବର୍ଷ ଦଶ ଲକ୍ଷ ଜାତି ମଧ୍ୟରୁ ପ୍ରାୟ ଗୋଟିଏ ଜାତିର ବିଲୁପ୍ତି ଘଟିବା । କିନ୍ତୁ ବର୍ତ୍ତମାନର ବିଲୁପ୍ତି ହାର ଅତୀତର ମନୁଷ୍ୟ ପୂର୍ବ-ସମୟର ଏହି ହାର ତୁଳନାରେ ଯଥେଷ୍ଟ ଅଧିକ, ଏପରିକି ପ୍ରାୟ ୧୦୦ ରୁ ୧୦୦୦ ଗୁଣ ଅଧିକ ମଧ୍ୟ ହୋଇପାରେ । ଏହା ଆମେ ଜାଣିବା ବିଧେୟ ଯେ ବିଲୁପ୍ତି ପ୍ରକ୍ରିୟା ଅଧିକ ବିଲୁପ୍ତିକୁ ପ୍ରୋତ୍ସାହିତ କରେ, କାରଣ ଗୋଟିଏ ଜାତିର ସମାପ୍ତି ଦ୍ୱାରା ଏହା ଉପରେ ନିର୍ଭରଶୀଳ ଅନ୍ୟ ଜାତିମାନେ ଶୃଙ୍ଖଳ ପ୍ରତିକ୍ରିୟାରେ ପ୍ରଭାବିତ ହୁଅନ୍ତି, ଯାହାକୁ 'ଡୋମିନୋ ପ୍ରଭାବ'ର ଆଖ୍ୟା ଦିଆଯାଇଛି । ଏକ ଅନ୍ତର୍ଜାତୀୟ ଅଧ୍ୟୟନରେ ପ୍ରକୃତିର ସଂରକ୍ଷଣ ନିମନ୍ତେ ଆନ୍ତର୍ଜାତୀୟ ସଂଘ (IUCN) ସଂସ୍ଥାର ବିପଦପୂର୍ଣ୍ଣ ଜାତି ଲାଲ ତାଲିକା ଏବଂ ବାର୍ଡ ଲାଇଫ୍ ଇଣ୍ଟରନ୍ୟାସନାଲ୍ ଦ୍ୱାରା ସଂକଳିତ ୨୯,୪୦୦ଟି ସ୍ଥଳଭାଗସ୍ଥ ମେରୁଦଣ୍ଡୀ ପ୍ରାଣୀ ଜାତିକୁ ପରୀକ୍ଷଣ କରାଗଲା । ଗବେଷକମାନେ ସେଥିରୁ ୧,୦୦୦ ରୁ କମ୍ ସଂଖ୍ୟାରେ ଥିବା ୫୨୫ଟି ଜୀବଜାତିକୁ ଚିହ୍ନଟ କରିଥିଲେ ଏବଂ ଏଥିରୁ ପ୍ରାୟ ଅର୍ଦ୍ଧେକ ଜୀବ ୨୫୦ ରୁ କମ୍ ସଂଖ୍ୟାରେ ବଞ୍ଚିଥିଲେ । ଏହି ସ୍ତନ୍ୟପାୟୀ ପ୍ରାଣୀ, ପକ୍ଷୀ, ସରୀସୃପ ଏବଂ ଉଭୟଚର ଜୀବଜନ୍ତୁମାନଙ୍କ ମଧ୍ୟରୁ ଅଧିକାଂଶ ଗ୍ରୀଷ୍ମମଣ୍ଡଳୀୟ ଏବଂ ଉପ-ଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳରେ ଉପଲବ୍ଧ ହୋଇଥା'ନ୍ତି ।

ପ୍ରକୃତି ପାଇଁ ବିଶ୍ୱବ୍ୟାପୀ ପାଣ୍ଡି (WWF) ଦ୍ୱାରା ୨୦୧୮ରେ ପ୍ରକାଶିତ 'ଲିଭିଂ ପ୍ଲାନେଟ ରିପୋର୍ଟ' ଅନୁଯାୟୀ ୧୯୭୦ ରୁ ୨୦୧୪ ମଧ୍ୟରେ ବନ୍ୟଜନ୍ତୁ ସଂଖ୍ୟା (ସ୍ତନ୍ୟପାୟୀ, ସରୀସୃପ, ଉଭୟଚର, ପକ୍ଷୀ ଏବଂ ମାଛ ସମେତ) ପ୍ରାୟ ୬୦% ହ୍ରାସ ପାଇଛି । ଅମେରୁଦଣ୍ଡୀ ପ୍ରାଣୀ ଏବଂ ଉଦ୍ଭିଦମାନଙ୍କର ସ୍ଥିତି ସମ୍ପର୍କରେ କମ୍ ସୂଚନା ଉପଲବ୍ଧ ଅଛି, କିନ୍ତୁ ପ୍ରମାଣ ଅଛି ଯେ କୀଟପତଙ୍ଗମାନେ ସ୍ତନ୍ୟପାୟୀ, ପକ୍ଷୀ ଏବଂ ସରୀସୃପ ପ୍ରାଣୀଙ୍କ ତୁଳନାରେ ଆଠ ଗୁଣ ଅଧିକ ହାରରେ ବିଲୁପ୍ତ ହେଉଛନ୍ତି । ଯଦି ଏହି ପ୍ରକ୍ରିୟାରେ ପରାଗସଙ୍ଗମକାରୀ କୀଟପତଙ୍ଗ ଏବଂ ପୋଷକ ପୁନର୍ଚକ୍ରଣକାରୀମାନେ ବିଲୋପ ହୋଇଯା'ନ୍ତି, ତେବେ ଆମେ ଅନେକ ଫଳ, ପନିପରିବା ଇତ୍ୟାଦି ହରାଇ ବସିବୁ ଏବଂ କ୍ରମେ ପ୍ରକୃତିର ପତନ ଘଟିବ । କିଛି ଜୀବଜାତିର ବିଲୁପ୍ତି ଫଳରେ ଜଙ୍ଗଲ ପରିସଂସ୍କାର ସରଳୀକରଣ ହୋଇଥାଏ, ଖାଦ୍ୟ ଶୃଙ୍ଖଳ ବାଧାପ୍ରାପ୍ତ ହୁଏ ଏବଂ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବାର ଦକ୍ଷତା ମଧ୍ୟ ହ୍ରାସ ପାଏ । ତେଣୁ ଏହି ବିଲୁପ୍ତି ପ୍ରକ୍ରିୟାରେ ଆମେ କେବଳ ପ୍ରକୃତିର ଚମତ୍କାରିତାକୁ ହରାଉ ନାହୁଁ, ଏହା ସହିତ ଏହି ଜୀବଜାତିଙ୍କ ଦ୍ୱାରା ପ୍ରଦତ୍ତ ସେବା ଏବଂ ଦ୍ରବ୍ୟରୁ ଆମେ ବଞ୍ଚିତ ହେଉଛୁ, ଏବଂ ପ୍ରାକୃତିକ ବିବର୍ତ୍ତନ ପ୍ରକ୍ରିୟାର ଦିଗ ମଧ୍ୟ ଭ୍ରମିତ ହେଉଛି । ଆମ ନିଜର ଜୀବନ-ସୁଦୃଢକାରୀ ବ୍ୟବସ୍ଥାକୁ ନଷ୍ଟଭ୍ରଷ୍ଟ କରି ଭବିଷ୍ୟତକୁ ବିପଦଗ୍ରସ୍ତ କରୁଛୁ । ବିଡମ୍ବନା ହେଉଛି ଯେ ଯେଉଁ କ୍ଷିପ୍ର ହାରରେ ବିଲୁପ୍ତି ଘଟୁଛି, ସେହି ଅନୁପାତରେ ପ୍ରକୃତି ନୂତନ ଜୀବଜାତି ସୃଷ୍ଟି କରିବାରେ ସକ୍ଷମ ହେଉନାହିଁ । ପ୍ରାକୃତିକ ପରିସଂସ୍ଥା ଏବଂ ବନ୍ୟଜନ୍ତୁଙ୍କର ଅଧିକତର ହ୍ରାସନ ଦ୍ୱାରା ବସ୍ତୁ-ଭିତ୍ତି ଦୃଷ୍ଟିରୁ ସମାଜର ବୃହତ ବିପର୍ଯ୍ୟୟ ସାଧିତ ହେବ । ଏହା ମଧ୍ୟ ବିଚାରଯୋଗ୍ୟ ଯେ ଅନେକ ବନ୍ୟଜୀବ ବସ୍ତୁ ଅର୍ଥରେ ଆମ ପାଇଁ ମୂଲ୍ୟବାନ ନହେଲେ ମଧ୍ୟ ସୌନ୍ଦର୍ଯ୍ୟ ଏବଂ ଆଧ୍ୟାତ୍ମିକତା ଦୃଷ୍ଟିରୁ ଅମୂଲ୍ୟ ଏବଂ ସେମାନଙ୍କର ଏକ ପ୍ରକୃତିଦତ୍ତ ଅନ୍ତର୍ନିହିତ ମୂଲ୍ୟ ମଧ୍ୟ ରହିଛି ।

ଏପରି ଷଷ୍ଠ ବା ହଲୋସିନ୍ ସମୂହ ବିଲୁପ୍ତିର ମୁଖ୍ୟ କାରକ ରୂପେ ପୃଷ୍ଠଭୂମିରେ ଉଭା ହୋଇଛି ମାତ୍ର ଦୁଇ ଲକ୍ଷ ବର୍ଷ ପୂର୍ବେ ପୃଥିବୀର ଦୃଶ୍ୟପଟ୍ଟରେ ଆବିର୍ଭୂତ ହୋଇଥିବା ମାନବଜାତି ଏବଂ ଏହାର ବିବିଧ ପରିବର୍ତ୍ତନକାରୀ କାର୍ଯ୍ୟକଳାପ । ବିଜ୍ଞାନ ଏବଂ ପ୍ରଯୁକ୍ତିର ଆଶାତୀତ ଅଗ୍ରଗତିରୁ ଉପଲବ୍ଧ ସୁଫଳର ବିନିଯୋଗରେ ଜୀବନକୁ ସରସ ସୁନ୍ଦର ଏବଂ ଉପଭୋଗ୍ୟ କରିବା ଲକ୍ଷ୍ୟରେ ମାନବଜାତି ଏବେ ନିଜର ବିଜ୍ଞତା ଏବଂ ସମ୍ବେଦନଶୀଳତା ହରାଇ ବିନାଶକାରୀର ଭୂମିକା ନିଭାଉଛି । ପରିଣାମ ସ୍ୱରୂପ, ପ୍ରକୃତି ଓ ପରିବେଶରେ ଅବନତି ଏବଂ ଏସବୁର ଗୁଣାତ୍ମକ ମାନରେ ଅବକ୍ଷୟ ଘଟୁଛି । ଜଙ୍ଗଲ ଓ ଜୀବଜନ୍ତୁଙ୍କ ବାସସ୍ଥଳୀ ନଷ୍ଟ, ପ୍ରଦୂଷଣ, ଜୈବିକ ସମ୍ବଳର ଅତ୍ୟଧିକ ବ୍ୟବହାର, ବିଦେଶୀ ଜୀବଜାତିର ପ୍ରବେଶ, ଆର୍ଦ୍ରଭୂମିର ବିଲୋପ, ବିସ୍ଫୋରିତ ଜନସଂଖ୍ୟାର ଚାପ ଏବଂ ଅନ୍ୟାନ୍ୟ ଧ୍ୱଂସାତ୍ମକ କାର୍ଯ୍ୟକଳାପ ଦ୍ୱାରା ଅଣ-ମାନବ ଜଗତ ଏବଂ ଏହା ପ୍ରଦାନ କରୁଥିବା ଦ୍ରବ୍ୟ ଓ ସେବାରେ ବ୍ୟାପକ କ୍ଷତି ଘଟିଚାଲିଛି । ପ୍ରାଣୀ ଏବଂ ଉଦ୍ଭିଦମାନଙ୍କର ଏପରି ବିଲୁପ୍ତି

ସଂଘଟିତ ହୋଇ ଚାଲିଲେ ଆମେ ବଞ୍ଚିବା ପାଇଁ ନିର୍ଭର କରୁଥିବା ପ୍ରାକୃତିକ ପରିସଂସ୍ଥା ସବୁର କ୍ରମଶଃ ପତନ ଘଟିବ । ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ଇତ୍ୟାଦି ଗମ୍ଭୀର ପରିବେଶ ସଙ୍କଟ ସହିତ ଜୈବବିବିଧତାର ଏପରି ଅସ୍ୱାଭାବିକ, ତ୍ୱରିତ ହ୍ରାସନ ହୁଏତ ମାନବ ସଭ୍ୟତାର ସମ୍ଭାବ୍ୟ ପତନର ଏକ ବଳିଷ୍ଠ ସୂଚକ ହୋଇପାରେ । ଲଣ୍ଡନ ୟୁନିଭରସିଟି କଲେଜର ଜୈବବିବିଧତା ଏବଂ ପରିବେଶ ଗବେଷଣା କେନ୍ଦ୍ରର ମୁଖ୍ୟ ପ୍ରଫେସର ଜର୍ଜିନା ମେସ୍‌ଙ୍କ ଅନୁଯାୟୀ ଜୈବବିବିଧତାର ଏହି ସମ୍ଭାବ୍ୟ ବିପର୍ଯ୍ୟୟକୁ ରୋକିବା ନିମନ୍ତେ ଜରୁରୀ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଗ୍ରହଣ ଅତ୍ୟନ୍ତ ପ୍ରୟୋଜନୀୟ ଅଟେ; ଅନ୍ୟଥା ଆମେ ବଞ୍ଚିବା ପାଇଁ ନିର୍ଭର କରୁଥିବା ପ୍ରାକୃତିକ ପରିସଂସ୍ଥାସବୁରେ ଅପରିବର୍ତ୍ତନୀୟ ଅବନତି ଘଟିବ । ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ପଲ୍ ଏରଲିଚ୍‌ଙ୍କ ମତରେ, "ବିପଦଗ୍ରସ୍ତ ଜାତିର ସଂରକ୍ଷଣକୁ ସରକାର ଏବଂ ଅନୁଷ୍ଠାନମାନେ ଏକ ବିଶ୍ୱସ୍ତରୀୟ ଜରୁରୀକାଳୀନ ପରିସ୍ଥିତି ରୂପେ ବିଚାର କରି ଗୁରୁତ୍ୱ ପ୍ରଦାନ କରିବା ଉଚିତ, ଯେତିକି ଗୁରୁତ୍ୱ ଜଳବାୟୁ ସଙ୍କଟ ଲାଭକରୁଛି ଏବଂ ଯାହା ସହିତ ଏହି ବିଲୁପ୍ତି ମଧ୍ୟ ସମ୍ବନ୍ଧିତ ।" ପ୍ରକୃତିକୁ ନଷ୍ଟଭ୍ରଷ୍ଟ କରିବା ଆମ ପାଇଁ ଯଥେଷ୍ଟ ମହଙ୍ଗା ପଡିବ ଏବଂ ପୁଣି ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ପାଇଁ ପ୍ରଚେଷ୍ଟା କରିବା ମଧ୍ୟ ଅତ୍ୟନ୍ତ କଷ୍ଟକର ସାବ୍ୟସ୍ତ ହେବ । ଅନ୍ୟ ପରିବେଶଜନିତ ସମସ୍ୟା ସହିତ ଜଳବାୟୁ ପରିବର୍ତ୍ତନ ଏବଂ ଜୈବବିବିଧତା ହ୍ରାସ ସମସ୍ୟାର ସମାଧାନ ନିମନ୍ତେ ଏକତ୍ର ଆବଶ୍ୟକ ପନ୍ଥା ଅବଲମ୍ବନ କଲେ ଉଭୟ ମଣିଷ ଏବଂ ପ୍ରକୃତି ପାଇଁ ବିଜୟ-ବିଜୟ (ୱିନ୍-ୱିନ୍) ପରିସ୍ଥିତିର ରାସ୍ତା ଉନ୍ମୁକ୍ତ ହୋଇପାରିବ । ଏଥି ନିମନ୍ତେ ପ୍ରତିବଦ୍ଧତା ପ୍ରକାଶ ହିଁ ମାନବଜାତିର ବିଜ୍ଞତାର ପରିଚୟ ପ୍ରଦାନ କରିବ ।

(Prof (Dr.) Jaya Krushna Panigrahi is an eminent Educationist and Environmentalist, well known nationally and internationally for his contribution to the fields of popularisation of science, protection of environment and conservation of natural resources. He had obtained his M.Phil in Zoology from Utkal University in 1984 and Ph.D. in 2003. A popular professor and Principal he has received many awards and recognition, including Lifetime Achievement Award by NISER (2018), KIIT Science Congress Award (2017), Bharat Ratna Mother Teresa Gold Medal by GEPRA, TN (2021), and Man of the Year Award by American Biographical Society (2003).)

jk.panigrahi@gmail.com; 9437076100

ସ୍ୱାଧୀନତା ଆନ୍ଦୋଳନର ଏକ ମର୍ମନ୍ତୁଦ ଅଧ୍ୟାୟ

ଡଃ ନିହାର ରଂଜନ ପଟ୍ଟନାୟକ

ଭାରତ ଛାଡ ପ୍ରସ୍ତାବ, ଭାରତୀୟ ଜାତୀୟ କଂଗ୍ରେସର ଥିଲା ଏକ ଯୁଗାନ୍ତକାରୀ ପଦକ୍ଷେପ । ପ୍ରସ୍ତାବରେ ଦାବିକରାଯାଇଥିଲା ଯେ, ବ୍ରିଟିଶ ସରକାର ଭାରତକୁ ସ୍ୱାଧୀନତା ଦେବା ବିଷୟରେ ଶୀଘ୍ର ଘୋଷଣା ନକଲେ କଂଗ୍ରେସ, ଗାନ୍ଧିଜୀଙ୍କ ନେତୃତ୍ୱରେ ତୀବ୍ରରୂପେ ଅହିଂସା ଆନ୍ଦୋଳନ କରିବାକୁ ବାଧହେବ । ଗାନ୍ଧିଜୀ ଶେଷ ମୁହୂର୍ତ ପର୍ଯ୍ୟନ୍ତ ଆଶା କରୁଥିଲେ ଯେ, ପରିସ୍ଥିତିକୁ ଅଧିକ ଜଟିଳ ନକରି ବ୍ରିଟିଶ ସରକାର ଭାରତୀୟ ଦାବୀଗୁଡିକୁ ମାନିନେବେ । ମାତ୍ର ତାଙ୍କର ଧାରଣା ଏ କ୍ଷେତ୍ରରେ ଭ୍ରମାତ୍ମକ ବୋଲି ପ୍ରମାଣିତ ହୋଇଥିଲା । ଅନ୍ୟପକ୍ଷରେ ତାଙ୍କୁ ଏବଂ କଂଗ୍ରେସର ଅନ୍ୟ କେତେଜଣ ବିଶିଷ୍ଟ ନେତାଙ୍କୁ କାରାରୁଦ୍ଧ କରାଗଲା । କିନ୍ତୁ ଏ ସବୁ ସତ୍ତ୍ୱେ ଭାରତଛାଡ ପ୍ରସ୍ତାବଟି ଭାରତୀୟ ମାନଙ୍କୁ ଏପରିଭାବେ ପ୍ରଭାବିତ କରିଥିଲା ଯେ, ନେତୃବୃନ୍ଦଙ୍କ ଗିରଫ ଦିନ ହିଁ ସେମାନେ ଭାରତଛାଡ ଆନ୍ଦୋଳନ ଆରମ୍ଭ କରିଦେଲେ । ଏହାଥିଲା ୧୯୪୨ ମସିହା ଅଗଷ୍ଟ ମାସର କଥା ।

ଓଡିଶାରେ ଏହି ଆନ୍ଦୋଳନ ଭୀଷଣ ରୂପ ଧାରଣ କରିଥିଲା । ଆନ୍ଦୋଳନାତ୍ମକ କାର୍ଯ୍ୟକଳାପ ପାଇଁ ଅନେକ ନେତୃବୃନ୍ଦ ଏହି ସମୟରେ ସରକାରଙ୍କ ଦ୍ୱାରା ଗିରଫ ହୋଇଥିଲେ । ତନ୍ମଧ୍ୟରୁ ହରେକୃଷ୍ଣ ମହତାବ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଭାଗିରଥି ମହାପାତ୍ର, ରମାଦେବୀ ଆଦି ଅଗ୍ରଗଣ୍ୟ । କିନ୍ତୁ ନେତାମାନଙ୍କ ଗିରଫ ସତ୍ତ୍ୱେ ଭାରତଛାଡ ଆନ୍ଦୋଳନ ଓଡିଶାରେ ବ୍ୟାପକ ହୋଇଉଠିଲା । ବସ୍ତୁତଃ, ଏହା ପ୍ରଥମେ ରେଭେନ୍ସା ମହାବିଦ୍ୟାଳୟରୁ ହିଁ ଆରମ୍ଭ ହୋଇ କଟକ ଜିଲ୍ଲାର ଅନ୍ୟାନ୍ୟ ଅଂଚଳକୁ ତଥା ବାଲେଶ୍ୱର କୋରାପୁଟ ଓ ଗଡଜାତ ଅଂଚଳକୁ ବ୍ୟାପିଯାଇଥିଲା । କଂଗ୍ରେସ ନେତାମାନଙ୍କ ଗିରିଫଂରେ ଚାରିଆଡେ ପ୍ରତିବାଦ ସଭା, ଶୋଭାଯାତ୍ରା ଓ ଛାତ୍ର ଧର୍ମଘଟ ଦେଖାଦେଲା ।

ଘଟଣା ଚକ୍ରରେ ଅବଶ୍ୟ ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନ ପରବର୍ତ୍ତୀ ସମୟରେ ହିଂସାତ୍ମକ ହୋଇପଡିଥିଲା । ***କର ବା ମର*** ଧ୍ୱନୀରେ ଭାରତ ତଥା ଓଡିଶାର ଗଗନ ପବନ ପ୍ରକମ୍ପିତ ହେଲା । ମାତ୍ର ଆପୋଷ ମିଳାମିଶା ପାଇଁ ଉଦ୍ୟମ କରିବା ପରିବର୍ତ୍ତେ ସରକାର ନିର୍ଦ୍ଦୟ ଭାବେ ଆନ୍ଦୋଳନ ଦମନ କରିବାକୁ ଲାଗିପଡିଲେ ।

ଧରପଗଡ, ଗିରଫ, ଖାନତଲାସି, ସମ୍ପତ୍ତି ବାଜ୍ୟାପ୍ତି, ସମ୍ପତ୍ତି ଧ୍□ଂସ, ଲାଠିମାଡ, ଧମକ ଚମକ, ଜୋରିମାନା ଆଦି, ପ୍ରକାର ପ୍ରକାରର ନିଷ୍ଠୁର ଦମନ ଲୀଳା ଆରମ୍ଭ ହୋଇଗଲା । ବନ୍ଧୁକ ଓ ମେସିନ୍‌ଗନରୁ ଗୁଳିଚାଳନା କରାଯାଇ ସତ୍ୟାଗ୍ରହୀମାନଙ୍କୁ ନିଃଶେଷ କରିବାର ଚେଷ୍ଟାକରା ଗଲା । ଏହିପରି ଏକ ଅମାନୁଷିକ ଦମନ ତଥା ଗୁଳିକାଣ୍ଡର ଏକ ଲୋମହର୍ଷଣକାରୀ ଘଟଣା ଘଟିଥିଲା କାଇପଡା- କଳାମାଟିଆ ଅଂଚଳରେ ।

ଗାନ୍ଧିଜୀଙ୍କ ସ୍ୱାଧୀନତା ସଂଗ୍ରାମାଭିମୁଖୀ ବାର୍ତ୍ତାର ପ୍ରସାର ତଥା ଲୋକଙ୍କର ଗଠନ ମୂଳକ କାର୍ଯ୍ୟର ପ୍ରଶିକ୍ଷଣ ପାଇଁ ୧୯୩୪ ମସିହାରେ ବରୀଠାରେ ଏକ ସେବା ଆଶ୍ରମ ଗୋପବନ୍ଧୁ ଚୌଧୁରୀଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ସେହିପରି କେନ୍ଦ୍ରଗୁଡିକ ମଧ୍ୟ କାଇପଡା, ରାମଚନ୍ଦ୍ରପୁର, ଅଣିକଣା ଓ ସନ୍ୟାସୀପୁର ଆଦି ସ୍ଥାନମାନଙ୍କରେ ଖୋଲାଯାଇଥିଲା । ଏତଦ୍ ବ୍ୟତୀତ ଏଠାରେ ବାନର ସେନା ନାମକ ଏକ ସଂଗଠନ ମଧ୍ୟ ସ୍ଥାପିତ ହୋଇଥିଲା । ଏହାର କାମଥିଲା ସରକାରୀ କାର୍ଯ୍ୟାଳୟ, ଡାକଘର ଓ ଥାନା ଆଦିକୁ ଅବରୋଧକରି ସରକାରୀ କଳକୁ ପଙ୍ଗୁକରିଦେବା । ଏଠାକାର ବାନର ସେନା ସଂଗଠନରେ ସବୁଠାରୁ ଅଧିକ ସଂଖ୍ୟକ ଲୋକଥିଲେ କୃଷ୍ଣନଗର ଗ୍ରାମରୁ । ଏହାର ଖବର ପୋଲିସ୍ ଗୁପ୍ତବିଭାଗ ପୂର୍ବରୁ ପାଇସାରି ଥାଆନ୍ତି । ଏହାଥିଲା ୧୯୪୨ ମସିହା ଅଗଷ୍ଟ ୨୦ ତାରିଖ । ହରେକୃଷ୍ଣ ମହତାବ, ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀ ଆଦିଙ୍କ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ଗିରଫ ଖବର କୃଷ୍ଣ ନଗର ଗ୍ରାମରେ ପଂହଚେ । ବାନରସେନା ଦଳ ନିଜର ପ୍ରିୟ ନେତୃବୃନ୍ଦଙ୍କ ଗିରଫକୁ ସହ୍ୟକରି ପାରିଲେନି । ସେଣୁ ସେଦିନ ସେମାନେ ସଂଗଠିତ ଭାବେ କାଇପଡା ଥାନାକୁ ପୋଡିଦେବା ସଂଗେ ସଂଗେ ସେଠାରେ ଥିବା ଅନେକ ସରକାରୀ କାଗଜପତ୍ରମାନ ନଷ୍ଟକରି ଦେଇଥିଲେ । ଏହା ପଛରେ ଯେଉଁ ସ୍ଥାନୀୟ ନେତାମାନଙ୍କର ପ୍ରଚ୍ଛନ୍ନ ଭାବେ ହାତଥାଏ, ସେମାନେ ହେଲେ ବୀରକିଶୋର ରାୟ, ହଳଧର ଦାସ, ଜୟମଣି ସାମଲ, ତ୍ରିଲୋଚନ ମହାନ୍ତି ଓ ବିଚିତ୍ରାନନ୍ଦ ଶୁକ୍ଳା । ଏହି ଥାନା ପୋଡି ଘଟଣା ସେ ଅଂଚଳରେ ଚାଂଚଲ୍ୟ ସୃଷ୍ଟିକରିବା ସଂଗେ ସଂଗେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଅଧିକ ଉତ୍ସାହିତ କରିଥିଲା । କିନ୍ତୁ ଅପର ପକ୍ଷରେ ବ୍ରିଟିସ୍ ସରକାର ଏହାକୁ ଦୃଢହସ୍ତରେ ମୁକାବିଲା କରିବା ପାଇଁ ଆଗେଇ ଆସିଲେ । ଅଗଷ୍ଟ ୨୫ ତାରିଖ ଦିନ ଥାନା ପୋଡି ଘଟଣାରେ ଭାଗ ନେଇଥିବା ଲୋକଙ୍କ ବିରୁଦ୍ଧରେ ଦୃଢପଦକ୍ଷେପ ନେବାପାଇଁ ସବ୍‌ଡେପୁଟି କଲେକ୍ଟର ଓ କେତେକ ପୋଲିସକୁ

ଧରି ଜଣେ ପୋଲିସ ଡେପୁଟି ସୁପରିଟେଣ୍ଡେନ୍ଟ ସେ ଅଂଚଳରେ ପହଚିଗଲେ । କୃଷ୍ଣ ନଗରର ଜନସାଧାରଣ ଏହା ଦେଖି ପୋଲିସ ଉପସ୍ଥିତି ବିରୁଦ୍ଧରେ ଭବିଷ୍ୟତର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ କାଇପଡା ଠାରେ ଏକ ସଭା କରିବା ପାଇଁ ନିଷ୍ପତି ନେଲେ ।

ସେହି ଅନୁସାରେ କୃଷ୍ଣନଗର ତଥା ଏହାର ଆଖପାଖ ଅଂଚଳର ଲୋକମାନେ କାଇପଡା ଠାରେ ଠୁଳ ହେବାକୁ ଲାଗିଲେ । ସେହିଦିନ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ନାରୀନେତ୍ରୀ ଅନ୍ନପୂର୍ଣ୍ଣା ମହାରଣା ସନ୍ୟାସୀପୁର ଗ୍ରାମରେ ଏକ ଜନସମାବେଶରେ ଭାଷଣ ଦେଉଥିଲେ । କାଇପଡା ଠାରେ ଏକତ୍ରିତ ହୋଇଥିବା ଲୋକେ ଅନ୍ନପୂର୍ଣ୍ଣା ଦେବୀଙ୍କୁ କାଇପଡା ଆସି ସେମାନଙ୍କୁ ମଧ ଉଦ୍‌ବୋଧନ ଦେବାକୁ ଅନୁରୋଧ କରିଥିଲେ, ଯାହାକି ସେ ଗ୍ରହଣ କରିଥିଲେ । ତା ପରେ ପରେ ସେମାନଙ୍କର ପ୍ରିୟ ନେତ୍ରୀଙ୍କ ଆଗମନର ସମ୍ବାଦ ପାଇ ଅଧିକ ସଂଖ୍ୟକ ଲୋକ କାଇପଡା ଠାରେ ରୁଣ୍ଡ ହେବାକୁ ଲାଗିଲେ । କିନ୍ତୁ ଅନ୍ନପୂର୍ଣ୍ଣା ଦେବୀ କାଇପଡା ଠାରେ ପହଂଚିବା ପୂର୍ବରୁ ପୋଲିସ ବାହିନୀ ସହ ଡେପୁଟି ସୁପରିଟେଣ୍ଡେନ୍ଟ ସଭା ସ୍ଥଳରେ ପହଂଚିଗଲେ । ସେଠାରେ ଉପସ୍ଥିତ କେତେ ଜଣ ସ୍ଥାନୀୟ ନେତାଙ୍କୁ ପୋଲିସ୍ କୌଣସି ମତେ ଏକତ୍ରିତ କରି ସେମାନଙ୍କ ଅଂଟାରେ ଦୌଡିବାନ୍ଧି ସେମାନଙ୍କୁ ଅବରୋଧକରି ରଖି ପାରିଥିଲେ ।ଯଉଁ ମାନେ ଏପରି ଭାବେ ଅଟକ ହୋଇଥିଲେ ସେମାନେ ସଂଖ୍ୟାରେ ଥିଲେ ଷୋହଳ । ସେମାନଙ୍କ ମଧରୁ ଯଦୁମଣୀ ତ୍ରିପାଠୀ, ବିଦ୍ୟାଧର ରାୟ, ହୃଷିକଶେ ରାୟ, ଅନାମ ଚନ୍ଦ୍ର ଦାସ ଓ ବେଣୁଧର ସାମଲ ଆଦି ବ୍ୟକ୍ତିମାନେ ଥିଲେ । ଉପସ୍ଥିତ ଜନତା ସେମାନଙ୍କ ନେତାମାନଙ୍କର ଏପରି ଅବସ୍ଥା ଦେଖି ଭୀଷଣ ଭାବେ ମ୍ରିୟମାଣ ହୋଇପଡିଲେ । ଫଳରେ ଲୋକମାନଙ୍କ ତରଫରୁ ହଇଚଇ ହୋଇ ସାମାନ୍ୟ ଗଣ୍ଡଗୋଳର ସୁତ୍ରପାତ ମଧ ହେଲା । ପୋଲିସ୍ ବାହିନୀ ଏହା ଦେଖି କେତୋଟି ଫାଙ୍କା ଗୁଳିଚାଳନା କରିଥିଲେ । ଫଳସ୍ୱରୁପ ଲୋକେ କିଛି ସମୟ ପାଇଁ ସେ ସ୍ଥାନ ଛାଡି ଚାଲିଯାଇଥିଲେ । ଏହି ପରିସ୍ଥିତିର ସୁଯୋଗ ନେଇ ପୋଲିସ ବାହିନୀ ଅଟକ କରିଥିବା ନେତାମାନଙ୍କୁ ଗିରଫ କରି କାଇପଡା ଆଶ୍ରମକୁ ନେଇଯାଇଥିଲେ । ଏହା ଦେଖି ସମବେତ ଲୋକମାନେ ପୋଲିସ ମାନଙ୍କ ପଛେ ପଛେ ଯାଇ ଆଶ୍ରମକୁ ଘେରାଉ କଲେ । ତାଙ୍କର ଦାବୀଥିଲା ଯେ ସେମାନଙ୍କ ନେତାମାନଙ୍କୁ ତୁରନ୍ତ ଖଲାସ୍ କରାଯାଉ । ସେମାନଙ୍କ ତରଫରୁ ହାଡିବନ୍ଧୁ ପଣ୍ଡା ପ୍ରଥମେ ଆଶ୍ରମ ଭିତରକୁ ଯାଇ ପୋଲିସକୁ

ଜଣାଇଥିଲେ । କିନ୍ତୁ ନୃଶଂସ ପୋଲିସ ତାଙ୍କୁ ଚାବୁକ ମାଡ ମାରି ଆଶ୍ରମ ଭିତରୁ ବାହାର କରିଦେଇଥିଲେ । ଏହାପରେ ପରେ ପଲିସ ବାହିନୀ ଗିରଫ ହୋଇଥିବା ନେତାମାନଙ୍କୁ ଧରି ବିଂଝାରପୁର ପୋଲିସ ଥାନା ଆଡକୁ ଆଗେଇଲେ, କିନ୍ତୁ କାଇପଡାରେ ସମବେତ ହୋଇଥିବା ଲୋକମାନେ ମଧ୍ୟ ପୋଲିସମାନଙ୍କ ପଛେ ପଛେ ଚାଲିଲେ । କେତେ ବେଳେ ସୁଯୋଗ ମିଳିଲେ ଗିରଫ ନେତାମାନଙ୍କୁ ମୁକୁଳାଇ ଆଣିବେ ତାହା ଅପେକ୍ଷାରେ ସେମାନେ ଚାଲୁଥାଆନ୍ତି । ଇତି ମଧ୍ୟରେ ଅନ୍ନପୂର୍ଣ୍ଣା ମହାରଣା, ସନ୍ୟାସୀପୁର ଠାରେ ସଭାସାରି କାଇପଡା ଗ୍ରାମଆଡେ ଆସୁଥାନ୍ତି । ବାଟରେ ସେ ଓ ତାଙ୍କର କେତେକ ଅନୁଗାମୀଙ୍କ ସହ ବିଦ୍ରୋହୀ ନେତାମାନଙ୍କୁ ଗିରଫ କରି ନେଉଥିବା ପୋଲିସ ବାହିନୀ ସଂଗେ କଳାମାଟିଆ ଛକନିକଟରେ ଭେଟ ହେଲା । ଅନ୍ନପୂର୍ଣ୍ଣା ଦେବୀ ଓ ତାଙ୍କର ସହଗାମୀ ମାନେ ପୋଲିସ ନିକଟରେ ଦାବୀକଲେ ଯେ, ସମସ୍ତ ଗିରଫ ନେତାଙ୍କୁ ମୁକ୍ତ କରାଯାଉ ଅଥବା ସେମାନଙ୍କୁ ତାଙ୍କ ସଂଗେ ମଧ୍ୟ ଗିରଫ କରାଯାଉ । କିନ୍ତୁ ପୋଲିସ ବାହିନୀ ଏଥିରେ ତିଳେ ମାତ୍ର କର୍ଣ୍ଣପାତ କଲେ ନାହିଁ । ବରଂ ସେମାନଙ୍କ ମଧ୍ୟରୁ ଆଉ କେତେଜଣଙ୍କୁ ଗିରଫ କଲେ । ଏହା ଉପସ୍ଥିତ ଲୋକମାନଙ୍କୁ ଅଧିକ ଉତ୍ୟକ୍ତ କରାଇଥିଲା । ଏପରି ଅବସ୍ଥାରେ କୃଷ୍ଣନଗରର ହାଡିବନ୍ଧୁ ପଣ୍ଡା ଓ ନିଧି ସାମଲ ଓ ସନ୍ୟାସୀ ପୁରର ନରହରି ପଣ୍ଡା ହଠାତ୍ ପୋଲିସ କର୍ଡନ ଭାଙ୍ଗି ଗିରଫ ନେତାମାନଙ୍କୁ ମୁକୁଳାଇବାକୁ ଚେଷ୍ଟା କଲେ । ହାଡିବନ୍ଧୁ ପଣ୍ଡା ପୋଲିସ ଠାରୁ ଗୋଟିଏ ବନ୍ଧୁକ ଛଡାଇ ନେଇ ପଳାଇ ଯାଉଥିଲେ । କିନ୍ତୁ ବାଟରେ ସେ ଧରା ପଡିଲେ ଓ ନିଷ୍ଠୁର ପୋଲିସ ତାଙ୍କ ଛାତିରେ ବନ୍ଧୁକର ବାୟୋନେଟକୁ ଭୁଷିଦେଇ ଗୁରୁତର ଭାବେ ଆହତ କଲେ କେବଳ ସେତିକି ନୁହେଁ ଡେପୁଟି ସୁପରିଟେଣ୍ଡେନ୍ଟ ତତ୍କ୍ଷଣାତ୍ ଗୁଳି ଚଳାଇବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଲେ । ଏକୋଇଶି ରାଉଣ୍ଡ ଗୁଳିଚାଳନା କରାଯାଇଥିଲା । ଫଳରେ କୃଷ୍ଣ ନଗରର ସନନ୍ଦ ସ୍ୱାଇଁ, ଶ୍ରୀରାମପୁର ଗ୍ରାମର ସଉନତି ମଲ୍ଲିକ ଓ ହାଟସାହି ଗ୍ରାମର ମାସ୍ତାଧର ଭୁୟାଁ ଗୁଳିମାଡରେ ସେଇଠି ଚିରଦିନ ପାଇଁ ଆଖି ବୁଜିଲେ । ଏହା ଛଡା ରାମକୃଷ୍ଣ ଜେନା, ସୁପ୍ରଭାତ ଦେ ଓ ଅନ୍ୟ ସତର ଜଣ ଗୁଳିମାଡରେ ଆହତ ହେଲେ । ପରେ ପରେ ହାଡିବନ୍ଧୁ ପଣ୍ଡା ମଧ୍ୟ ବାଟରେ ମୃତ୍ୟୁ ବରଣ କରିଥିଲେ । ଏହି ନାରକୀୟ କାଣ୍ଡପରେ ପୋଲିସ ଗିରଫ ହୋଇଥିବା ବ୍ୟକ୍ତିମାନଙ୍କୁ ଧରି ବିଂଝାରପୁର ଗଲେ ଓ ସେଠାରୁ ଯାଜପୁର ଅଭିମୁଖେ ଯାଇଥିଲେ । ତାପରେ ପରେ କୃଷ୍ଣ ନଗର ବାନର ସେନାର ସଦସ୍ୟମାନଙ୍କୁ ଗିରଫ କରାଗଲା ଓ ସେମାନଙ୍କୁ ଯାଜପୁରକୁ ପ୍ରେରଣ କରାଗଲା ।

କିନ୍ତୁ ପରେ ଯାଜପୁର ଠାରେ ଗଣ୍ଡଗୋଳ ଆଶଙ୍କା କରି ଗିରଫ ବ୍ୟକ୍ତିମାନଙ୍କୁ କଟକ ଜେଲକୁ ସ୍ଥାନାନ୍ତରିତ କରାଯାଇଥିଲା ।

ଏହାଥିଲା ଅଗଷ୍ଟ ୨୫, ୧୯୪୨ ମସିହାର ଏକ ମର୍ମନ୍ତୁଦ ଘଟଣା ।



ପୂର୍ବତନ ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ଓଡିଶା,
ପ୍ରାକ୍ତନ ପ୍ରୋ ଭାଇସ୍ ଚାନସେଲର KIIT ବିଶ୍□ବିଦ୍ୟାଳୟ,
ପ୍ରାକ୍ତନ ସଭାପତି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶା,
ପୂର୍ବତନ ନିର୍ଦ୍ଦେଶକ, ରାଜ୍ୟ ଶିକ୍ଷା ଏବଂ ଗବେଷଣା ପରିଷଦ, ଓଡିଶା
ରେଭନ୍ସା ମହାବିଦ୍ୟାଳୟର ପୂର୍ବତନ ଇତିହାସ ପ୍ରଫେସର୍

ଭ୍ରମରମାରୀ

ହରପ୍ରସାଦ ଦାସ

ସେ କହିଲା : ବନ୍ଦ କର ଏ ଭଲପାଏ, ଭଲପାଏ, ଭଲପାଏ
ସେଇଏକା ଘୁଁ ଘୁଁ ଘୁଁ ସାରାଦିନ ସାରାରାତି
ଏକା ସ୍ୱରରେ, ପୁଣି ଏ ଜହ୍ନରାତିରେ ?
ପୁଣି ଯେତେବେଳେ ଠକା ଭିଡ଼ି,
ଏଡ଼େବଡ଼ ଚନ୍ଦନଠୋପା ଲଗେଇ
ପ୍ରେମରୋଗର ଔଷଧ ଖୋଜି
ମଣିନାଗ ଜଙ୍ଗଲରେ ପଶିଲେଣି ବୈଦ୍ୟରାଜ ?
ପବନ ବାହାରିଲାଣି ମାତାଲ ହୋଇ ଅସୁରକୁମାରୀ ଦୀଘିରୁ ପେଟେ କଳାଭଅଁର ପାଣି ପିଇ ?
ବାଉଁଶବଣିରେ ଛନ୍ଦିହୋଇ ବିଷ ଉଗାଳିଲେଣି ନାଗ-ନାଗୁଣୀ ?
ଆଉ ଅଛି କଣ ପ୍ରେମରେ ?
ଅଛି ନିଦ, ସାତବର୍ଷ, ସାତମାସ, ସାତଦିନ,
ସାରାରାତି ଚେଇଁଲା ପରେ !

କହିଲା : ମତେ ନିଦ ଲାଗୁଚିରେ ଜହ୍ନ ରାତିରେ,
ପାରିବୁ ଯଦି ଶୁଆଇଦେ ମତେ,
ଆଉଁସି ଦେ ପିଠି,
ସାଉଁଳି ଦେ ଅଲରା ବାଳ, ଆସ୍ତେ ଆସ୍ତେ ଫେରେଇ ନେ ମେରୁହାଡ଼ରୁ ପଞ୍ଜରା ଯାଏଁ ଚରିଯାଇଥିବା ନାରୀ ହୋଇ ଠିଆ ହେବାର ଦରଜ଼କୁ,
କାନରେ କହିଦେ ଯାହା କହିପାରିନୁ ଏଯାଏଁ,
ମୁଁ ଶୋଇବି ଜହ୍ନ ରାତିରେ, ତୁ ବି ଶୋଇପଡ଼ ଚୁପଚାପ,
ସବୁଠୁ ସୁନ୍ଦର ବିଷ ଅଛି ମୋ ମହକରେ..।

ମଣିନାଗ ଜଙ୍ଗଲରେ,
ସେ ଜହ୍ନରାତିରେ ଫୁଟିଲା ଫୁଲ
...

ଭ୍ରମରମାରୀ ଗଛରେ
ସକାଳକୁ ମରିପଡ଼ିଥିଲେ ସହସ୍ର ଭ୍ରମର ଗଛ ମୂଳରେ !
ତାକୁ ସକାଳର ପ୍ରଥମ ବସରେ
ଚଢେଇଦେଇମୁଁ କହିଲି :
ମୁଁ ତତେ ଭଲପାଏ ରେ,
ମୁଁ ଶୋଇନଥିଲି କାଲି ରାତିରେ...

ଶ୍ରୀ ହରପ୍ରସାଦ ଦାସ ଓଡିଶାର ଜଣେ ସୁନାମଧନ୍ୟ କବି ତଥା ଓଡିଆ ଭାଷା ସାହିତ୍ୟର ଜଣେ ଉଚ୍ଚକୋଟୀର ଗବେଷକ। ତାଙ୍କର ଜୀବନବ୍ୟାପି ସାହିତ୍ୟ ସାଧନା ଓଡିଆ ସାହିତ୍ୟକୁ ରୁଦ୍ଧିମନ୍ତ କରିବା ସଙ୍ଗେ ସଙ୍ଗେ ସର୍ବଭାରତୀୟ ସ୍ତରରେ ଓଡ଼ିଆ କବିତା ତଥା ସାହିତ୍ୟର ବଳିଷ୍ଠତା କୁ ପ୍ରମାଣିତ କରି ପାରିଛି। ଜଣେ ସର୍ବଭାରତୀୟ ପ୍ରଶାସନିକ ସେବାର ପଦାଧିକାରୀ ହୋଇ ବିଭିନ୍ନ ଉଚ୍ଚ ପଦପଦବୀରେ ସେ ଦେଶ ତଥା ରାଜ୍ୟର ସେବା କରିବା ଅବସରରେ ତାଙ୍କର ବଳିଷ୍ଠ ସାହିତ୍ୟ ସାଧନା ପାଇଁ ଅନେକ ପୁରସ୍କାର ପାଇଛନ୍ତି:

* ୧୯୯୦- ଭାରତୀୟ ଭାଷା ପରିଷଦ ପୁରସ୍କାର

*୧୯୯୩-- ଉତ୍କଳ ସମ୍ମିଳନୀ ପୁରସ୍କାର

*୧୯୯୩--ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର

*୧୯୯୫-- ପଠାଣି ସାମନ୍ତ ସମ୍ମାନ ପୁରସ୍କାର

*୧୯୯୬--ରାଷ୍ଟ୍ରଭାଷା ସମ୍ମାନ ପୁରସ୍କାର

*୨୦୦୮--ଶାରଳା ପୁରସ୍କାର

*୨୦୦୯--ଗଙ୍ଗାଧର ମେହେର ଜାତୀୟ ସଙ୍ଗୀତ ପୁରସ୍କାର

*୨୦୧୨-- ମୂର୍ତ୍ତିଦେବୀ ପୁରସ୍କାର

ଏ ସବୁ ପୁରସ୍କାର ବ୍ୟତିତ ସେ ଅନ୍ୟାନ୍ୟ ପୁରସ୍କାର ରେ ମଧ୍ୟ ଅଳଙ୍କୃତ। ଆଧୁନିକ ଓଡ଼ିଆ ଭାଷା ତଥା କବିତାକୁ ଏକ ନୂଆ ଦିଶା ପ୍ରଦାନ କରିବା ସହିତ ପରବର୍ତ୍ତି ସମୟର ଓଡ଼ିଆ ଭାଷା ଓ କବିତା ପ୍ରଭାବିତ କରିବା ତାଙ୍କର ଓଡ଼ିଆ ସାହିତ୍ୟକୁ ବିଶେଷ ଅବଦାନ।

ରେଭେନ୍ସା ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ଓ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ସେ ଭାରତୀୟ ସିଭିଲ ସର୍ଭିସ ରେ ୨୨ ବର୍ଷ ବୟସରେ ଯୋଗଦାନ କରିଥିଲେ । କେବଳ ଜଣେ ପ୍ରଶାସନିକ ଅଧିକାରୀ ଭାବେ ନୁହନ୍ତି, ଜଣେ ଉଚ୍ଚକୋଟୀର ସାହିତ୍ୟ ସାଧକ ଓ କବି ଭାବେ ରାଜ୍ୟ ତଥା ଜାତୀୟ ସ୍ତରରେ ସେ ସୁପରିଚିତ ।

ମୋ ବାପା କବିତା ଲେଖନ୍ତି ନାହିଁ

ହୃଷୀକେଶ ମଲ୍ଲିକ

ମୋ' ବାପା କବିତା ଲେଖଂତି ନାହିଁ
ଖୋଜିଲା ପରି ହୁଅଂତି କାଗଜ କଲମ
ହେଲେ, କ'ଣ ଖୋଜୁଥିଲେ
ହଠାତ୍ ଭୁଲି ଯାଆଂତି ।

କଲମ ଖୋଜୁଖୋଜୁ
ତାଂକ ଆଖି ପଡ଼େ
ହାଟକିଣା କୋଡ଼ିବେ□ଉପରେ
ସେ, ବେ□ଚଂଚାରେ ଲାଗିଯାଆଂତି ।
କାଗଜ ଖୋଜୁଖୋଜୁ
ହାତରେ ପଡ଼େ ଦାଆ ତ
ଗାଈ ପାଇଁ ଘାସ କାଟିବାକୁ ଚାଲିଯାଆଂତି
ବାପା କ'ଣସବୁ ଭାବିହେଲା ପରି
ହୁଅଂତି, ପଚାରିଲେ ଚୁପ୍ ରହଂତି ।

ବାପା ଧାନଗଛରେ ତଥାପି ପଡ଼ିଥିବା
କାକରବୁଦା, ହିଡ଼ରେ ଚଅଁରିଥିବା କାଇଁଶ
ମଥାନରେ ଡେଇଁଡେଇଁ ଯାଉଥିବା ବଣି
କାଉଁଦେଇ ଆସୁଥିବା ପଦ୍ମଫୁଲକୁ
ଅନେଇ ବୁର୍‌ବୁର୍ ହୁଅଂତି ବେଳବୁଡ଼େ
ଦାଂଡରେ ହେଁସ ପାରି
ଚାହିଁ ରହଂତି ତାରା ବିଜିବିଜି ଆକାଶକୁ
କିଛି ଖୋଜଂତିକି ?

ବାପା ସାନବେଳେ
ଗୋଟିପୁଅ ହେଇ ନାରୁଥିଲେ
ଅପେରାରେ, ଗୀତ ବୋଲୁଥିଲେ
ଯେମିତି ସେସବୁ ଗୀତ
ଲେଖିଥିଲେ ସେ ହିଁ ।
ଖଳାକୁ ଆସିଲେ ବିଲ-ଧାନ
ଗଲା ଖଁକାରି
ବାଟେବାଟେ ଚାଲିଯାଏ ମହାଜନ
କିଛି କହେନି, ହେଲେ କଟା ସରଗି ପରି
ଝାଉଁଳି ପଡ଼ଂତି ମୋ' ବାପା କେଜାଣି କାହିଁକି ?
ଦୁଃଖସୁଖ ଟିପିବାକୁ
ମୋ ବାପାଂକର ଖାତା ନଥାଏ
ଅଲଗା କାଗଜ କବିତା ପାଇଁ ନଥାଏ ।

ବାପା ସକାଳେ ସଂଜେ
ଆମକୁ ପ୍ରାର୍ଥନା ବୋଲାଂତି
ଲାଗେ ଯେମିତି, ସେ ପ୍ରାର୍ଥନାସବୁ
ସେ ହିଁ ଲେଖିଛଂତି
ବାପା ଖରାବେଳେ କାଠପିଢ଼ାରେ ବସି
ପୁରାଣ ପଢ଼ଂତି, ଲାଗେ ଯେମିତି
ସେ ପୁରାଣ ମୋ' ବାପା ହିଁ ଲେଖିଛନ୍ତି ।

ମୋ' ବାପା କବିତା ଲେଖଂତି ନାହିଁ
ଗୋଟିପଣେ କବିତା ପରି ଦିଶଂତି ।

(ଓଡ଼ିଆ କାବ୍ୟ ଜଗତର ସ୍ପର୍ଦ୍ଧିତ ସ୍ୱର ଡକ୍ଟର **ହୃଷିକଶେ** ମଲ୍ଲିକ । ୧୨ଟି କବିତା ଗ୍ରନ୍ଥ, ୧୦ଟି ସମାଲୋଚନା ଗ୍ରନ୍ଥ, ୨ଟି ଶିଶୁ ସାହିତ୍ୟ ପୁସ୍ତକର ସେ ସ୍ରଷ୍ଟା । ନିଜର ପ୍ରଥମ କବିତା ଗ୍ରନ୍ଥ 'ଧାନସାଉଁଟା ଝିଅ' ପାଇଁ ୧୯୮୮ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ 'ଜେଜେ ଦେଖିନଥିବା ଭାରତ' କବିତା ଗ୍ରନ୍ଥ ପାଇଁ ମର୍ଯ୍ୟାଦାଜନକ ଶାରଳା ପୁରସ୍କାର ପ୍ରାପ୍ତ । ସଂପ୍ରତି ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ ଅବସ୍ଥାପିତ ଡକ୍ଟର ମଲ୍ଲିକ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ୧୯୭୬-୭୮ ବ୍ୟାଚ୍ ଛାତ୍ର ।)

ତିରିଶ ବର୍ଷ ପରେ ବାଣୀବିହାର

ହିରଣ୍ମୟୀ ମିଶ୍ର

ଯେତେଥର ମୁଁ ଫେରୁଥାଏ
ତୋ ଡାକରେ,
ଭଲ ପାଇବାର ବର୍ଷାରେ
ଭିଜୁଥିବା ଗୋଟେ ମୁହଁ ଦିଶେ
ପ୍ରତିଥର : ବାଣୀବିହାର ।

ନାଲି ଗୋଡ଼ି ରାସ୍ତାର ମହକରେ
ଛନ୍ଦାଛନ୍ଦି ମାୟାଜାଲ
ଝୁଲୁଥାଏ ପବନର ହ୍ୟାଙ୍ଗରରେ
ମଲାଦେହ ପଛଦିନସବୁର
ସ୍ୱପ୍ନରେ ଚିରକାଳ : ବାଣୀବିହାର ।

ଆଜିକାଲି ଆଉ ଚିଠି ଆସେନି,
ଅଳକା ମାର୍କେଟରେ ଦୋସା ପାଇଁ
ମୂଲଚାଲ କରୁକରୁ
ବହିଯାଇଥିବା ସେ ବୟସ
ଏବେ ଖାଲି କଟାଛଟା ଦାଗସବୁ
ସମୟର : ବାଣୀବିହାର ।

କେବେଠୁ ହଜିଗଲାଣି
ମେଳାର ଭିଡ଼ରେ ସେ ଝିଅ,
ସ୍ୱପ୍ନ ଫୋପ୍ନ କିଛିନାହିଁ ଏବେ ପୁଟୁଳିରେ
ତଥାପି କାହିଁକି ହାତଠାରି ଡାକେ
କେବେକେବେ ଅଧାଲେଖା ସମୟର
ଚିଠି ଅବା ତାର : ବାଣୀବିହାର ।

ପାହାଡ଼ ହେବାପାଇଁ
ଆଜୀବନ କସରତ ହାର୍ ମାନେ
ସମୟର ଓଲଟ ସୁଅରେ ଫେରିବାକୁ ହୁଏ
ଦୂରରୁ ତଥାପି ଶୁଭୁଥାଏ ଅହରହ ସେ ଡାକରା
ନୀଳ ହ୍ରଦର : ବାଣୀବିହାର ।

ଓଡ଼ିଆ ଗଳ୍ପ ଜଗତର ଜଣେ ପରିଚିତ ସ୍ୱର ଡକ୍ଟର ହିରଣ୍ମୟୀ ମିଶ୍ର । ୧୦ଟି ଗଳ୍ପ ପୁସ୍ତକ, ୩ଟି ଉପନ୍ୟାସ, ଗୋଟିଏ କବିତା ସଂକଳନ ଏବଂ ଗୋଟିଏ ଭ୍ରମଣ ବୃତ୍ତାନ୍ତର ସେ ସ୍ରଷ୍ଟା । 'କିନ୍ନରୀର କାବ୍ୟ', 'ରେଡ ୱାଇନର ରାତି', 'ହିରଣ୍ମୟୀ ମିଶ୍ରଙ୍କ ପ୍ରେମ ଗଳ୍ପ', 'ମେଘ ପକ୍ଷୀର ଗୀତ' ଏବଂ 'କେତେ ଦୂରେ ମୋର ପ୍ରିୟ ଦେଶ' ଇତ୍ୟାଦି ତାଙ୍କର କେତେକ ଚର୍ଚ୍ଚିତ ପୁସ୍ତକର ନାଁ । ସେ ମଧ୍ୟ 'ଭାରତୀୟ ଭାଷା ପରିଷଦ ଯୁବ ପୁରସ୍କାର', 'ଟାଇମ୍ ପାସ୍ ବୁକର୍ ପୁରସ୍କାର', 'କାଦମ୍ବିନୀ ଶ୍ରେଷ୍ଠ ଗାଳ୍ପିକା ପୁରସ୍କାର' ଏବଂ 'କହ୍ନେଇ କଥା ପୁରସ୍କାର' ଆଦି ବହୁ ପୁରସ୍କାର ଓ ସମ୍ମାନରେ ସମ୍ମାନିତା । ଉତ୍କଳ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ସେ ୧୯୮୭-୮୯ ବ୍ୟାଚ୍ ଛାତ୍ରୀ ।

ମହାନ ହେ ତୁମେ ମୋ ଦେଶ ସୈନିକ

ରାଧାକାନ୍ତ ପାଣି

ତୁମେ ଚେଇଁଅଛ ଜାଗ୍ରତ ପ୍ରହରୀ
ସୀମାନ୍ତରେ ଜଗିରହି
ସେଇ ଭରସାରେ କୋଟି ଦେଶବାସୀ
ନିଶ୍ଚିନ୍ତେ ଯାଆନ୍ତି ଶୋଇ. ।୦।

ପ୍ରତି ସକାଳରେ ସ୍ୱାଧୀନତା ସୂର୍ଯ୍ୟ
ଉଇଁଥାଏ ତୁମ ପାଇଁ
ତୁମେ ଶୋଇଗଲେ ଏ ଦେଶ ଆକାଶେ
ସୁରୁଯ ଉଇଁବ ନାହିଁ

ଦେଶ ମାତୃକାର କୋଣେ ଅନୁକୋଣେ
ଅନ୍ଧକାର ଯିବ ଛାଇ . ।୧।

ବୀର ଦର୍ପରେ ଶତ୍ରୁ ସଙ୍ଗେ ଲଢ଼ି
ଯେବେ ଖାଅ ତୁମେ ଗୁଳି
ନାହିଁ ଅବଶୋଷ ମାଟି ମା' ପାଇଁ
ଦେବାକୁ ପ୍ରାଣ ବଳି

ସମୟ ଆସିଲେ ସେଇ ମା' କୋଳେ
ଶାନ୍ତିରେ ଯାଅ ଶୋଇ. ।୨।

ରକ୍ତର ସ୍ୱାକ୍ଷର ଲେଖି ଦେଇଥାଅ
ଦେଶ ମାତୃକା ପାଇଁ
ତୁମ ବଳିଦାନ ପାଇଁ ଏହି ଦେଶ

ପାରିବ କି ମୂଲ୍ୟ ଦେଇ ?

ମହାନ ହେ ତୁମେ ମୋ ଦେଶ ସୈନିକ

(ଆମେ) ଗର୍ବ କରୁ ତୁମ ପାଇଁ ! ।୩।

(ରାଧାକାନ୍ତ ପାଣି, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର ର ୧୯୭୨--୭୪ ବ୍ୟାଚ ରାଜନୀତି ବିଜ୍ଞାନ ର ଛାତ୍ର ଭାବେ ପାଶ୍ କଲାପରେ ରାଜ୍ୟ ପ୍ରଶାସନିକ ସେବାରେ ଯୋଗ ଦେଇ ଅବସର ନେବା ପର ଠାରୁ ସାହିତ୍ୟ ସେବା ରେ ରହି କବିତା ଲେଖାଲେଖିରେ ମନ ନିବେଶ କରି ଦୁଇଟି ଗୀତି କବିତା ବହି ପ୍ରକାଶନ କରିଛନ୍ତି । ଲେଖା ଜାରି ରହିଛି।)

ନାକ୍ସେ ସୁଖ ଅସ୍ତି

ଡଃ ପ୍ରିୟଂବଦା ପଟ୍ଟନାୟକ

ସୁଖକୁ ଖୋଜୁଛି ମୁଁ ଯୁଗଯୁଗ ଧରି, ଲୁଚକାଳି ଖେଳପରି
କେତେବେଳେ ଧରାଦିଏ, ପୁଣି କେବେ ଲୁଚିଯାଏ
ତଥାପି ଅନ୍ୱେଷଣ ଜାରୀ ରହେ ମୋର
ରଙ୍ଗ ବେରଙ୍ଗେ ଭରା ବସ୍ତୁ ଜଗତରେ ଅବା
ଆତ୍ମୀୟ ସ୍ୱଜନଙ୍କ ସହ ମିଠା ମିଠା ସମ୍ପର୍କ ଭିତରେ ।

ଖୋଜି ମୁଁ ଚାଲିଛି ସୁଖ ସମୟ ସ୍ରୋତରେ
ମୋ ଜୀବନ ମୋର ସ୍ଥିତି ଚୌହଦି ମଧ୍ୟରେ
ଅଙ୍କାବଙ୍କା ରାସ୍ତାର ପ୍ରତିସୋପାନରେ
ଶୈଶବର ଦୁଷ୍ଟାମିରେ, ଅର୍ଥହୀନ କଳି ଝଗଡାରେ
ମୋ ମା'ର ପଣତ କାନିରେ ଅବା ତାର ଉଷ୍ମ ଆଶ୍ଳେଷରେ ।

କେତେ ଶୀଘ୍ର ଶୈଶବଟା ହଜିଗଲା ସମୟ ସୁଅରେ
ହଠାତ୍ ମୁଁ ଆବିଷ୍କାର କଲି ମତେ ଭିନ୍ନ ଏକ ମାନସିକତାରେ
ଭଲ ଲାଗୁଥିଲା ଗଢିବାକୁ ମନ ମଧ୍ୟେ ସୁଖର ମହଲ
ଖୋଜୁ ଥିଲି ତା'କୁ ଉପନ୍ୟାସର ରୋମାଂଚ ଭରା ଚରିତ୍ର ମଧ୍ୟରେ
କେତେବେଳେ ଟିପ୍ ଟିପ୍ ବର୍ଷାରେ ଭିଜିବାରେ ବା ରାକା ରଜନୀର ଶୀତଳ ଜ୍ୟୋସ୍ନାରେ ।

ବୟସ ବଢିବା ସହ ସୁଖର ସ୍ୱାଦ ମଧ୍ୟ ବଦଳି ଯାଉଥାଏ
ଏବେ ମୋର ସ୍ଥିତ ସ୍ୱାମୀ, ସନ୍ତାନ ମମତାଭରା ସଂସାର ଭିତରେ
ପ୍ରଶ୍ନ ଜାଗେ ମୋର ମନେ, ଏହି କ'ଣ ସୁଖ ?
ଇନ୍ଦ୍ରଧନୁ ପରି ଯେ କ୍ଷଣିକ, ଶୋଭା ଯାର ଦେଖୁ ଦେଖୁ ହୁଏ ଅନ୍ତର୍ହିତ ।

ପରିପକ୍ୱ ବୟସର ଉତ୍ତରିତ ଚେତନାରେ, ସୁଖ ଆଉ
ଧରା ଦିଏ ନାହିଁ ବସ୍ତୁ ଜଗତରେ ଶୁଣଇ ଆହ୍ୱାନ କା'ର ଅନ୍ତର ଭିତରେ

କହନ୍ତି 'ସେ' ସୁଖ ରହେ ନାହିଁ ଅଳ୍ପର ସୀମିତ ସୀମାରେ
ବ୍ୟାପ୍ତ ସେହି ସୁଖ ଅସୀମର ଅନନ୍ତ ସଭାରେ
ଖୋଜ ନାହିଁ ତାକୁ ସସୀମର ପାର୍ଥିବ ସତ୍ତାରେ ।

ବିସ୍ତାରିତ ହୋଇଅଛି ସୁଖ ଭୂମିଠାରୁ ଭୂମାଯାଏଁ
ପିଣ୍ଡରୁ ବ୍ରହ୍ମାଣ୍ଡ ଯାଏ, ଅଣୁର ମହତ ଯାଏଁ
ହୃଦୟର ପ୍ରତ୍ୟେକ ତନ୍ତ୍ରୀରେ ବିରାଜିତ ପ୍ରେମ ରୂପେ ସିଏ
ସେହି ପ୍ରେମ ନିତ୍ୟ ନୂତନ ସଦା ଚିରନ୍ତନ
କର ସେହି ସୁଖର ସନ୍ଧାନ, ଅମୃତ-ଆନନ୍ଦ ସ୍ୱାଦ କର ଆସ୍ୱାଦନ ।

(ତର୍କ ଓ ଦର୍ଶନ ଶାସ୍ତ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାରରୁ ୧୯୭୩ ମସିହା ରେ ଉପାଧୁତ୍ତର ପାଠ୍ୟକ୍ରମର ସମାପ୍ତି । ଓଡିଶାର ବିଭିନ୍ନ ସରକାରୀ ମହାବିଦ୍ୟାଳୟ ମାନଙ୍କରେ ଅଧ୍ୟାପନା କାର୍ଯ୍ୟ ସମାପନ କରି ଏପ୍ରିଲ ୨୦୧୦ ମସିହାରେ ଅବସର ଗ୍ରହଣ । ଅବସର ପରେ ସତ୍ୟ ସାଇ ସେବା ସଂଗଠନ ଏବଂ ଅନ୍ୟାନ୍ୟ ସାମାଜିକ ସଂଗଠନ ସହ ଜଡିତ ହୋଇ ସମାଜର ନୈତିକ ଅଭିବୃଦ୍ଧି ଏବଂ ସଂସ୍କାର ଦିଗରେ ଭୁବନେଶ୍ୱରରେ ରହି ସତତ କର୍ମ ବ୍ୟସ୍ତ ।)

ଯାତ୍ରାର ରଜା

ରମାକାନ୍ତ ମିଶ୍ର

ଟିଣ ଖଣ୍ଡାରେ
ମୁଁ କେତେକେତେ
କାଳ୍ପନିକ ରାଜ୍ୟ ଜୟ କରେ
ବିଡ଼ିପିଆ ଓଠରେ ଶୁଣାଏ
ମୃତ୍ୟୁଦଣ୍ଡ ।
ମଖମଲ କନାରେ ଘୋଡ଼ା
କାଠର ଚଉକି ମୋର
ରତ୍ନମୟ ସିଂହାସନ
ବହଳ ପାଉଡରରେ ଅଙ୍କା
ମୋର ଉଦ୍ଦୀପ୍ତ ଯୌବନ
ଯାତ୍ରାର ରଜା ମୁଁ
ବାହାଫୋଟ ଓ ଅଟ୍ଟହାସରେ
କମ୍ପମାନ ମୋର ରାଜପଣ ।

ମନ୍ତ୍ରୀ, ସେନାପତି
ଏପରିକି ରାଜପୁତ୍ରକୁ ମୁଁ
ନିର୍ବାସିତ କରିପାରେ
ବେଶଘର ଯାଏ
ଆଜ୍ଞାମାତ୍ରେ
ଭୂଇଁରେ ଲୋଟାଇପାରେ
ମାଟି ଅବା ରବରର
ରାଜଦ୍ରୋହୀ ସ୍ପର୍ଦ୍ଧିତ ମସ୍ତକ
ଭିକାରୀକୁ ଦେଇପାରେ ମନ୍ତ୍ରୀପଦ
ମନ୍ତ୍ରୀକୁ ସଜେଇପାରେ ଦାଣ୍ଡର ଭିକାରୀ
ଯାତ୍ରାର ରଜା ମୁଁ
ବେଶଘରୁ ପେଣ୍ଡାଲଯାଏ ଲମ୍ବିଯାଏ
ମୋ ଅଖଣ୍ଡ ସାମ୍ରାଜ୍ୟ ।

କାନ୍ଧର ମଇଁଷିଆ ଯାଦୁକୁ
ଘୋଡ଼ାଇରଖେ
ସୁନେଲି ଜରିର କାନ୍ଧପଟି
ଶିରାଳ ହାତକୁ ମାଳିଗୁନ୍ଥା ବାଜୁ
ସ୍ତ୍ରୀ ମୋର ଘଷି ପାରୁଥାଏ
କେଉଁ ଦୂର ଗାଁରେ,
ଏଠି ମତେ ଖଟୁଥାନ୍ତି ଅନେଶତ ରାଣୀ
ପୁଅ ଗାଈ ଜଗୁଥାଏ ସେଠି
ଏଠି ରାଜପୁତ୍ର ମୋର ଦ୍ରାକ୍ଷା ଭୁଞ୍ଜେ
ସୁବର୍ଣ୍ଣଥାଳିରେ ।

ଯାତ୍ରାର ରଜା ମୁଁ
ନକଲି ନିଶ ଓ ରକ୍ତଶୂନ୍ୟ ନାଲିଆଖିର
ଛଟାରେ ମୋର ଥରହର ଗଗନ ପବନ ।

ଯାତ୍ରାର ରଜା ମୁଁ
ସବୁ ଦେଖଣାହାରୀ ମୋର ପ୍ରଜା
ଆଖି ପାଇବାଯାଏ ମୋର ରାଜ୍ୟ
ମିଛ ଆଲୁଅରେ ଝଲମଲ ପୂରା ରାତିଏ ପାଇଁ
ମୋର ରାଜପଣ
ଲାଇଟ୍‌ରୁ ତେଲ ସରିବାଯାଏ
ଏ ମୋର ମହାର୍ଘ ଜୀବନ ।

(ରମାକାନ୍ତ ମିଶ୍ର ରାଜ୍ୟର ଜଣେ ପ୍ରତିଷ୍ଠିତ ସାହିତ୍ୟିକ । ସେ ମଧ୍ୟ ରେଡିଓ, ଦୂରଦର୍ଶନ ଓ ରଙ୍ଗମ□ଚ୍ଚର ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ଓ ଅଭିନେତା । 'ମାଟିରେ କବିତା ଲେଖେ', 'ଷଣ୍ଢକବି ଉବାଚ' ଏବଂ ମ୍ୟାକବେଥ (ଅନୁବାଦ) ତାଙ୍କର ପ୍ରକାଶିତ ପୁସ୍ତକ । ଉତ୍କଳ ସାହିତ୍ୟ ସମାଜ ପ୍ରଦ□ନୀରଦପ୍ରଭା ହାସ୍ୟ ବ୍ୟଙ୍ଗ ସମ୍ମାନ ଏବଂ ଫକୀରମୋହନ ସାହିତ୍ୟ ପରିଷଦର ହାସ୍ୟବ୍ୟଙ୍ଗ ସମ୍ମାନ ସମେତ ବହୁ ପୁରସ୍କାର ଓ ସମ୍ମାନରେ ସମ୍ମାନିତ । ଶ୍ରୀ ମିଶ୍ର ଉତ୍କଳ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ୧୯୭୭-୭୯ ବ୍ୟାଚ୍ ଛାତ୍ର ।)

॥ ଆବଦ୍ଧ ॥

ତରୁଣକାନ୍ତି ମିଶ୍ର

ଥାନା ଇନ-ଚାର୍ଜ ହୋଇ ଯୋଗ ଦେବାର ସପ୍ତାହେ ପରେ ମୋର ସେହି ଲୋକଟି ସହିତ ଦେଖା ହୋଇଥିଲା ।

ଲୋକଟିର ଦୁର୍ବଳ ଶୀର୍ଣ୍ଣ ମୁହଁଟିରେ କିଛି ବିଶେଷତ୍ୱ ନଥିଲା, କେବଳ ଆଖି ଦୁଇଟିକୁ ବାଦ ଦେଲେ ।

ପାହାନ୍ତା ପହରକୁ ମୁଁ ପାଖ ଗାଆଁରୁ ଫେରୁଥିଲି, ଗୋଟେ ରାତିଅଧିଆ ଗଣ୍ଡଗୋଳର ସମାଧାନ କରି, ଲୋକଟି ସହିତ ମୋର ଭେଟ ହୋଇଗଲା, ତାଳ ଓ ଖଜୁରୀ ବଣର ଅନ୍ଧାରିଆ ଗଳି ବାଟ ଭିତରେ ।

ମୋତେ ଦେଖି ସେ ଟିକେ ଚମକି ପଡ଼ିଲା, ମୁଁ ବି ଆଶ୍ଚର୍ଯ୍ୟ ହୋଇଗଲି ।

ସେ ମୋତେ ଚିହ୍ନି ନଥିଲା, ଆଗରୁ ହୁଏତ ଦେଖି ବି ନଥିଲା, ସେ ଟିକେ ଆଡେଇ ଠିଆ ହୋଇଗଲା ।

ମୁଁ ତା'କୁ ପଚାରିଲି, କୁଆଡେ ବାହାରିଚ ?

ସେ କିଛି କହିଲା ନାହିଁ । ମୁଁ ତା' ହାତକୁ ଚାହିଁଲି । ସେ ହାତରେ ଧରି ଥିଲା ଗୋଟିଏ ଟିଫିନ ବାକ୍ସ, ଲିଭିଯାଇଥିବା ଲଣ୍ଠନ ଓ ଖଣ୍ଡିଏ ବହି ।

ଲୋକଟି ନିରୁତ୍ତର ରହିଲା, ଯେମିତି ପ୍ରଶ୍ନଟି ତା' ପାଇଁ ଉଦ୍ଦିଷ୍ଟ ନୁହେଁ ।

ରାତି ଅନିଦ୍ରା ହୋଇ ମତେ ଭାରି କ୍ଲାନ୍ତ ଲାଗୁଥିଲା, ମୁଁ କିଛି ନ କହି ମୋ ବାଟରେ ଚାଲିଗଲି ।

ଲୋକଟି ସହିତ ମୋର ପୁଣି ଦେଖା ହୋଇଥିଲା ରାତି ନଅଟାରେ, ଗାଁ ସେପାଖ ଶ୍ମଶାନ ରାସ୍ତାରେ । ଶ୍ମଶାନ ସେପାଖେ ଆଉ କିଛି ନାହିଁ, ଖାଲି ଜଙ୍ଗଲ ରାସ୍ତା ଓ ପଙ୍କ ପୋଖରୀ ।

'କୁଆଡେ ଯାଉଚ ?'

ଲୋକଟି ଏଥର ବି କିଛି ଉତ୍ତର ଦେଲା ନାହିଁ, ମଇଳା ଲଣ୍ଠନ ଆଲୁଅରେ ବାଟ ଦେଖି ଦେଖି ଆଗକୁ ଯିବାକୁ ଲାଗିଲା ।

ତା' ହାତରେ ଥିଲା ସେହି ଆଲୁମିନିୟମ ଟିଫିନ ବାକସ ଓ ବହି ଖଣ୍ଡେ ।

ରାତି ଅନ୍ଧାରରେ ଏ ବାଟେ କେହି ଯିବା କଥା ନୁହେଁ । ଏ ବାଟେ ହୁଏତ ଗୋବିନ୍ଦପୁର ହାଟକୁ କମ ସମୟ ଲାଗେ, କିମ୍ବା ପ୍ରାଇମେରୀ ସ୍କୁଲକୁ ଯିବାକୁ ପାଖ ପଡେ, କିନ୍ତୁ ଲୋକେ ଏ ବାଟ ଦେଇ ପ୍ରାୟ ଯାଆନ୍ତି ନାହିଁ ।

ଲୋକଟି ଧୀରେ ଧୀରେ ଶ୍ମଶାନ କଡ଼ ଶିମୁଳି ଗଛ ଉହାଡରେ ଅଦୃଶ୍ୟ ହୋଇଗଲା । ଛାଇଟିଏ ପରି ।

କିଛିଦିନ ପରେ ଜାଣିଲି ଲୋକଟି କଥା କହେ ନାହିଁ, କଥା ସେ କହିନାହିଁ ଅନେକ ଦିନ ଧରି ।

ଶରଧାପୁର ଗ୍ରାମଟି ଏତେ ବଡ଼ ନୁହେଁ, ଆଗରୁ ଏଠି ଗୋଟେ ଆଉଟପୋଷ୍ଟ ଥିଲା; ଗତ ବର୍ଷ ଥାନାରେ ପରିଣତ ହୋଇଛି । କ୍ୱାର୍ଟର କି ଅଫିସ ଘର କିଛି ନାହିଁ, ପଞ୍ଚାୟତ ବାଲାଏ ଅଫିସ ପାଇଁ କିଛି ଜାଗା ଛାଡି ଦେଇଛନ୍ତି ।

ଗାଆଁ ଚାରିପାଖେ ପାହାଡ଼, ଜଙ୍ଗଲ, ଖରାଦିନେ ଶୁଖି ଯାଉଥିବା ନଦୀ ।

ପ୍ରମୋସନ ପାଇ ଆସିଥିଲି, ଏଣୁ ସନ୍ତୁଷ୍ଟ ଥିଲି । ହାକିମ ବି କଥା ଦେଇଥିଲେ ଏଠି ବର୍ଷେ ଖଣ୍ଡେ ରହିଲା ପରେ ଭଲ ଜାଗା ଦେଖି ରଖିଦେବେ ।

ଛୋଟ ଗାଁଟି ଭିତରେ ପୋଷ୍ଟ ଅଫିସ, ଆର.ଆଇ ଅଫିସ, ଜଙ୍ଗଲ ବିଭାଗର ଦଦରା ଡାକ ବଙ୍ଗଳା । ମତେ ଡାକ ବଙ୍ଗଳାରେ ରୁମଟିଏ ମିଳିଥିଲା, ଅସ୍ଥାୟୀ ଭାବେ ରହିବା ପାଇଁ ।

ସେଇ ଡାକ ବଙ୍ଗଳାର ବାରଣ୍ଡାରେ ବସି ମୁଁ ଦିନେ ବଡି ସକାଳୁ ଚା' ପିଉଚି, ସେହି ଲୋକଟିକୁ ଦେଖିଲି ରାସ୍ତାରେ । ଚୁପଚାପ ସେ ଚାଲୁଥିଲା କୁଆଡ଼କୁ ନ ଚାହିଁ ।

ଲୋକଟି ହାତରେ କଳା ପଡିଯାଇଥିବା ଲଣ୍ଠନ, ଟିଫିନ୍ ଡବା ଓ ବହି ଖଣ୍ଡିଏ । ଲୋକଟାର ହାତରୁ ଠକ କରି ବହିଟି ଖସି ପଡ଼ିଲା । ସେ କିନ୍ତୁ ସେମିତି ଚାଲିବାକୁ ଲାଗିଲା, ଅନ୍ୟମନସ୍କ ଭାବରେ, କୁଆଡ଼କୁ ନ ଚାହିଁ ।

: ତୁମ ବହିଟା ଖସି ପଡ଼ିଲା....

ମୁଁ ପଛରୁ ଡାକିଲି । ସେ ମୁହଁ ଫେରାଇ ମତେ ଦେଖିଲା, ତା'ପରେ ତଳେ ପଡିଥିବା ବହିକୁ । ସେ ନଇଁ ପଡି ବହିଟି ଉଠେଇ ନେଲା ।

: କି ବହି ସେଇଟା ?

ମୁଁ ପଚାରିଲି ।

ନୀରବରେ, ବିନୀତ ଛାତ୍ର ପରି ସେ ବହିଟି ଦେଖାଇ ଦେଲା । ଖଣ୍ଡେ ଗଣିତ ବହି ।

ଆଉ କିଛି ନ କହି ଲୋକଟି ଚାଲି ଗଲା ତା' ବାଟରେ ।

ମତେ ଆଉ କପେ ଚା' ଢାଳି ଦେବାକୁ ଆସିଥିବା ବୋଲହାକ ପିଲାଟି କହିଲା, ସେ ବୁଢ଼ା କାହାକୁ କିଛି କଥା କୁହେ ନାହିଁ ।

: କାହିଁକି ?

: ତା' ମନ ! ସେତେବେଳେ ଆପଣ ଯଦି ଏଠି ଥାଆନ୍ତେ, ସିଧା ତା'କୁ ଜେଲ ଠୁକି ଦେଇ ଥାଆନ୍ତେ !

ମୁଁ ପୁଣି ପଚାରିଲି : କାହିଁକି ?

: ସବୁକଥା ହାବିଲଦାର ବାବୁ କହିବେ । ନାଇଁ ସିଏ ତ ବହୁତ ପରେ ଆସିଲେ, ସରପଞ୍ଚ ବାବୁଙ୍କୁ ସବୁ ଠିକ ଠିକ ଜଣା ।

ପଞ୍ଚୁବାବୁ ସରପଞ୍ଚ ନିଜଆଡୁ ସେ କଥା କହିଲେ । ଦିନକ ପରେ ।

ନିଶା ନିବାରଣ ଉପରେ ପଞ୍ଚାୟତ ଗୋଟିଏ ସଭା କରିଥଲେ, ଗାନ୍ଧୀ ଜୟନ୍ତୀ ଦିନ, ମତେ ଡାକିଥିଲେ, କହିଥିଲେ ଆପଣଙ୍କୁ ଛାଡି ଏ ମିଟିଙ୍ଗ କରିବାର କିଛି ଅର୍ଥ ନାହିଁ ।

ମୁଁ ଯାଇଥିଲି । ପ୍ରାଇମେରୀ ସ୍କୁଲର ବାରଣ୍ଡାରେ ସଭା ବସିଥିଲା ।

ସଭା ସରିବା ପରେ ଚା' ପିଉ ପିଉ ମୁଁ ପଞ୍ଚୁବାବୁଙ୍କୁ କହିଥିଲି, ଇସ୍କୁଲ ଘର କରିବାକୁ କ'ଣ ଆଉ କୋଉଠି ଜାଗା ମିଳିଲା ନାହିଁ ? ଗାଁ ଭିତରେ ଏତେ ଜାଗା ପଡିଛି !

: ସବୁ ସେଇ ରାଜନୀତି ଆଜ୍ଞା, କାହାକୁ କ'ଣ ଆଉ କହିବା !

ସରପଞ୍ଚ କହିଲେ ପ୍ଲେଟରେ ଚା' ଢାଳି ପିଉ ପିଉ ।

: ନରଣଗଡ଼ ବାଲାଏ କହିଲେ ତାଙ୍କ ଗାଆଁରେ ସ୍କୁଲ ହବ, ଗୋବିନ୍ଦପୁର ବାଲାଏ କହିଲେ ତାଙ୍କ ଗାଆଁରେ ସ୍କୁଲ ହବ, ଆଉ ଆମ ଗାଆଁ ଲୋକେ ବି ଛାଡିଲେ ନାହିଁ । ଭାରି ଯୁକ୍ତିତର୍କ ହେଲା ମିଟିଙ୍ଗରେ ।

....ଶେଷକୁ ଜିଲାପାଳ ସାର ଚିହିଁକି ଯାଇ ତହସିଲଦାର ହାତରୁ ମ୍ୟାପ ଖଣ୍ଡିକ ଛଡେଇ ନେଲେ । ନାଲି କଲମରେ ଗୋଟେ ଚିହ୍ନ ଦେଇଦେଲେ, କହିଲେ, ଇସ୍କୁଲ ଘର ଏଇଠି ହବ ।'

ସ୍କୁଲ ଘରଟି ଏବେ ଛିଡା ହୋଇଛି ତିନୋଟି ଗାଆଁର ଠିକ ମଝିରେ, ଜ୍ୟାମିତିକ କେନ୍ଦ୍ର ବିନ୍ଦୁ ଉପରେ, ଅପନ୍ତରା ଭୂଇଁରେ । ଏ ପାଖରେ ବୁଦା ବୁଦା ଜଙ୍ଗଲ, ସେପାଖରେ ଶ୍ମଶାନ । ଏଇ ମୁହଁସଂଜ ଅନ୍ଧାର ଭିତରେ ବି ଚାରିଆଡ଼ ଦିଶୁଚି ନିଃସଙ୍ଗ ପରିତ୍ୟକ୍ତ ।

ଚା' ପ୍ଲେଟ ଓଠ ପାଖକୁ ନେଇ ମୁହଁ ଫେରାଇ ନେଲେ ପଞ୍ଚୁବାବୁ । ବିମର୍ଷ ସ୍ୱରରେ କହିଲେ, ସ୍କୁଲ ଘରଟା ଏଇଠି ନଥିଲେ ସେ ଦିନର ସେଇ ଘଟଣାଟା ଘଟି ନଥାନ୍ତା ।

: କୋଉ ଘଟଣା ?

...ଆପଣ ଦେଖିଥିବେ ତ ତାଙ୍କୁ ? ସାଧୁପଣ୍ଡିତଙ୍କୁ !

କହିଥିଲି, ସାଧୁପଣ୍ଡିତ ବୋଲି ମୁଁ କାହାରିକୁ ଜାଣି ନାହିଁ ।

: ଆପଣ ଆଜ୍ଞା ଦେଖି ନାହାନ୍ତି ? ସବୁଦିନ ସକାଳେ ସଂଜରେ ଏଇ ବାଟେ ଯାଆନ୍ତି, ହାତରେ ଧରିଥାଆନ୍ତି ଖଣ୍ଡେ ଗଣିତ ବହି, ଗୋଟେ ଲଣ୍ଠନ !

: ହଁ, ଦେଖିଚି ତ ! ଲୋକଟା ପାଗଳ ନା କ'ଣ ?

: ଆପଣ ଯେମିତି ଭାବିବେ ।

ଦୂରରୁ ଖସ ଖସ ଶବ୍ଦ ଶୁଭିଲା, ଚଢ଼େଇମାନେ ଗଛ କୋରଡ ଅନ୍ଧାର ଭିତରେ ଫଡ ଫଡ ହେଲେ ।

: ସେଇ ଭାଲୁଟା କି କଅଣ ! ମଝି ମଝିରେ ଭାରି ଉତ୍ପାତ କରେ । ଚାଲନ୍ତୁ ସାର ଫେରିବା । ଆପଣଙ୍କ ଡିନର ଖାଇବା ଟାଇମ ହୋଇ ଗଲାଣି ।

ସେଦିନ ନୁହେଁ, ପରଦିନ ବୋଲହାକ କରୁଥିବା ପିଲାଟି ପଚାରିଲା, ଆପଣ ସାର ଭୂତ ଦେଖିଛନ୍ତି ? ମାନେ ସତ ସତିକା ଭୂତ !

ସେତେବେଳେ ରାତି ଏଗାରଟା । କଙ୍କଡ଼ାପଟିରେ ଗୋଟେ ଚୋରି କେଶ ତଦନ୍ତ କରି ଫେରିଥାଏ । ଭାରି ଥକା ଲାଗୁଥିଲା, କ'ଣ ଟିକେ ଖାଇଦେଇ ଶୋଇ ପଡିବା କଥା ।

: ଏଇ ଡାକବଙ୍ଗଳାରେ ଗୋଟେ ଭୂତ ରହୁଥିଲା, ବହୁତ ବର୍ଷ ତଳେ। ଏବେ ତ ବୁଢା ହେଇଗଲାଣି, ଆଉ ବାହାରୁ ନାହିଁ । କିନ୍ତୁ ଗାଆଁ ସେ ମୁଣ୍ଡ ଇସ୍କୁଲ ଘରେ ପିଲା-ଭୂତଟିଏ ଅଛି । ଦିନେ ଦିନେ ରାତିରେ ଭାରି କାନ୍ଦେ । ସାରା ରାତି କାନ୍ଦୁଥାଏ ।

ମୁଁ ଏ ଆଲୋଚନାରେ ଭାଗ ନେବାକୁ ଆଗ୍ରହୀ ନଥିଲି, ଛକଡି ଖୁବ ଗପୁଡା ଟୋକା, କଥା କହି କହି ରାତି ପୁହାଇ ଦେବ । ସେ ବାସନ ଉଠାଇ ଚାଲିଗଲା ।

ଚୋରି ମାମଲାରୁ ଜାତିଆଣ କନ୍ଦଳ, ଦୁଇ ଗାଆଁ ଭିତରେ । ମତେ ଚାରି ଦିନ ବ୍ୟସ୍ତ ରହିବାକୁ ପଡିଲା, କଙ୍କଡାପଟିରେ କଟିଗଲା ଦୁଇଟା ରାତି ।

: କାଲି ବି ସେ ଆସିଥିଲା ରାତିରେ, ଆରାମ କରି ଶୋଇଥିଲା ରାତିଯାକ ଆପଣଙ୍କ ଗଦି ଚଉକିରେ ।

ଛକଡି କହିଲା, ମୁଁ ଡାକ ବଙ୍ଗଳାକୁ ଫେରିବା ପରେ ।

: କିଏ ସେଇ ବୁଢା ଭୂତ ?

: ହେତ ସାର ! ଟିକିଏ ଲାଜେଇ ଗଲା ଛକଡି, ମୋ ପରିହାସରେ । କହିଲା, ମୁଁ ସାର ସେଇ ଅଲକ୍ଷଣୀ କାଳି ବିଲେଇଟା କଥା କହୁଥିଲି । ସବୁଦିନ ସେ ଓର ଉଣ୍ଡି ବସିଥିବ, କେମିତି ଯାଇ କି ଆପଣଙ୍କ ଗଦି ଚଉକି ଉପରେ ବସିପଡିବ, ନଥ କିନା । ସେଇ ଚଉକିଟା ଉପରେ ତା'ର ଯୋଉ ଲୋଭ ! ଝୁଅ ଜାଣିନାଇଁ ଯେ ସେଇଟା ଗୋଟେ ପୁଲିସି ହାକିମର ଚଉକି, ଗୋଟେ ବୁଲେଟରେ ଫାଆଁ ....

ମୁଁ ଖାଇ ବସିଲି । ସେ ପୁଣି ଆରମ୍ଭ କଲା, କାଲି ରାତିଠୁ ସେ ପୋଡ଼ାମୁହିଁ କେତେବେଳେ ଯାଇ ଶୋଇଛି, ମତେ ଜଣା ନାହିଁ । ଆଜି ସଂଜକୁ ଯେମିତି କବାଟ ଖୋଲିଛି, କୁଦି ତ ପଡିଲା ମୋ ଉପରକୁ, ଗର୍ଜନ କରି, କଟମଟ ଆଖିରେ, ଯେମିତି ମତେ ଜୀଅନ୍ତା ଖାଇଯିବ ! ସତେ ଯେମିତି କି ମୁଁ ତା'କୁ ଜାଣିଶୁଣି ଭିତରେ ବନ୍ଦ କରିଦେଇଥିଲି ।

ଏଇ ଖାଲି ଡାକ ବଙ୍ଗଳା ଭିତରେ ଛକଡ଼ିର ତିନୋଟି ସହଚର । ଗୋଟିଏ ନେଉଳ, ଗୋଟିଏ କାଳି ବିଲେଇ ଓ ଗୋଟିଏ ପକେଟ ଟ୍ରାନଜିଷ୍ଟର । ବିଲେଇ ସହିତ ତା'ର ବନ୍ଧୁତ୍ୱ ସେତେ ଶାନ୍ତିପୂର୍ଣ୍ଣ ନୁହେଁ ।

କହିଲି : ଜହ୍ନି ଚଡଚଡ଼ିଟା ଭାରି ଭଲ ହେଇଚି । କାଙ୍କଡ଼ ଏବେ ମିଳିଲାଣି ହାଟରେ ? ଏଠି କେନ୍ଦୁ ମିଳେ ପରା !

ଗାଲରେ ହାତ ଦେଇ ବସିଥିଲା ଛକଡି, କ'ଣ ଭାବି ଭାବିକା । କହିଲା, ଯଦି ଚବିଶ ଘଣ୍ଟା ରୁମ ଭିତରେ ଅଟକି ରହି ବିଲେଇଟା ଏମିତି ଛଟପଟ ହେଇ ଯାଉଚି, ପାଗଳ ହେଇ ଯାଉଚି, ତେବେ ଭାବନ୍ତୁ ତ ସାର, ଦୁଇ ମାସ ଗୋଟେ ରୁମ ଭିତରେ ତାଲା ପଡି ରହିଗଲେ କି କଷ୍ଟ ହେଇଥିବ ସେ ପିଲାଟିର ! କି ସାଙ୍ଘାତିକ କଷ୍ଟ !

ଛକଡ଼ିର କଥା ମତେ ଅବୋଧ ମନେ ହେଲା । ମୋ ଅଇଁଠା ଭାତ ଖାଇବାକୁ ଅପେକ୍ଷା କରିଥିବା କଳା ବିଲେଇଟି ଗୋଟିଏ ଅଶରୀରୀ ଆତ୍ମା ଭଳି ଚାଲି ଗଲା ବାରଣ୍ଡାର ଅନ୍ଧାର ଭିତରେ ।

ସେହି ଅନ୍ଧାର ଭିତରକୁ ଚାହିଁ ଛକଡ଼ି ଚେଷ୍ଟା କଲା କିଛି ଖୋଜି ଦେଖିବାକୁ । କିଛି ଅସ୍ପଷ୍ଟ ସ୍ୱର ଶୁଣିବାକୁ । କହିଲା, ମତେ ଲାଗେ ପିଲାଟି ସେଇଠି ବସି କାନ୍ଦୁଛି, ଏକୁଟିଆ । ଅନ୍ଧାର ଭିତରେ, ସାରା ରାତି ।

... ସେ ମୋ'ଠୁ ଦୁଇ ବର୍ଷ ସାନ ଥିଲା, ପଢୁଥିଲା ତୃତୀୟ ଶ୍ରେଣୀରେ ।

.... ସେ ମରିଗଲା, ତା'କୁ ସେମାନେ ମାରିଦେଲେ ।

ପୁରା ବୃତ୍ତାନ୍ତଟି ସେ ମତେ କହିଥିଲା ସେଇ ରାତିରେ । ସେ ଏମିତି ଏକ କାହାଣୀ ଯାହା ରାତିର ନିଦ ହଜାଇ ଦେବ ।

ତା' ପରଦିନ କଙ୍କଡ଼ାପଟିରୁ ମୁଁ ଫେରିଲା ବେଳକୁ ସଞ୍ଜ ହୋଇସାରିଥିଲା । ବାଟରେ ସେହି ପ୍ରାଇମେରୀ ସ୍କୁଲ, ସେହି ନିର୍ଜନତା, ସେହି ଅନ୍ଧାର । ସାତ ବର୍ଷ ତଳେ ଏଇ ସ୍କୁଲ ଭିତରୁ ଶୁଭୁଥିଲା ବିକଳ କାନ୍ଦର ସ୍ୱର, ଗୋଟିଏ ସାତ ବର୍ଷର ପିଲାର । କେହି ଶୁଣିପାରିଲେନି ସେହି କାନ୍ଦ, ସେହି କୋହ ।

ସାଧୁ ପଣ୍ଡିତ ପାଠରେ ଯେମିତି ପ୍ରବୀଣ, ଶୃଙ୍ଖଳାରେ ସେମିତି କଠୋର । ତୃତୀୟ ଶ୍ରେଣୀର ପିଲାଟିଏ ମିଶାଣ ଫେଡାଣ ଜାଣିବ ନାହିଁ, ସାତକ ପଣକିଆ ମୁଖସ୍ତ ଦେଇ ପାରିବ ନାହିଁ, ଏ କେମିତି କଥା ! ପିଲାଟା ବି ଭାରି ଦୁଷ୍ଟ, ପଡ଼ିଆରେ ଧାଉଁଥିବ ପ୍ରଜାପତି ପଛରେ ପାଗଳଙ୍କ ପରି, ଏଣୁ ଏଣୁ ଛବି ଆଙ୍କି ପକାଉଥିବ ଗଣିତ ଖାତାରୁ କାଗଜ ଚିରି, ଝରକା ସେପାଖର ଏଣ୍ଡୁଅ କି ଗୁଣ୍ଡୁଚିମୂଷାକୁ ଅନେଇ ଥିବ ପାଠ ନ ଶୁଣି, ଏ ସବୁ ତ ଆଦୌ ଭଲ ଲକ୍ଷଣ ନୁହେଁ !

ଖରା ଛୁଟି ଆଗ ଦିନ ପର୍ଯ୍ୟନ୍ତ, ଏତେ କରି ଶିଖେଇବା ସତ୍ତ୍ୱେ, ସାତକ ପଣକିଆ ଠିକ ଠିକ ମୁଖସ୍ତ ଦେଇ ନ ପାରିବା ଅପରାଧରେ, ତା'କୁ ଦଣ୍ଡ ଦେବାକୁ ନିଷ୍ପତ୍ତି ନେଲେ ପଣ୍ଡିତ ମହାଶୟ । ଚାରିଟା ବେଳେ, ଲମ୍ବା ଦୁଇମାସ ପାଇଁ ସ୍କୁଲ ଛୁଟି ହେବା ଦିନ, ଘୋଷଣା କଲେ ବରଜ ଆଜି ସ୍କଲରେ ଡିଟେନ ରହିବ । ତିନିର ସାତକ ଯାଏ ପଣକିଆ ଦଶ ଥର

ଲେଖିବ, ତା' ସାଙ୍ଗରେ ମିଶାଣ ଫେଡାଣ ପଚିଶ ଖଣ୍ଡ । ସ୍କୁଲପିଅନ ଖୁସିରାମ ପାଇଁ ନିର୍ଦ୍ଦେଶ ରହିଲା, ସେ ଯେମିତି ଜଗି ବସି ଦେଖୁଥାଏ, ସଞ୍ଜ ଠିକ ଛଅଟା ହେଲା ପରେ ବରଜୁ ଘରକୁ ଯିବ । ତା'ପରେ ତାଲା ପଡିବ ସ୍କୁଲରେ । ଆଗରୁ ନୁହେଁ ।

ଖୁସିରାମ ଲୋକଟା ମନ୍ଦ ନୁହେଁ, ସ୍ନେହୀ ମଣିଷ, ପିଲାଙ୍କୁ ଭାରି ଭଲପାଏ, ତା'ର ଖାଲି ଗୋଟିଏ ଦୁର୍ବଳତା । ଟିକେ ନିଶା ପାଣି ଅଭ୍ୟାସ ଅଛି, ଅଫିମ ହେଉ, ମଦ ହେଉ, ଗଞ୍ଜେଇ ହେଉ । ସ୍କୁଲ ବାରଣ୍ଡାରେ ବସିବସି ଚିଟା ଲାଗୁଥିଲା, ସେ ଅଫିମ ଟେଳାଏ ପାଟିରେ ଜାକି ଘୁମେଇବାକୁ ଲାଗିଲା । ତା' ନିଦ ଭାଙ୍ଗିଲା ଠିକ ଛଅଟା ବେଳକୁ । ସେ କାଳ ବିଳମ୍ବ ନ କରି, ଆଦେଶ ମୁତାବକ, ସ୍କୁଲ ଘରେ ତାଲା ପକେଇଦେଲା । ତା'ପରେ ଘରକୁ ଗଲା । ରାତି ଗାଡିରେ ସେ ଚାଲିଗଲା ହଜାରିବାଗ, ଗୋଟିଏ ବସ ଓ ଦୁଇଟି ଟ୍ରେନ ବଦଳାଇ । ସେଇଠି ତା' ଶଶୁର ଘର ।

ରାତି ଆଠଟା ଯାଏ ଯେତେବେଳେ ବରଜୁ ଘରକୁ ଫେରିଲା ନାହିଁ, ତା' ବିଧବା ମାଆଟି ଭାରି ବ୍ୟସ୍ତ ହୋଇ ପଡ଼ିଲା । ପଡ଼ିଶାଘରର ଜଣକୁ ଧରି ଖୋଜାଖୋଜି କଲା । ରାସ୍ତଘାଟ, ଦୋକାନ ବଜାର, ସାଙ୍ଗସାଥୀଙ୍କ ଘର, ନଈ ପୋଖରୀ କୂଅ, ପାହାଡ଼, ଜଙ୍ଗଲ । ସ୍କୁଲକୁ ବି ।

ସ୍କୁଲ ଘରେ ପହଞ୍ଚିଲା ବେଳକୁ ରାତି ବାରଟା । ଝାଡ଼ବଣ ସେପାଖରେ ଶ୍ମଶାନର ନିଆଁ; ଅଧାଜଳା ଚିତାଟିଏ ମଡ଼ମଡ଼ ଭାଙ୍ଗି ପଡୁଛି ପାଉଁଶ ହୋଇ, ଧୂଆଁ ହୋଇ । ପବନରେ ପୋଡା ମାଂସର ଗନ୍ଧ । ସେହି ଆଧିଭୌତିକ ଅନ୍ଧାର ଭିତରେ ସ୍କୁଲ ଘରଟି ଆଚ୍ଛନ୍ନ ହୋଇ ରହିଥିଲା, ସତେ କି ବିପନ୍ନ ଆତଙ୍କରେ ଅଚେତନ ।

ବିଧବା ମାଆଟି ପୁଅକୁ ଡାକିଲା ପାଟି କରି, ତା' ତଣ୍ଟି ପଡିଯାଇଥିଲା କାନ୍ଦି କାନ୍ଦି, ଡାକି ଡାକି । ସ୍କୁଲ ଘର ଭିତରୁ କିଛି ଜବାବ ମିଳିଲା ନାହିଁ । ଗଛ କୋରଡ ଭିତରେ ଚମକି ଉଠି ପଡୁଥିବା ଶାବକ ପକ୍ଷୀମାନଙ୍କୁ ମାଆମାନେ ପ୍ରବୋଧ ଦେଇ ଶୁଆଇ ପକେଇଲେ । ବୁଲା କୁକୁରଟିଏ ଭୁକିଲା ଦୁଇଥର । ସ୍କୁଲ ଘରଟି ସତେ କି ଜାକିଜୁକି ହୋଇଗଲା ଭୟ ଓ ଆଶଙ୍କାରେ ବିବଶ ଶିଶୁଟିଏ ଭଳି । ଅବା କାନ୍ଦିକାନ୍ଦି ଶୋଇଥିବା ନବଜାତ ପରି । ଗହୀର ନୀରବତା ଭିତରେ ମହୁଲ ଫୁଲ କେତୋଟି ଝରି ପଡିଲେ ଟୋପା ଟୋପା ଲୁହ ପରି ।

ବରଜୁ ନିଖୋଜ ହୋଇଯାଇଥିଲା ସେଦିନ ସଞ୍ଜଠୁ । ଯେମିତିକି ମିଳେଇ ଯାଇଛି ପବନରେ । ଖୁସିରାମ କୌଣସି ସୁରାକ ଦେବାକୁ ମହଜୁଦ ନ ଥିଲା ଗାଁରେ, ସାଧୁ ପଣ୍ଡିତ ବି ନଥିଲେ, ନୀଳଗିରି ଯାଇଥିଲେ ପଞ୍ଚଲିଙ୍ଗେଶ୍ୱରଙ୍କୁ ଦର୍ଶନ କରିବା ପାଇଁ ।

ଛକଡି କହିଥିଲା, ଆପଣ ଆଜ୍ଞା ଭାବି ପାରୁଚନ୍ତି କେମିତି ସେ ପିଲାଟି କଟେଇଥିବ ସେ ଦିନ ଗୁଡ଼ାକ ! ମଶାଣି ସେପାଖ ଇସ୍କୁଲ ଘର ଭିତରେ ଏକୁଟିଆ, କେହି କୁଆଡେ ନାହାନ୍ତି ! ସାଙ୍ଗରେ ଖାଲି ଭୋକ ଶୋଷ ଭୟ ଅନ୍ଧାର ।

ବାନା ଗଉଡ଼ କୁଆଡେ କହିଥିଲା, ଜାଣିଚ ନା ଜଗୁଭାଇନା, ଇସ୍କୁଲ ପଛ ପଟେ, ମଶାଣି ସେପାଖ ଅନ୍ଧାର ବୁଦା ମୂଳରେ, ଗୋଟେ ପାତାଳୀ ଭୂତ ବସା କରିଛି... ଦିନରେ କାନ୍ଦୁଥାଏ, ରାତି ଯାକ ହସୁଥାଏ, ଭାବ ଯେମିତି ଛୋଟ ପିଲାଟେ ! ସେଦିନ ବଉଳା ଗାଈଟା ହଜି ଯାଇଥିଲା, ଖୋଜି ଖୋଜି ସେଇଠି ହାବୁଡି ଯାଇଥିଲି, ଆଉ ମୁଁ ଯାଏ କୁଆଡେ ଲୋ ମୋ' ମାଆ, ସେଇ ପାତାଳୀଟା ତ ଚିଚାରି ପକେଇଲା, ଗଁ ଗଁ ଶବ୍ଦରେ, ଜାଣି ତ ପାରିବ ନାଇଁ କୋଉଠି ଆସ୍ଥାନ କରିଛି, ଆକାଶରେ ନା ପାତାଳରେ !

ଦୁଇ ମାସ ପରେ ସ୍କୁଲ ଖୋଲିଥିଲା, ଅତି ହୃଦୟ ବିଦାରକ ଥିଲା ସେହି ଦିନର ଦୃଶ୍ୟ । ଚଟାଣରେ ପଡିରହିଥିଲା ଗୋଟିଏ ବାଳକର ପଚି ସଢ଼ି ଯାଇଥିବା ଶବ, ମଶାଣିର ଅସଂଖ୍ୟ ଶବ ଗନ୍ଧ ଭିତରେ କ୍ରମଶଃ ବିଲୀନ ହୋଇ ଯାଇଥିଲା ସେ ଦେହର ଗନ୍ଧ । ପିଲାଟି ବଞ୍ଚିବାକୁ ସବୁ ପ୍ରକାର ଚେଷ୍ଟା କରିଥିଲା । ଡାକି ଡାକି ଥକି ଯିବାପରେ ସେ ଚେଷ୍ଟା କରିଥିଲା ଜୀଇ ରହିବା ପାଇଁ, କୌଣସି ପ୍ରକାରର ଜୀବନ । ସେ ତା' ସାହିତ୍ୟବହିରୁ କେତେ ପୃଷ୍ଠା ଖାଇ ଦେଇଥିଲା, ତା' ନିଜ ସ୍କୁଲ ପୋଷାକର କେତେକାଂଶ, ନିଜ ଦେହର ବିଷ୍ଠା ବି । ବଞ୍ଚିବାକୁ ।

କାନ୍ଦି କାନ୍ଦି ପଥର ପାଲଟି ଯାଇଥିବା ବିଧବା ସ୍ତ୍ରୀଲୋକଟି ଆଉ ଲୁହ ଗଡାଇ ନଥିଲା, ଲୁହ ଆଉ ଉଦବୃତ୍ତ ନଥିଲା ତା' ଆଖିର ଅଶ୍ରୁଗ୍ରନ୍ଥିରେ । ସେ ଘୁଷୁରି ଘୁଷୁରି ଆସି ବଡ଼ ବଡ଼ ଆଖିରେ ପିଲାଟିକୁ ଦେଖିଥିଲା, ଛୁଇଁଥିଲା ତା'ର ଛିଣ୍ଡା ବହି ଓ ପୋଷାକକୁ, ତା'ର ଗୁହ ବୋଳା ହାତକୁ ।

ଛକଡ଼ି ମତେ କହିଥିଲା ଥରଟିଏ, ଆଖି ମଟ ମଟ କରି : ପୁଲିସ ସେମାନଙ୍କୁ ଫାଶିରେ ଲଟକେଇ ଦେବା ଉଚିତ ଥିଲା । ସେ ମାଷ୍ଟ୍ରକୁ ଆଉ ସେ ପିଅନଟାକୁ ।

ପିଅନକୁ ପାଇବା ଅବଶ୍ୟ ସମ୍ଭବ ନଥିଲା । ଖୁସିରାମ ମନକୁ ପାପ ଛୁଇଁଥିଲା ହୁଏତ, ସେ ଶଶୁର ଘରେ କେତେଦିନ ରହିବା ପରେ ହଠାତ କୁଆଡେ ଅନ୍ତର୍ଦ୍ଧାନ ହୋଇଯାଇଥିଲା ।

କିଛୁ ସାଧୁପଣ୍ଡିତ ସଶରୀର ଉପସ୍ଥିତ ଥିଲେ । ସ୍କୁଲ ଖୋଲିବା ଦିନ ।

ସେ ଛିଡ଼ା ହୋଇ ଦେଖିଥିଲେ ଚଟାଣରେ ପଡି ରହିଥିବା ପିଲାଟିକୁ, ତା' ପାଖରେ ନିର୍ବାକ ବସି ରହିଥିବା ମାଆଟିକୁ । ପଶୁ ପରି ନିର୍ବୋଧ ଆଖିରେ ମାଆଟି ଦେଖୁଥିଲା ତା' ଚାରିଆଡକୁ, ପିଲାଟିର ଦେହକୁ ଛୁଉଁ ଥିଲା, ବହିବସ୍ତାନିକୁ ଦେଖୁଥିଲା, ଧରିବାକୁ ଚେଷ୍ଟା କରୁଥିଲା ପିଲାଟିର ଗୁହ ଲାଗିଥିବା ହାତକୁ ।

ତା' ମୁହଁରେ କିଛି ଭାବ ନଥିଲା, ଭାବାନ୍ତର ନଥିଲା ।

ଆଖି ଦୁଇଟା ଥିଲା ପଥର ପରି କଠିନ, ଲୋତକଶୂନ୍ୟ ।

ସେ ହାତ ବଢ଼ାଇ ଧରିଲା ତଳେ ଲୋଟି ପଡିଥିବା ଗଣିତ ବହିଟିକୁ । ସେ ବହିଟି ଥିଲା ଅକ୍ଷତ; ଖଣ୍ଡିଏ ବି ପୃଷ୍ଠା ସେଥିରୁ ଚିରି ନ ଥିଲା । ବହିଟି ଭିତରୁ କିଛି ଖୋଜି ଦେଖିବାକୁ ଚେଷ୍ଟା କଲା ସେ, ଶୁଖିଲା ପଥୁରିଆ ଆଖିରେ । ତା'ପରେ ସେ ଫୋପାଡ଼ି ଦେଲା ବହିଟିକୁ, ସାଧୁ ପଣ୍ଡିତଙ୍କୁ ଲକ୍ଷ୍ୟ କରି ।

ସାଧୁପଣ୍ଡିତ ନଇଁ ପଡି ବହି ଖଣ୍ଡିକ ହାତରେ ଧରିଲେ, ଅନ୍ଧଟିଏ ପରି ଅଣ୍ଡାଳି ଅଣ୍ଡାଳି ।

ମାଆଟି ତା'ପରେ ଉଠିପଡି, କୁଆଡିକୁ ନ ଚାହିଁ, ଦୌଡିବାକୁ ଲାଗିଥିଲା ରାସ୍ତା ଉପରେ । ବଣ ଭିତରକୁ ଅଜଗର ପରି ଲମ୍ବି ଯାଇଥିବା ରାସ୍ତାରେ । ପଛେ ପଛେ, ବାଟବଣା ହୋଇ ଯାଇଥିବା ପରି, ପାଦ ଗଣି ଗଣି ସାଧୁ ପଣ୍ଡିତ ଚାଲିଥିଲେ ସେଇ ଜଙ୍ଗଲ ରାସ୍ତାରେ ।

ଜଙ୍ଗଲ ଭିତରେ, ଗୋଟିଏ ଲଣ୍ଡା କୂଅ ଭିତରେ ଗଳି ପଡିଥିବା ମାଆଟିର ମଲାଦେହ ମିଳିଥିଲା, ଦିନକ ପରେ । ସେଦିନ ସାଧୁ ପଣ୍ଡିତ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ସ୍ଥିର, ବିମୂଢ଼, ଚଳହୀନ । ଗଣିତ ବହିର ପ୍ରଶ୍ନଚିହ୍ନଟିଏ ପରି ।

ତରୁଣକାନ୍ତି ମିଶ୍ର

ଓଡ଼ିଆ କଥା ସାହିତ୍ୟର ଅର୍ଦ୍ଧ ଶତାବ୍ଦୀର ଇତିହାସରେ ତରୁଣକାନ୍ତି ମିଶ୍ରଙ୍କ ସ୍ୱାକ୍ଷର ଉଜ୍ଜ୍ୱଳ ଓ ଅନନ୍ୟ । ତରୁଣକାନ୍ତିଙ୍କ ଗଳ୍ପର ସମ୍ବେଦନଶୀଳ ମାର୍ମିକ ଅଭିବ୍ୟକ୍ତି, ରହସ୍ୟମୟତା ଓ ମନ୍ତ୍ରମୁଗ୍ଧ କରିଦେଲା ପରି ଅନ୍ତରୀଣ ଭାବାବେଶ ପାଠକକୁ ଆଚ୍ଛନ୍ନ କରିଦିଏ । ଐନ୍ଦ୍ରଜାଲିକ ବାସ୍ତବତାକୁ କଥା ଓ କାହାଣୀରେ ନୂତନ ରୂପ ଦେଇଥିବା ଏହି କଥାକାରଙ୍କ ଗଳ୍ପରେ ଉତ୍କୀର୍ଣ୍ଣ ହୋଇ ରହିଛି ଗଭୀର ଅନ୍ତର୍ମୁଖୀ ଅନୁଭବ, ସଂବେଦନଶୀଳ ମାର୍ମିକ ଉପଲବ୍ଧି ଓ ବିଦଗ୍ଧ ରସଚେତନା । ତାଙ୍କ କାହାଣୀର ଚରିତ୍ରମାନେ ଏକ ସମୟରେ ଅନେକତ୍ର ଅନ୍ତର୍ମୁଖୀ ଓ ବହିର୍ମୁଖୀ... ସ୍ୱପ୍ନର ପୃଥିବୀ ଓ ବାସ୍ତବତାର କାରୁଣ୍ୟ ପରସ୍ପରକୁ ଆବୋରି ରଖିଥାନ୍ତି ଗୋଧୂଳି ଲଗ୍ନର ଛାଇ ଆଲୁଅ ପରି ।

ତରୁଣକାନ୍ତି ମିଶ୍ରଙ୍କ ଜନ୍ମ କେନ୍ଦୁଝରଗଡରେ, ଶିକ୍ଷା ଓଡିଶା ଓ ଇଂଲଣ୍ଡରେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକୋତ୍ତର ଶିକ୍ଷା ପରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦାନ ଓ ଓଡିଶାର ମୁଖ୍ୟ ଶାସନ ସଚିବ ଭାବେ 2010 ରେ ଅବସର। ଛାତ୍ରଜୀବନରେ ତାଙ୍କର ପ୍ରଥମ ଗଳ୍ପ ସଂକଳନ ପ୍ରକାଶ ପାଏ । ଏ ପର୍ଯ୍ୟନ୍ତ 22 ଟି ଗଳ୍ପ ସଂକଳନ ଓ ଗୋଟିଏ ଉପନ୍ୟାସ ପ୍ରକାଶିତ । ତନ୍ମଧ୍ୟରୁ 'ଭାସ୍ୱତୀ' କେନ୍ଦ୍ର ସାହିତ୍ୟ ଏକାଡେମୀ, 'ବୀତଂସ' ଓଡିଶା ସାହିତ୍ୟ ଏକାଡେମୀ ଓ 'ଆକାଶସେତୁ' ଶାରଳା ପୁରସ୍କାର ପ୍ରାପ୍ତ । ଅନ୍ୟାନ୍ୟ ଉଲ୍ଲେଖନୀୟ କୃତିରେ ରହିଛି କୋମଳ ଗାନ୍ଧାର, ଲୁବ୍ଧକର ରାତି, ବହୁବ୍ରୀହି, ଆଜି ରାତିର ଗଳ୍ପ, ଶରଦ ଶତମ, ଅଜଣା ତିଥିର ଜହ୍ନ। ଲେଖକଙ୍କ ହିନ୍ଦୀରେ ଅନୂଦିତ ଗଳ୍ପ ସଂକଳନ 'ଇତନୀ ଦୂର' ଭାରତୀୟ ଜ୍ଞାନପୀଠଙ୍କ ଦ୍ୱାରା ପ୍ରକାଶିତ । ଓଡିଆ ସାହିତ୍ୟକୁ ତାଙ୍କର ଅବଦାନ ନିମନ୍ତେ ସମ୍ମାନ ସୂଚକ D.Litt. ପ୍ରାପ୍ତ ।

କାଚ କଣ୍ଟେଇ

ଗୌରହରି ଦାସ

ଯେତେବେଳେ ପାଚିଲା ଆମ୍ବ ଓ ପଣସର ମିଠା ବାସ୍ନାରେ ଘ□ଶ୍ୱର ହାଟପଟିର ନୁଖୁରା ମଳିଛିଆ ଓ ଧୂଳିଆ ଚେହେରା ମହ ମହ ବାସିଉଠେ, ସେତିକିବେଳେ ପହିଲି ରଜ ଆସେ ଆମ ଗାଁକୁ। ଲଙ୍କାଆମ୍ବ ବଣରେ ମହୁମାଛିଙ୍କର ମେଲଣ ସରି ନ ଥାଏ, ତେନ୍ତୁଳି ଗଛ ଡାଳରେ କାଉଗୋଠ ପରି ମନ୍ତେଇ ମଥା ଉପରେ ଓହଳିପଡ଼େ କଳା ବଉଦ। ପହିଲି ରଜର ଆସିବା ରାସ୍ତାରେ ଆମ ଗାଁ ପବନ ବିଛେଇ ଦିଏ ଚୁନି ଚୁନି କରଞ୍ଜ ଫୁଲ। ବଡ଼ ପୋଖରୀର ଗୋଳିଆ ପାଣିରେ ଝିଅମାନେ ନିଜ ନିଜର ତୋଫା ଦେହ ଘଷିମାଜି ହୁଅନ୍ତି, ରୋଷେଇ ଘରେ ପୋଡ଼ପିଠାର ବାସ୍ନା ଛୁଟେ, ସ୍କୁଲ୍ ପଡ଼ିଆରେ ଘାସ ଗଛଗୁଡ଼ିକ କେନା ମେଲେଇ ବଢ଼ିଚାଲନ୍ତି ଓ ଆମ ଗାଁ ରାସ୍ତାରେ କାଚ, ଅଳତା ଆଉ ରିବନ ବିକାଳିଙ୍କର ଭିଡ଼ ବଢ଼ିଯାଏ।

ଏବଂ ସେତିକିବେଳେ ଆସନ୍ତି ବଟଦାଦି। ତାଙ୍କର ବଗପରି ଧୋବଫରଫର କୁ□ି ଦିଶିଯାଏ ନୂଆ ପୋଖରୀ ଆଡ଼ିରୁ; କାନ୍ଧ ଉପରେ ନାଲି ଗାମୁଛା, ପାଦରେ ନେଳି ଚପଲ ଓ ଦୁଇ ହାତରେ ଦିଇଟି କୁହୁକ ଝୁଲା। ଆଉ ଜଣେ କେହି ବଟଦାଦିଙ୍କର ବଡ଼ ଗଣ୍ଠୁଲିଟିକୁ କେତେବେଳେ ହାତରେ ଓହଳେଇ ତ କେତେବେଳେ କାନ୍ଧରେ କାନ୍ଧେଇ ତାଙ୍କ ପଛେ ପଛେ ଚାଲୁଥାଏ - ଯେଉଁଥିରେ ଥାଏ ଗୋଛା ଗୋଛା ସ୍ୱପ୍ନ, ବିଡ଼ା ବିଡ଼ା ବିସ୍ମୟ।

ଆମର ଘଟଣାହୀନ କୈଶୋରର ଶାଖାରେ, ଆମ୍ବଗଛ ଶାଖାରେ ବଉଳ ଖୁନ୍ଦିହେଲା ପରି ଘଟଣାମାନ ଖୁନ୍ଦି ହୋଇଯାଏ। ଆମେମାନେ ବଟଦାଦିଙ୍କର ପାଖାପାଖି ହେବା ପାଇଁ ପରସ୍ପର ଭିତରେ ପ୍ରତିଯୋଗିତା ଆରମ୍ଭ କରିଦେଉ। ଚଢ଼େଇର ଡେଣା ପରି ଆମେ ଆମର ଦୁଇ ହାତ ମେଲେଇ ଚକାଚକା ଭଉଁରି ଖେଳୁ। ସେଇ ନୂଆ ପୋଖରୀ ଆଡ଼ି ପାଖରୁ ହିଁ ଆମେ ବଟଦାଦିଙ୍କୁ ଶଙ୍ଖୋଳି ଆଣୁ।

ମୁଁ ଚଟ୍‌କରି ବଟଦାଦିଙ୍କ ହାତରୁ ଗୋଟାଏ ଝୁଲା ଆଣିବା ପାଇଁ ହାତ ବଢ଼େଇ ଦିଏ। ମୋ ମନର ରହସ୍ୟ ଭେଦ ପାଇଁ ଅସମର୍ଥ ବଟଦାଦି ମୋର ଆଜ୍ଞାବହତା ଓ ଭକ୍ତିରେ ମୁଗ୍ଧ ହୁଅନ୍ତି। ବାଁ ହାତର ଝୁଲାଟି ମୋ ହାତକୁ ବଢ଼େଇ ଦେଉ ଦେଉ କହନ୍ତି, 'ହୁସିଆରିରେ ଧରିବୁ, ପଡ଼ିଯିବ।'

ବଟଦାଦିଙ୍କର ସେଇ ଓଜନିଆ ଝୁଲାଟି ମୋତେ ଫୁଲଭ□ ଚାଙ୍ଗୁଡ଼ି ପରି ହାଲୁକା ଲାଗେ। ମୁଁ ଡଗଡଗ ପାହୁଣ୍ଡ ପକେଇ ବଟଦାଦିଙ୍କୁ ଆଗେ ଆଗେ ବାଟ କଢ଼େଇ ଆଣେ। ବଟଦାଦି ପଚାରନ୍ତି, ''ସ୍କୁଲ ଛୁଟି ହୋଇଗଲାଣି କିରେ ?'' ଆଉ କେହି କିଛି ଉ□ର ଦେବା ଆଗରୁ ମୁଁ କହେ, ''ହଁ। କୋଉଦିନୁ।''

ବଟଦାଦି ବଡ଼ ପୋଖରୀର ପଥର ପାହାଚରେ ଗୋଡ଼ହାତ ଧୁଅନ୍ତି। ତା'ପରେ ସିଧା ଯାଇ ଚନ୍ଦ୍ରଶେଖର ମହାଦେବଙ୍କୁ ମୁଣ୍ଡିଆ ମାରନ୍ତି। ସେଇଠୁ ଆର ଝୁଲାଟି ଆଉ ଜଣେ କାହା ହାତକୁ ବଢ଼େଇ ଦେଇ ସେ ଗୁରୁଜନମାନଙ୍କୁ ଓଳଗି-ଦଣ୍ଡବତ ଜଣାଇ ଜଣାଇ ଘରକୁ ଆସନ୍ତି।

ଘର ଅଗଣାରେ ତାଙ୍କୁ ଅପେକ୍ଷା କରି ରହିଥାଏ ଗୋଟେ କୁନି ମଙ୍ଗଳା ଯାତ୍ରା। ବୋଉ ଯାଇ ଚଟିଆଟିଏ ପାରିଦିଏ ପିଣ୍ଡା ଉପରେ, ଗେହ୍ଲାଦେଈ ପାଣି ଢାଳଟିଏ ଆଣି ଥୋଇଦିଏ। ଖୁଡ଼ୀ ଗୋଟେ ବି□ଣା ଆଣି ବଟଦାଦିଙ୍କ ହାତକୁ ବଢ଼େଇ ଦିଅନ୍ତି। ବାପା ବଟଦାଦିଙ୍କୁ କଲ୍ୟାଣ କରୁ କରୁ ଆମମାନଙ୍କୁ ତାଗିଦ୍ କରନ୍ତି, ''ଲୋକଟାକୁ ଟିକିଏ ପବନ ଖାଇବାକୁ ଦିଅ। ଚାରିପଟୁ ଘେରି କ'ଣ ଦେଖୁଛ ?''

ମାତ୍ର ଆମେମାନେ ବାପାଙ୍କର ସେ ତାଗିଦାକୁ ଦେହର ମଳିପରି ଝାଡ଼ିଝୁଡ଼ି ଦେଉ। ଆମର ଆଖିଗୁଡ଼ିକ ବଟଦାଦିଙ୍କ ବ୍ୟାଗ୍ ଓ ବଡ଼ ଗଣ୍ଠିଲିଟି ଉପରେ ଥାଏ। ବଟଦାଦି ଘର ଭିତରକୁ ଚାହିଁ କହନ୍ତି, ''ଆଗେ ପିଲାଙ୍କ କଥା ଟିକିଏ ବୁଝିଦେଲ।''

ତା'ପରେ ଖୁଡ଼ୀ ଆମକୁ ଖଇ ଉଖୁଡ଼ା ବା□ଲା ପରି ଚଉଠେ ଚଉଠେ ସନ୍ଦେଶ ଦିଅନ୍ତି। ପାଟିରେ ଦେଉ ଦେଉ ସେତକ କୁଆପଥର ପରି କୁଆଡ଼େ ମିଳେଇ ଯାଏ। ବଟଦାଦିଙ୍କର ଅନ୍ୟ ଜିନିଷ ଉପରେ ଡାଆଣା ସାଙ୍ଗମାନଙ୍କର ନଜର ପଡ଼ିବା ଆଶଙ୍କାରେ ମୁଁ ନିଜକୁ ସ୍ୱେଚ୍ଛାସେବୀ ଭୂମିକାରେ ବସେଇ ପାଟିକରେ, ''ଚାଲ ଚାଲ। ସନ୍ଦେଶ ତ ଖାଇଲ, ଆଉ କ'ଣ ? ସଞ୍ଜବେଳକୁ ଆସିଲେ କଲିକତା ଗପ ଶୁଣିବ।''

ସାଙ୍ଗମାନେ ମୋର ସୌଭାଗ୍ୟକୁ ଈର୍ଷା କରି ଓ ମନେ ମନେ ମୋର ଦୁର୍ବ୍ୟବହାରକୁ ଗାଳିଦେଇ ଫେରିଯାଆନ୍ତି। ତା'ପରେ ମୁଁ ସିଧା ଯାଇ ବସିଯାଏ ବଟଦାଦିଙ୍କ ଗଣ୍ଠୁଲି ପାଖରେ, ମାଛଧରା ହେଉଥିବା ପୋଖରୀ ଆଡ଼ିରେ ବଗ ବସିବା ପରି।

ବଟଦାଦି ଥକି ପଡ଼ିଥାଆନ୍ତି। କହନ୍ତି, ''ଉପରଓଳିକୁ ବ୍ୟାଗ୍‌ପତ୍ର ଖୋଲିବା।'' ତାଙ୍କର ଏ ପ୍ରସ୍ତାବରେ ରାଜିହେବା ଭିନ୍ନ ମୋର କିଛି ଚାରା ନ ଥାଏ।

କିନ୍ତୁ ମୁଁ ତାଙ୍କ ପାଖ ଛାଡ଼େ ନାହିଁ। କାୟା ପାଖରେ ଛାୟା ପରି ମୁଁ ତାଙ୍କରି ପାଖେ ପାଖେ ରହିଥାଏ।

ବଟଦାଦି ତାଙ୍କ ହାତବ୍ୟାଗ୍‌ରୁ ଚକଚକିଆ ଖୋଳ ଭିତରେ ପଶିଥିବା ଟୁଥ୍‌ପେଷ୍ଟ୍ ବାହାର କରନ୍ତି । ବ୍ରସ୍ ପିଠିରେ ପେଷ୍ଟ୍ ବୋଳି ବାଡ଼ିଘର ପିଣ୍ଡା ଉପରେ ଦାନ୍ତ ଘଷନ୍ତି । ମୁଁ ତାଙ୍କ ପାଟିକୁ ଚାହିଁରହେ । ସାବୁନ ଫେଣ ପରି ବାଲୁବାଲୁ ତାଙ୍କ ମୁହଁଟିକୁ ଦେଖି ମୋର ସାହାଡ଼ା, ନିମ୍ନ, କରଞ୍ଜ ଦାନ୍ତକାଠିଗୁଡ଼ାକ ଉପରେ ଦୟା ହୁଏ । ବାପା ବ୍ୟବହାର କରୁଥିବା ଗୁଡ଼ାଖୁ ପ୍ରତି ଘୃଣା ଆସେ । ମୁଁ ମନେ ମନେ ଭାବିଚାଲେ, ବଡ଼ହେଲା ପରେ ବଟଦାଦିଙ୍କ ପରି ମୁଁ ବି ବ୍ରସ୍‌ରେ ଟୁଥ୍‌ପେଷ୍ଟ୍ ଧରି ଦାନ୍ତ ଘଷିବି । ସେତେବେଳେ ବାଡ଼ିପିଣ୍ଡାରେ ଦାନ୍ତ ନ ଘଷି ମୁଁ ବଡ଼ପୋଖରୀ ଯାଏଁ ଯିବି । ଲିଟୁ, ଚୁଇଁ, ବଗୁଲି ଓ ନଣ୍ଡା ସମସ୍ତଙ୍କୁ ଦେଖେଇ ଦେଖେଇ ଦାନ୍ତ ଘଷିବି ।

କିନ୍ତୁ ବଟଦାଦିଙ୍କର କୋଉ କୋଉ ଚିଜ ବା ମୁଁ ନିଜେ ସଂଗ୍ରହ କରିପାରିବି ! ତାଙ୍କର କୁହୁକ ପେଡ଼ିରେ ଅଦ୍ଭୁତ ଅଦ୍ଭୁତ ଜିନିଷମାନଙ୍କର ଭିଡ଼ । ବଟଦାଦି ଦାନ୍ତ ଘଷିସାରି ଗାଧୋଇବା ଲାଗି ବାହାରନ୍ତି । ବ୍ୟାଗ୍‌ରୁ ବାହାରେ ଚକଚକିଆ ଖୋଳ ଭିତରେ ଯତ୍ନରେ ପଶିଥିବା ଡଉଲଡାଉଲ ସାବୁନ । ବଟଦାଦି ସେ ଖୋଳଟାକୁ ଫିଙ୍ଗିଦେବା କ୍ଷଣି ମୁଁ ଚଟ୍‌କରି ସେଇଟିକୁ ଗୋଟେଇ ଆଣି ପକେଟ୍‌ରେ ଲୁଚେଇ ଦିଏ । ପାଖଆଖରେ କେହି ନ ଥିଲାବେଳେ ସେଇଟିକୁ ମୁଁ ନାକ ପାଖରେ ଧରି ଶୁଙ୍ଘେ- ବାପ୍‌ରେ, କି ବାସ୍ନା ସେଇ ଖୋଳଟାର !

ବଟଦାଦି ତା'ପରେ ଛୋଟ ତେଲ ଶିଶିଟିଏ ବାହାର କରନ୍ତି । ସେଇ ଶିଶିଟାର ଠିପି ଖୋଲିବାକ୍ଷଣି ତା'ର ମହମହ ବାସ୍ନାରେ ଆମ ଘରର ସନ୍ତସନ୍ତିଆ, ଗମୁରା ଗନ୍ଧ କୁଆଡ଼େ ପଳେଇଯାଏ । ମୁଁ ଆଉ ବେଶୀକାଳ ମୋର ବିସ୍ମୟକୁ ଧରି ରଖି ନ ପାରି ବଟଦାଦିଙ୍କୁ ପଚାରେ, 'ଏଇଟା କ'ଣ ବାସ୍ନା ତେଲ !'

: ହଁ, ଯା' ନାଁ କେଓକାର୍ପିନ୍ । ତୁ ଯାକୁ ଧରି ଚାଲ୍ । ମୁଣ୍ଡ ଧୋଇଲା ପରେ ଲଗେଇବା ।

ମୁଁ ଟ୍ୟୁବ୍‌ୱେଲ୍‌ର ହ୍ୟାଣ୍ଡଲ ଚାପିବା ପାଇଁ କୋଉକାଳୁ ନିଜକୁ ସଜ କରି ରଖିଥାଏ । ମୋର ବୋତାମ ଛିଣ୍ଡି ଯାଇଥିବା ପ୍ୟାଣ୍ଟଟା କାଳେ ଅସହଯୋଗ କରିବ, ସେଇ ଆଶଙ୍କା କରି ତା' ଉପରେ ବାପାଙ୍କ ନାଲି ଗାମୁଛାକୁ କମରପଟି ପରି କଷି ଦେଇଥାଏ ।

ବଟଦାଦି ଟ୍ୟୁବ୍‌ୱେଲ୍ ପାଖରେ ପହ□ଚିପଚାରନ୍ତି, 'ଆଉ କେହି ଏଠି ନାହାନ୍ତି ତ ରେ ?'

ମୁଁ ଏଣ୍ଡୁଅ ପରି ଏପଟ ସେପଟ ଚାହିଁ କହେ, 'ନା, ତମେ ଗାଧୋଇପଡ଼ ।'

ବଟଦାଦି ତାଙ୍କ ଅ□ାରୁ ଗୋଟେ ସିଗ୍ରେଟ୍ ପ୍ୟାକେଟ୍ ବାହାର କରନ୍ତି । କିଆବୁଦା ପାଖକୁ ଯାଇ ପବନ ନ ବାଜିବା ପରି ଜାଗାରେ ସେ ପ୍ୟାକେଟ୍‌ଟି ଖୋଲନ୍ତି ଓ ତା' ଭିତରୁ ଜରି ଖଣ୍ଡେ ବାହାର କରି ପକେଇଦିଅନ୍ତି । ଆମ ଗାଁର ଡାଆଣା ପବନ ସେ ଜରିକୁ ଉଡ଼େଇ

ନେବା ଆଗରୁ ମୁଁ ଖପ୍‌କିନା ଧାଇଁଯାଇ ତାକୁ ଧରିଆଣେ ଓ ପକେଟ୍‌ରେ ପୂରେଇ ଦିଏ । ବଟଦାଦି କଳ ଦିଆଶିଲି ଚାପି ସିଗ୍ରେଟ୍‌ରେ ନିଆଁ ଲଗେଇ ପାଟିର ଧୂଆଁସବୁ ଗୋଲ୍ ଗୋଲ୍ ମୁଣ୍ଡୁଳା ବନେଇ ଉପରକୁ ଛାଡ଼ନ୍ତି । ସେତେବେଳେ ବଟଦାଦି ଦିଶନ୍ତି ଆଈ କହିଥିବା ଗପର ରଜାପୁଅ ପରି ।

ମୁଁ ପରମ ଉତ୍ସାହରେ ଟ୍ୟୁବ୍‌ୱେଲ୍‌ର ହ୍ୟାଣ୍ଡଲ୍ ଚାପେ । ବଟଦାଦି ମହମହ ବାସୁଥିବା ସାବୁନରେ ଗାଧୁଅନ୍ତି । ପୋଛାପୋଛି ହୋଇସାରି ମୁଣ୍ଡରେ ବାସନା ତେଲ ଲଗାନ୍ତି । ତା'ପରେ ମୋତେ କହନ୍ତି, ''ବସ୍, ମୁଁ ଚାପିଦେଉଛି । ତୁ ବି ଗାଧୋଇପଡ଼ ।''

ଓଦା ଗାମୁଛା ପାଲଟି ବଟଦାଦିଙ୍କ ଆଗେ ଆଗେ ଗାଁ ଦାଣ୍ଡରେ ଚାଲିଲାବେଳେ ମୋ ଦୁଇ ଗୋଡ଼ର ବ୍ୟବଧାନ ଅଜାଣତରେ ବଢ଼ିଯାଏ । ମୋ ଦେହ ମୁଣ୍ଡରୁ ମହମହ ବାସ୍ନା ବାହାରି ଦାଣ୍ଡସାରା ଖେଳି ଯାଉଥାଏ । ମୁଁ ସେତେବେଳେ ମନକୁ ମନ ଭାବୁଥାଏ, ''ବଟଦାଦି ସବୁଦିନେ ଗାଁରେ ରହନ୍ତେ କି !''

ବଟଦାଦି ଖାଇସାରି ଟିକିଏ ଶୋଇପଡ଼ନ୍ତି । ଖୁଡ଼ୀ ମୋତେ ବଟଦାଦିଙ୍କ ପାଖରୁ ଉଠେଇ ଦେଇ କବାଟ ଆଉଜେଇ ନିଅନ୍ତି । କହନ୍ତି, ''ରେଳଗାଡ଼ି ବାଧା କଥା ତୁ ଜାଣିନୁ । କଲିକତା କ'ଣ କମି ବାଟ ? ପୁଣି ଦମ୍‌ଦମ୍ ପାଖରୁ ହାଓ୍ୱଡା - ବାପ୍‌ରେ, ସେ ବହୁତ ବାଟ । ତୁ ଯାଇ ଛାଇ ଲେଉଟିଲେ ଆସିବୁ ।''

କଲିକତା, ହାଓ୍ୱଡା, ଦମ୍‌ଦମ୍ - ଏଗୁଡ଼ିକ କୁଆଡ଼େ ମୁଁ ଜାଣି ନ ଥାଏ । ସେତେବେଳକୁ ମୁଁ ଯାଇ ଯାଇ ଘ□ଶ୍ୱର ଯାଏ ଯାଇଥାଏ । ଘ□ଶ୍ୱରର ଦୁର୍ଗାପୂଜା ଆଉ କାଳୀପୂଜା ଆମ ଅ□ଞ୍ଚରେ ବିଖ୍ୟାତ । ବାପା ବେଳେବେଳେ ଚାନ୍ଦବାଲି ଯାଆନ୍ତି ଓ ଶ୍ରୀଧର ଭାଇ କଟକରେ ରହନ୍ତି । କିନ୍ତୁ ବଟଦାଦି ରହନ୍ତି ଦମ୍‌ଦମ୍‌ରେ !

ବଗୁଲି ପଚାରେ, ''ତୋ ବଟଦାଦି କୁଆଡ଼େ ଆଳୁଦମ୍‌ରେ ରହନ୍ତି ?''

ମୁଁ ତାକୁ ଜବାବ ଦିଏ, ''ତୋ ଦାଦି ପୋଟଳରସାରେ ରହୁଥିବେ ।''

ବଗୁଲି କିଛି କହିପାରେ ନାହିଁ । ବଟଦାଦି ଆଣିଥିବା ସନ୍ଦେଶର ମିଠା ସୁଆଦ ତା' ମୁହଁ ବାନ୍ଧି ଦେଇଥାଏ । ତା' ସାଙ୍ଗକୁ ମୁଁ ମୋର ଦୁଇ ପକେଟରେ ଥିବା ସିଗ୍ରେଟ୍, ସାବୁନ ଓ ଟୁଥ୍‌ପେଷ୍ଟର ଚିକିଚିକିଆ ଖୋଳଗୁଡ଼ିକ ଦେଖେଇ ଭବିଷ୍ୟତରେ ସେଥିରୁ ଗୋଟିଏ ଯୋଡ଼ିଏ ତାକୁ ଦେଇପାରେ, ଏଇ ପ୍ରତିଶ୍ରୁତି ତା' ଆଗରେ ଝୁଲେଇ ରଖିଥାଏ । ବଗୁଲି ସେପରି ଅମୂଲ୍ୟ ଜିନିଷର ଲୋଭ ଛାଡ଼ି ମୋ ସାଙ୍ଗେ ଶତ୍ରୁତା କରିବାକୁ କଦାପି ସାହସ କରନ୍ତା ନାହିଁ ।

ଦ୍ୱିପ୍ରହର ସାରା ମୁଁ ଏକଲା ଡାହୁକ ପରି ଏପଟ ସେପଟ ହୋଇ ବଟଦାଦିଙ୍କ କବାଟ ଖୋଲିବାକୁ ଅପେକ୍ଷା କରେ । ଗୋଟିଏ ଗୋଟିଏ ମୁହୂ□ମୋତେ ଗୋଟିଏ ଗୋଟିଏ ଦିନ ପରି ଲାଗେ । ସେତେବେଳେ ଖୁଡ଼ୀଙ୍କ ଉପରେ ମୋର ରାଗ ହୁଏ । ବୋଉ ଆଉ ଖୁଡ଼ୀ ରୋଷେଇ ଘରେ ବାସନକୁସନ ସଜାଡ଼ି ରଖୁଥାଆନ୍ତି । ମୁଁ ଯାଇ ବଟଦାଦିଙ୍କ ଦରଆଉଜା କବାଟଟାକୁ ଟିକିଏ ଖୋଲିଦେଇ ଡାକେ, ''ଦାଦି, ଏବେ ଗଣ୍ଠିଲି ଖୋଲିବା ।''

ବଟଦାଦି ଶେଷକୁ ମୋ କଥାରେ ରାଜି ହୋଇଯାଆନ୍ତି ।

ମୁଁ ତାଙ୍କ ପାଖରେ ଚକାମାଡ଼ି ବସେ ।

ବଟଦାଦି ଗୋଟିଏ ପରେ ଗୋଟିଏ ପୁଡ଼ିଆ ଖୋଲନ୍ତି । ଓଃ, ବାପ୍‌ରେ, କେତେ ଜିନିଷ ଥାଏ ସେ ଗଣ୍ଠିଲିଟାରେ !

ବାପାଙ୍କ ପାଇଁ ଧୋତି, ବୋଉ ଏବଂ ଖୁଡ଼ୀ ପାଇଁ ଶାଢ଼ି, ସାନ ପାଇଁ ଓ୍ୱାସ୍ ଏନ୍.ଓ୍ୱେୟାର କନାର ଜଗଦୀଶ ଡ୍ରେସ୍, ବଡ଼ ଭଉଣୀ ପାଇଁ ଲମ୍ବା ଫ୍ରକ୍, ଘର ପାଇଁ ପ୍ଲାଷ୍ଟିକ୍ ଗ୍ଲାସ୍, କପ୍ ଓ ପ୍ଲେଟ୍, ଠାକୁରଙ୍କ ପାଇଁ ଚନ୍ଦନପେଡ଼ି, ଧୂପକାଠି, ଆଈ ପାଇଁ ଭୁଟ୍‌କମ୍ବଳ । ଆର ବ୍ୟାଗ୍‌ଟାରେ ଜିରା, ସୋରିଷ, ଗରମ ମସଲା, ବାସ୍ନା ତେଲ, କାଚ, ରିବନ, କୁଙ୍କୁମ ଓ ଆଉରି କେତେ କ'ଣ । ହାତ ବ୍ୟାଗ୍ ଭିତରେ ରଜ ଖେଳ ପାଇଁ ନୂଆ ତାସ୍ ମୁଠା, ମୋହନ ସିରିଜ୍‌ର ଗୁଇନ୍ଦା ଉପନ୍ୟାସ, ଲୁଗାଧୁଆ ଓ ଦେହଲଗା ସବୁନ । ତା' ସାଙ୍ଗକୁ ବାପାଙ୍କ ଅ□ବିନ୍ଧା ଔଷଧ, ପାଉଡର ଡବା ଓ କଳ ଦିଆଶିଲି - ଯାହାକୁ ଚିପିଦେଲେ ନିଆଁ ବାହାରେ ।

ମୁଁ ତଥାପି ଅପେକ୍ଷା କରେ । ଏଗୁଡ଼ା ତ ସବୁ ଘର ପାଇଁ । ମୋ ପାଇଁ ବଟଦାଦି କ'ଣ କିଛି ଆଣିନାହାନ୍ତି !

ବଟଦାଦି ମୋ ମୁହଁକୁ ଚାହିଁଦେଇ ସବୁକଥା ଜାଣିଯାଆନ୍ତି । ସେ ଉଠିଯାଇ ଘର କୋଣରୁ ଗୋଟେ ନାଲିଖୋଳଗୁଡ଼ା ଚିଜ ଆଣି ମୋ ହାତକୁ ବଢ଼େଇ ଦିଅନ୍ତି । ମୁଁ ତରବରରେ ଖୋଲିବସେ - କେଉଁଥର ରବର ଜୋକର, କେଉଁଥର ମଟର କାର୍ କି ଉଡ଼ାଜାହାଜ । ଶେଷଥର ଥିଲା ଅଦ୍ଭୁତ କାଚ କଣ୍ଢେଇ । କଣ୍ଢେଇଟି ଗୋଟେ ମହାପରାକ୍ରମୀ ରାଜାର । ମୋର ନୁଖୁରା ଶାବନା ହାତରେ କାଚର ସେ କଣ୍ଢେଇଟି ମାଙ୍କଡ଼ ହାତରେ ହୀରାମୁଦି ପରି ଚମକି ଉଠିଥିଲା । ମୁଁ ଆମ ଘରର ଅନ୍ଧାରିଆ କୋଣକୁ କଣ୍ଢେଇଟିକୁ ନେଇଯାଇ ବୋଉକୁ ପଚାରିଥିଲି, 'ଅନ୍ଧାରରେ ବି ମୋ କଣ୍ଢେଇ ଦିଶୁଚି ନା ? ଦିଶୁନି !'

ବୋଉର ଆଖି ଖରାପ । ସେ କହେ, 'ଟିକିଏ ଟିକିଏ ଦିଶୁଛି ।'

ମୁଁ ତା' ଉପରେ ଚିଡ଼ିଯାଏ । କହେ, ମୋତେ ତ ସଫା ଦିଶୁଛି ।

ବଟଦାଦି ତା'ପରେ ମୋତେ କାଚ ଗୋଲି ଓ ଲଜେନ୍‌ସ ଦିଅନ୍ତି । ମୁଁ ମନେ ମନେ ବଟଦାଦିଙ୍କୁ ଶହ ଶହ ବାର ପ୍ରଶଂସା କରେ । ଆମ ବଟଦାଦିଙ୍କ ପରି ଭଲ ଲୋକ ଏ ଖଣ୍ଡମଣ୍ଡଳରେ କେହି ନ ଥିବେ ।

ବଟଦାଦିଙ୍କ ପରି ଲୋକ ସତରେ ଆମ ଗାଁରେ କେହି ନ ଥିଲେ । ସେଥିପାଇଁ ସେ ଗାଁରେ ପାଦଦେବା କ୍ଷଣି ଆମେମାନେ ଚ□ଳ ହୋଇ ଉଠୁଥିଲୁ । ସାଙ୍ଗେ ସାଙ୍ଗେ ନୂଆ ନୂଆ ଯୋଜନା ତିଆରି ହୋଇଯାଉଥିଲା । ବଡ଼ ପୋଖରୀରୁ ମାଛଧରା, ରଜର ବାଗୁଡ଼ି ପ୍ରତିଯୋଗିତା, ସାହିପିଲାଙ୍କୁ ନେଇ ଅପେରା ଓ ଅପେରା ପରଦିନ ଭୋଜି । ଏସବୁ ମଝିରେ କେହି କେହି ଅଷ୍ଟପ୍ରହରୀ କୀ□ନର ପ୍ରସ୍ତାବ ରଖୁଥିଲେ । ମାତ୍ର ସବୁଯାକ ଏକ ସମୟରେ ହୋଇପାରିବ ନାହିଁ କହି ବଟଦାଦି ସେ ପ୍ରସ୍ତାବକୁ ଟାଳି ଦେଉଥିଲେ ।

ଦିନରାତି ମଉଜ୍ଜବ ଲାଗି ରହୁଥିଲା ଆମ ଗାଁରେ । ଆମର ପାଦ କଙ୍କିର ଡେଣା ପରି ଅସ୍ଥିର ଓ ମନ ତୁଳା ପରି ହାଲୁକା ହୋଇଯାଉଥିଲା । ଆମେମାନେ ବଟଦାଦିଙ୍କ ହୁକୁମ ତାମିଲ କରିବା ଲାଗି ପରସ୍ପର ଭିତରେ ପ୍ରତିଯୋଗିତା କରୁଥିଲୁ । ବଟଦାଦିଙ୍କ ପାଇଁ କିଛି କାମଟେ କରିଦେବା ଥିଲା ଆମ ପାଇଁ ସୌଭାଗ୍ୟ ।

ଚାହୁଁ ଚାହୁଁ ବଟଦାଦିଙ୍କର ଛୁଟି ସରିଯାଏ । ବଟଦାଦି କଲିକତା ଯିବା ପାଇଁ ବାହାରନ୍ତି । ସେତେବେଳକୁ ହାଓ୍ୱଡାର ଝୁଲନ୍ତା ପୋଲ, ଭିକ୍ଟୋରିଆ ମ୍ୟୁଜିୟମ୍‌ର ଅଦ୍ଭୁତ ଦୃଶ୍ୟ, ଦମ୍‌ଦମ୍‌ରେ ପ୍ରତି ସେକେଣ୍ଡରେ ଯା-ଆସ କରୁଥିବା ବିରାଟ ବିରାଟ ଉଡ଼ାଜାହାଜମାନଙ୍କ କଥା ସମ୍ପୂର୍ଣ୍ଣ ହୋଇ ନ ଥାଏ । ଅଥଚ ବଟଦାଦିଙ୍କ ଯିବା ସମୟ ଆସିଯାଏ । ମୁଁ ଉଦାସ ହୋଇପଡ଼େ । ବଟଦାଦି ଚାଲିଗଲା ପରେ ପୁଣି ମୋର ଦିନଗୁଡ଼ିକ ସେଇ ଘଷରା, ପୋଚରା ଓ ବିରକ୍ତିକର ପାଲଟିଯିବ । ସେଥିରେ ଏ ଉ□ଜନା, ବିସ୍ମୟ ଓ ରୋମା□ ଆସିବ କୋଉଠୁ !

ଯେମିତି ଦିନେ ନୂଆ ପୋଖରୀ ରାସ୍ତା ଦେଇ ବଟଦାଦି ଆସିଥାଆନ୍ତି, ସେମିତି ଦିନେ ସେ ଚାଲିଯାଆନ୍ତି । ମୁଁ ବୋଉର କାନିତଳେ ମୋର ଲୁହକୁ ଲୁଚେଇ ବଟଦାଦିଙ୍କର ଯିବା ରାସ୍ତାକୁ ଚାହିଁ ରହେ । କ୍ରମେ କ୍ରମେ ତାଙ୍କର ବଗ ପର ପରି ତୋଫା କୁ□ ଓ ନାଲି ଗାମୁଛା ବିଲମାଳରେ ହଜିଯାଏ । ତେଣିକି ଯାହା ରହିଯାଏ, ସେସବୁ ବଟଦାଦିଙ୍କୁ ନେଇ ଯେତେସବୁ ଉଷୁମ ସ୍ମୃତି- ମାଛଧରା, ବାଗୁଡ଼ିଡିଆଁ, ରଜଝୁଲଣ, ତାସ୍‌ପିଟା ଓ ଅପେରା ଆୟୋଜନର ରୋମା□ଞ୍ଚର ଅନୁଭବ । ସେଇ ସ୍ମୃତିମାନଙ୍କୁ ମନେ ମନେ ଝୁରି ଆମେ ସମୟ ବିତଉ ।

ବଟଦାଦି କଲିକତା ଫେରିଯିବାର ଅନେକ ଦିନ ପର୍ଯ୍ୟନ୍ତ କିନ୍ତୁ ଆମ ଘରର ଅଗଣାରେ ବାସ୍ନା ତେଲ ଓ ସାବୁନର ସୁଗନ୍ଧ ଖେଳି ବୁଲୁଥାଏ । ଅନ୍ୟମାନଙ୍କ ଘର ତୁଳନାରେ ଆମ ଘର ଯେ ଅଧିକ ସମ୍ଭ୍ରାନ୍ତ ଓ ଆଧୁନିକ, ଏଇ କଥାଟି ପ୍ରଚାର କରୁଥାଏ ସେ ମହମହ ବାସ୍ନା । କ୍ରମେ ସେ ବାସ୍ନା ବି ପାତଳ ହୋଇ ଆସେ ଏବଂ ଦିନେ ସକାଳୁ ଉଠିଲାବେଳକୁ ସେ ବାସ୍ନା ଜାଗାରେ ଆମ ଘରର ଅଗଣାକୁ ପୁରୁଣା ପରିଚିତ ଗୋବରଲିପା ସନ୍ତସନ୍ତିଆ ଗନ୍ଧ ଫେରିଆସିଥାଏ ।

ସେତିକିବେଳେ ମୁଁ ଘର କୋଣରେ ମୋ ସ୍କୁଲ୍ ବ୍ୟାଗ୍ ଭିତରେ ସାଇତିଥିବା ସେଇ ଅପୂର୍ବ କଣ୍ଢେଇଟିକୁ ଖୋଲି ଦେଖେ । କାଚର ମହାରାଜା ବଡ଼ ବଡ଼ ନିଶ ଫୁଲେଇ ମୋତେ ଚାହାନ୍ତି । ମୁଁ ତାକୁ ସିନ୍ଦୁକ ଉପରେ ଥୋଇ ଟିକେ ଦୂରଛଡ଼ା ହୋଇ ଚାହେଁ । ତା'ପରେ ତାକୁ ବୁଲେଇ ଧରେ । ଆଶ୍ଚର୍ଯ୍ୟ ଭାବେ ମହାରାଜାଙ୍କ ଚେହେରା ଏଥର ବଦଳିଯାଏ । ଚାହୁଁ ଚାହୁଁ ଖୋଦ୍ ମହାରାଜା ପାଲଟିଯାଆନ୍ତି ଗୋଟେ କାନ୍ଥୁରା ବଣମଣିଷ । ମୁଁ ମୋର ନୂଆ ଆବିଷ୍କାରରେ ପାଗଳ ହୋଇଯାଏ । କିନ୍ତୁ କଣ୍ଢେଇଟିକୁ ସ୍କୁଲ୍‌କୁ ନେବାର ବୋକାମି କରେ ନାହିଁ । ନଣ୍ଡା ଓ ବଗୁଲିଙ୍କ ଉପରେ ଭରସା ନାହିଁ - ହିଂସୁକ ଗୁଡ଼ାକ, ତଳେ ପକେଇ ଭାଙ୍ଗିଦେବେ ।

ଯେତେ ଚେଷ୍ଟା କଲେ ମଧ୍ୟ ନିଜ ଭିତରେ ଏ ଅଦ୍ଭୁତ ଆବିଷ୍କାରର ପୁଲକ ମୁଁ ବେଶୀ କାଳ ଛପେଇ ରଖିପାରେ ନାହିଁ । ଦିନେ ଏମିତି ସାଙ୍ଗମେଳରେ ଗପୁ ଗପୁ ଆଉ କେହି ପଚାରିବା ଆଗରୁ ମୁଁ ନିଜେ ହିଁ ଅଦ୍ଭୁତ କଣ୍ଢେଇର କଥା କହିଦିଏ । ତା'ପରଠୁ ବଗୁଲି, ନଣ୍ଡା ଓ ଯେତେସବୁ ସାଙ୍ଗ ମୋ ପିଛା ଲାଗିଯାଆନ୍ତି । ଆଚାର, କାଚଗୋଲି, ସିଗ୍ରେଟ୍ ଖୋଳ, ଗୋଲ ଖଡ଼ିପଥର ଓ କାଗଜ ତିଆରି 'ଦିନରାତି' ଖେଳସବୁ ମୋତେ ଯାଚନ୍ତି । ମୁଁ ସେମାନଙ୍କୁ ସମୟ ଦିଏ, ଛୁଟିଦିନ ଖରାବେଳେ ଆସିବ । ମୁଁ ତୁମମାନଙ୍କୁ ମୋ କଣ୍ଢେଇ ଦେଖେଇବି ।

ଘରକୁ ଫେରିଆସି କିନ୍ତୁ ମୁଁ ଖୁବ୍ ପସ୍ତାଏ । କାହିଁକି ଏମାନଙ୍କୁ ମୋ କଣ୍ଢେଇ କଥା କହିଲି ! ମନେ ମନେ ପୁଣି ନାନା ପ୍ରକାର ଯୋଜନା କରେ । କହିଦେବି, ମୋ ବୋଉ କୋଉଠି ଲୁଚେଇ ଦେଇଛି, ମୁଁ ପାଉନାହିଁ । ନ ହେଲେ କହିଦେବି, ଗେହ୍ଲାଦେଈ ହାତରୁ ପଡ଼ି ମୋ କଣ୍ଢେଇ ଭାଙ୍ଗିଯାଇଛି ।

କିନ୍ତୁ ଭାଙ୍ଗିଯିବା କଥାଟା ମନକୁ ଆସିଲାକ୍ଷଣି ମୁଁ ଦୁଃଖରେ ଭାଙ୍ଗିପଡ଼େ । ନା, ନା, ସ୍ୱପ୍ନରେ ସୁଦ୍ଧା ମୁଁ ସେକଥା ଭାବିପାରିବି ନାହିଁ ।

ସେତେବେଳକୁ ଏଇ କାଚକଣ୍ଢେଇ ଭିନ୍ନ ବଟଦାଦି ଛାଡ଼ିଯାଇଥିବା ଆଉ କୌଣସି ଚିଜ ମୋ ପାଖରେ ନ ଥାଏ । ଅତି ଯତ୍ନରେ ସାଇତିଥିବା ଅରଖ ନୂଆ ଟଙ୍କିକିଆ ନୋଟ୍‌ଟି ସୁଦ୍ଧା କେତେବେଳେ ମିଶ୍ରି ମୁଣ୍ଡାଏ ବିନିମୟରେ କାଶୀନନା ଦୋକାନର ତହବିଲ୍‌କୁ ଚାଲିଯାଇଥାଏ ।

ଯାହା ରହିଥାଏ, ତାହା କେବଳ ଚକ୍‌ଚକ୍ କରୁଥିବା ମୋର କାଚ କଣ୍ଢେଇ - ଏପଟୁ ମହାରାଜା, ସେପଟୁ ବଣମଣିଷ ।

॥ ଦୁଇ ॥

ଅଳକା ଡାକିଲା, କ'ଣ ସେତିକିବେଳୁ ବସି ଭାବି ହେଉଛ ? ପିଲାଲୋକ, ସେ କ'ଣ ଜାଣିଶୁଣି ଏ କାମ କରିଛି ?

ଅଳକା ଲୁନାର ଅଣହୁସିଆରି କଥା କହୁଥିଲା । ପଚାରୁଥିଲା, ରଜକୁ ତୁମେ ଗାଁକୁ ଯିବ ନା ନାହିଁ ?

ମୁଁ କାଚ କଣ୍ଢେଇର ଟୁକୁଡ଼ାମାନଙ୍କୁ ଚାହିଁଥିଲି ।

ପ୍ରତିଟି ଟୁକୁଡ଼ା ଭିତରେ ମୋତେ ଦିଶିଯାଉଥିଲା ଦି' ଦିଇଟି ମୁହଁ - ରାଜା ଓ ବଣମଣିଷ, ବଣମଣିଷ ଓ ରାଜା ।

ଏବଂ ବଟଦାଦିଙ୍କ ସହ ଶେଷ ସାକ୍ଷାତର ସ୍ମୃତି ।

ମାଟ୍ରିକ୍ ପରୀକ୍ଷା ସରିଯାଇଥିଲା । ଭଲ ହେଉ କି ଖରାପ ହେଉ, ମାଟ୍ରିକ୍‌ଟା ଯେ ପାସ୍ କରିଯିବି, ସେ ନେଇ ବେଶ୍ ନିଶ୍ଚିତ ଥାଏ ମୁଁ । ସେଥିପାଇଁ ଫୁଲ୍‌ପ୍ୟା□ଓ ସାର୍ଟ ପାଇଁ ମୋର ଦାବିଟିକୁ ମୁଁ ବାରମ୍ବାର ଦୋହରାଉଥାଏ, ମାତ୍ର ବାପା ଏବଂ ବୋଉ 'ବଟଦାଦି ଆଣିବେ' କହି କଥାଟାକୁ ଟାଳି ଦେଉଥାନ୍ତି ।

ସେତିକିବେଳେ ସନାତନ ସାର୍ କଲିକତା ବାହାରିଲେ । ବୋଉକୁ କହିଲି, ମୁଁ ବି ସାର୍‌ଙ୍କ ସାଙ୍ଗରେ କଲିକତା ବୁଲିଆସିବି । ବଟଦାଦିଙ୍କଠୁଁ ମୋର ପ୍ୟା□ସାର୍ଟ ନେଇ ଆସିବି ।

ବହୁ ଯୁକ୍ତିତର୍କ, ରାଗରୁଷା ଓ ଶେଷକୁ ସନାତନ ସାର୍‌ଙ୍କ ହସ୍ତକ୍ଷେପ ପରେ ବୋଉ ମୋ କଥାରେ ରାଜି ହୋଇଥିଲା । ବଟଦାଦିଙ୍କ ଠିକଣା ଲେଖାଥିବା ଗୋଟିଏ ପୋଷ୍ଟକାର୍ଡ ସେ ସାର୍‌ଙ୍କ ହାତରେ ଧରେଇଥିଲା, ଯେଉଁଟାର ପ୍ରଥମ ବାକ୍ୟ ଥିଲା 'ଆମ କୁଶଳକୁ ମା' ଦକ୍ଷିଣକାଳୀ ସାହା, ତୁମ ଭଲମନ୍ଦକୁ ବାବା ଚନ୍ଦ୍ରଶେଖର ମହାଦେବ ସାହା ହୋଇଥାଆନ୍ତୁ ।'

ସନାତନ ସାର୍‌ଙ୍କ ସହ ହାଓ୍ୱଡାରେ ଓହ୍ଲେଇଲା ବେଳକୁ ସେଇ ମାତ୍ର ସକାଳ ସିନ୍ଦୂରା ଫାଟି ଆସୁଥାଏ। ସନାତନ ସାର୍ କହିଲେ, ପ୍ରଥମେ ଆମେ ଶ୍ୟାମବଜାର ଯିବା ଓ ତା'ପରେ ଉପରଓଳିକି ବାରାସତ୍।

କଲିକତା ବିଷୟରେ ସବୁକିଛି ଜାଣିଥିଲା ପରି ମୁଁ କହିଲି, 'ଦମ୍‌ଦମ୍ ଦେଇ ଯିବା ତ ?'

: ହଁ, ହଁ। ତେବେ ଦମ୍‌ଦମ୍ ବାଁ ପଟକୁ ରହିଯିବ।

ଉପରଓଳି ଆମେ ଦୁହେଁ ଯାତ୍ରୀ ଖୁନ୍ଦାଖୁନ୍ଦି ଗୋଟାଏ ବସ୍‌ରେ ଯାଇ ବଟଦାଦିଙ୍କ କମ୍ପାନି ପାଖରେ ପହଁଚିଲା। ବେଳକୁ ବେଳ ଗଡ଼ିଗଲାଣି। ଡାଆଣିଆ ଖରା ରାସ୍ତା ଉପରେ ବିଛେଇ ହୋଇ ପଡ଼ିଥାଏ। ସନାତନ ସାର୍ ମୋତେ ହୁସିଆର କରିଦେଲେ, ''ଓହ୍ଲେଇଲା ବେଳେ ହୁସିଆରିରେ ଓହ୍ଲେଇବୁ। ଏମାନଙ୍କର ଦୟା ମାୟା ନାହିଁ।''

ବାରାସତ୍ ଆସିବାର ପନ୍ଦର ମିନିଟ୍ ଆଗରୁ ମୁଁ ନିଜକୁ ବସ୍‌ରୁ ଓହ୍ଲେଇବା ନିମନ୍ତେ ସଜିଲ କରି ରଖିଥିଲି। ସନାତନ ସାର୍ କହିଲେ, ''ସାବାସ୍, ଏତେ ଦିନେ ତୋର ଡିଆଁକୁଦା କାମରେ ଆସିଲା।''

ବଟଦାଦିଙ୍କ ହାତଲେଖା ପୋଷ୍ଟକାର୍ଡରୁ ଠିକଣା ପଢ଼ି ତାଙ୍କ କମ୍ପାନି ଖୋଜି ପାଇବା ପାଇଁ ଆମକୁ ବେଶ୍ ସମୟ ଲାଗିଥିଲା। ରାସ୍ତାସାରା ଗାଡ଼ିମଟର ହାଉଯାଉ। ଘଡ଼ିକି ଘଡ଼ି ଗୋଟାଏ ପରେ ଗୋଟାଏ ଉଡ଼ାଜାହାଜ ଗଛ ଅଠାରେ ଘଷିହେଲା ପରି ମୁଣ୍ଡ ଉପରେ ଉଡ଼ିଯାଉଥାଆନ୍ତି। ଏତେ ପାଖରୁ କୌଣସି ଦିନ ଉଡ଼ାଜାହାଜକୁ ଦେଖି ନ ଥିବାରୁ ମୁଁ ବାରମ୍ବାର ତଳକୁ ନ ଚାହିଁ ଉପରକୁ ଚାହୁଁଥାଏ। ବଟଦାଦି ସତ କହିଥିଲେ, ଆମ ଗାଁର ଶଗଡ଼ ସଂଖ୍ୟାଠୁ ଦମ୍‌ଦମ୍‌ର ଉଡ଼ାଜାହାଜ ସଂଖ୍ୟା ବେଶି।

ସନାତନ ସାର୍ ମୋତେ ଆକଟ କରିଥିଲେ, ''ତଳକୁ ଚାହିଁ ଚାଲ୍। ନ ହେଲେ ପଡ଼ିଯିବୁ। ଏଠିକାର ଗାଡ଼ି ମଟର କଥା ଦେଖୁଛୁ ତ !''

ସାର୍ ଠିକ୍ କହୁଥିଲେ। ସେତେବେଳକୁ ଆମ ଘଣ୍ଟେଶ୍ୱର ଅଞ୍ଚଳକୁ ବସ୍‌ଟେ ଯିବା ଥିଲା ଦୁରୂହ ସ୍ୱପ୍ନ। ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଯା-ଆସ କରୁଥିବା ବସ୍‌ଗୁଡ଼ିକ ଗଦି ଛକ ପାଖରେ ହିଁ ଆମ ଗାଁ ଲୋକଙ୍କୁ ଓହ୍ଲେଇ ଦେଉଥିଲେ। ସେଇଠୁ ଲୋକମାନେ ଚାଲି ଚାଲି ନ ହେଲେ ସାଇକେଲ୍ ରିକ୍‌ସାରେ ବସି ଆଠ ମାଇଲ୍ ବାଟ ଯାଉଥିଲେ।

ଅବଶେଷରେ ଆମେ 'ଟି.କେ.ପାଲ୍, ଏମ୍.ଏଫ୍.କୋ.', ଅଫିସ୍‌ଟି ପାଇଗଲୁ। ସନାତନ ସାର୍ ବୁଝେଇଥିଲେ 'ଏମ୍.ଏଫ୍. ... ମାନେ ମାନୁଫାକ୍‌ଚରିଂ... ମାନେ ତିଆରି', ବୁଝୁଛୁ ତ ? ସାର୍‌ଙ୍କ ବୁଝେଇବା ଭଙ୍ଗୀଟି ସବୁଦିନେ ଏମିତି। ସେଭଳି ଆଗ୍ରହ ଆଗରେ ସ୍ଥାନ, କାଳ, ପାତ୍ର ବିବେଚନା ଅପ୍ରାସଙ୍ଗିକ।

ମାତ୍ର କମ୍ପାନି ଅଫିସ୍‌ରେ ବଟଦାଦି ନ ଥିଲେ।

: ଓଇ କାଜେର୍ ଜାଗାଏ ଥାକ୍‌ବେ। ଜଣେ ବୁଢ଼ାଲୋକ ଚେଁଚେଇଁଆ ସ୍ୱରରେ ଓ ବଙ୍ଗାଳୀ ଭାଷାରେ ଆମକୁ ବତେଇଥିଲା।

: ଆମି ନତୁନ୍ ମାନୁଷ...।

ସନାତନ ସାର୍‌ଙ୍କ ସ୍ୱର ଶୁଣି ମୁଁ ବିସ୍ମିତ ହୋଇଥିଲି ଓ ସେଇଠି ହିଁ ମୁଁ ଆମ ସାର୍‌ଙ୍କର ବଙ୍ଗଳା କହିପାରିବାର ଦକ୍ଷତାର ଚାକ୍ଷୁଷ ପରିଚୟ ପାଇଥିଲି।

ଭଦ୍ରଲୋକ କହିଥିଲେ, ''ଏଇ ଯେ ପାଶେଇ। ଏକ୍‌ଟୁ ଆଗେ ବାଏଁର ଦିକେ ଯାବେନ୍। ତାର୍‌ପର୍ ଡାନ୍ ଦିକେ ଖୁବ୍ ବଡ଼ ଏକଟା ଲୋହାର୍ ଗେଟ୍। ସେଟାଇ ଆମାର ଫ୍ୟାକ୍ଟରୀ।''

: ବାଁ ଡାହାଣ, ଡାହାଣ ବାଁ ହୋଇ ବଟଦାଦିଙ୍କ ଫ୍ୟାକ୍ଟରୀ ପାଖରେ ପହ□ଲା। ବେଳକୁ ସଞ୍ଜ ହୋଇ ଆସୁଥାଏ। କିନ୍ତୁ ରାସ୍ତାଘାଟ ତଥାପି ପରିଷ୍କାର ଦିଶୁଥାଏ। ଭଦ୍ରଲୋକ ଠିକ୍ କଥା କହିଥିଲେ। ଟି.କେ. ପାଲ୍. ବ୍ରିକ୍.ଏମ୍.ଏଫ୍.କୋ.ର କାରଖାନା ସାମ୍ନାରେ ଦିଶୁଥିଲା ଗୋଟେ ପ୍ରକାଣ୍ଡ ଲୁହାର ଫାଟକ।

କିନ୍ତୁ ଏତେ ବଡ଼ ହତା ଭିତରେ ବଟଦାଦି କୋଉଠି ଥିବେ ? ମୁଁ ସତେ ଅବା ସେଇ ନୂଆ ଜାଗାଟାରେ ହଜିଯାଉଥିଲି। ସେତେବେଳେ ମୋ ବୋଉର ଆଶଙ୍କା ମୋର ମନେପଡୁଥିଲା- କଲିକତା ଏତେ ବଡ଼ ଜାଗା, ଯୋଉଠି ହାତୀ ବି ହଜିଯିବ। ମୋ କଥା କିଏ ପଚାରେ !

ବଟଦାଦିଙ୍କୁ ଠାବ କରିବା ପାଇଁ ବେଶ୍ ସମୟ ଲାଗିଥିଲା। ସମୟ ଯେତିକି ବିଳମ୍ବ ହେଉଥାଏ ମୋ ମନର ଉଦ୍‌ବେଗ ଓ ଉ□ଜନା ସେତିକି ସେତିକି ବଢ଼ି ଚାଲିଥାଏ। ବଟଦାଦି ମୋତେ ଦେଖି କେମିତି ଆଶ୍ଚର୍ଯ୍ୟରେ ଚାହିଁବେ, ତା'ପରେ ମୋତେ କୁଣ୍ଢେଇ ପକେଇବେ ଏବଂ ସେଇ ସୁଯୋଗ ଦେଖି ମୁଁ ମୋର ସୁଟ୍ ଓ ବୁଟ୍ କଥା କହିବି, ସେ କଥା ଚିନ୍ତା କରି କରି ମୁଁ ବ୍ୟସ୍ତ ହୋଇପଡୁଥାଏ।

ବଟଦାଦି ହୁଏତ ମୋତେ ରେଡିମେଡ୍ ପୋଷାକ କିଣିନେବା ପାଇଁ କହିବେ। କିନ୍ତୁ ମୁଁ ସେଥିରେ ରାଜି ହେବି ନାହିଁ। ମୁଁ ନିଜ ମାପରେ କଲିକତା ଟେଲରିଂ ମାଷ୍ଟର୍ ଦୋକାନରେ ସୁଟ୍ ବନେଇବି। ତାହା ନ ହେଲେ ମୁଁ କଲିକତା ଆସିଛି କାହିଁକି ?

ଏବଂ ସମ୍ଭବ ହେଲେ ଗେହ୍ଲାଦେଈର ମାଗୁଣି କଥା ବି ବଟଦାଦିଙ୍କୁ କହିବି। ତା'ର ବି ମୋ ପରି ଗୋଟେ କାଚ କଣ୍ଢେଇ ଦରକାର। କିନ୍ତୁ ସେ ରାଜା ଆଉ ବଣମଣିଷବାଲା କଣ୍ଢେଇ ନେବ ନାହିଁ। ରାଣୀ ଓ ଠେକୁଆବାଲା କଣ୍ଢେଇ ନେବ। କାହିଁକି ନା ତାକୁ ନିଶୁଆ ରାଜା ଓ ବଣମଣିଷ ଯୋଡ଼ିକ ଯାକ ଡରେଇ ଦିଅନ୍ତି।

ଗେହ୍ଲାଦେଈର ପ୍ରସ୍ତାବ ଶୁଣିବା ବେଳେ ମୁଁ ତା' ଉପରେ ଚିଡ଼ିଥିଲି - ହ୍ୟାପ୍, ଡରକୁଳୀ। କଣେଇ କ'ଣ କାହାକୁ କାମୁଡ଼ି ପକାଏ ?

କିନ୍ତୁ ସେ କଥାଟି ପଛକୁ କହିବି। ହେଲେ ଭଲ, ନ ହେଲେ ଭଲ। ଗେହ୍ଲାଦେଈର କଣେଇ କଥା ଆଗ କହି ମୁଁ ମୋ ନିଜର ସୁଟ୍ ଓ ବୁଟ୍ କଥାଟାକୁ ହାଲୁକା କରିଦେବା ପାଇଁ ଚାହୁଁ ନ ଥିଲି।

: ଏଇ ଯେ ବଟକୃଷ୍ଣ ! ବଙ୍ଗଳାରେ ଏତକ କହି ସାମ୍ନାର ଗୋଟେ ଅଦ୍ଭୁତ ଜନ୍ତୁକୁ ସନାତନ ସାର୍ ଚିହ୍ନେଇ ଦେଲେ। ମୁଁ ଆବା କାବା ହୋଇ ଚାରିଆଡ଼କୁ ଚାହିଁ ଖୋଜିହେଲି ; କାହାନ୍ତି, ବଟଦାଦି କାହାନ୍ତି ?

ଦେହ ହାତ କାଦୁଅ ବଲବଲ, ମୁହଁସାରା ଧୂଳି, ମୁଣ୍ଡ ଉପରେ ମଳିଛିଆ ଠେକା, ଦେହରେ ଆଣ୍ଠୁ ଲୁରୁ ନ ଥିବା ଗୋଟେ ପଟାରିଆ ଗାମୁଛା, ପାଦରେ କୋଉକାଳର ଛିଣ୍ଡା ଚପଲ ଓ ହାତରେ ଝୁଡ଼ିଟାଏ ଧରି ଏ କିଏ ଠିଆ ହୋଇଛି ? ମୁଁ ଯୁଗପତ୍ ବିସ୍ମୟ ଓ ଅପ୍ରସ୍ତୁତ ଭାବ ନେଇ ଲୋକଟାକୁ ବଲବଲ କରି ଚାହିଁଥିଲି। ଜାଣିନି, ସେମିତି କେତେ ସମୟ ବିତିଯାଇଥିଲା। ସନାତନ ସାର୍ ମୋ ମୁଣ୍ଡ ହଲେଇ ଦେଇ କହିଥିଲେ, ''କିରେ, ତୋ ବଟଦାଦିଙ୍କୁ ଚିହ୍ନିପାରୁନାହୁଁ କି ? ନମସ୍କାର କରୁନୁ !''

ତଥାପି ମୁଁ ବଟଦାଦିଙ୍କୁ ଚିହ୍ନିପାରୁ ନ ଥିଲି। ମୋ ଆଖିରେ ଗୋଟେ ଧୋବଫରଫର ଧୋତି, କୁ□ି ପିନ୍ଧା ଯୁବକର ଚେହେରା ନାଚିଯାଉଥିଲା, ଯାହା କାନ୍ଧରେ ପଡ଼ିଥାଏ ନାଲିଗାମୁଛା। ତା' ମଥାରୁ ବାସ୍ନା ତେଲର ଭୁରୁଭୁରୁ ଗନ୍ଧ ଭାସିଆସୁଥାଏ। ସାର୍ଟ ପକେଟ୍‌ରେ ଚକଚକିଆ ସିଗ୍ରେଟ୍ ଖୋଳ, ବାଁ ପକେଟ୍‌ରେ କଳ ଦିଆଶିଲି। ଯିଏ ରାସ୍ତାରେ ଚାଲିଗଲେ ଫୁଲ ଛାଡ଼ି ଆମ ଗାଁର ବୋକା ପ୍ରଜାପତିମାନେ ତାଙ୍କ ପଛରେ ଧାଆଁନ୍ତି। ଇଏ କ'ଣ ସେହି କୁହୁକ ମଣିଷ ବଟଦାଦି !

ବଟଦାଦି ପାଖ ପାଣିକଳରେ ଗୋଡ଼ ହାତ ଧୋଇବା ଲାଗି ଯାଉଥିଲେ। ତାଙ୍କ ଆଗରେ ଓ ପଛରେ ତାଙ୍କରି ପରି ମାଟି ସାଲୁବାଲୁ ଇଟାଖୁଲାର ମଣିଷମାନେ ଛିଡ଼ା ହୋଇଥିଲେ। ବଟଦାଦି ମୁଣ୍ଡରୁ ଠେକାଟା ଖୋଲିଦେଇ ଓଦା ସରସର, ରୁମ ସାଲୁବାଲୁ ମୁହଁହାତ ପୋଛି ହେଉଥିଲେ। ଦେହସାରା ତାଙ୍କର ଧୂଳି ଓ କାଦୁଅ। କୋଉକାଳୁ ଖିଅର ହୋଇ ନ ଥିବା ରୁଢ଼ ସାଲୁବାଲୁ। ସେହି ବେଶରେ ବଟଦାଦି ଦିଶୁଥିଲେ ଅପେରା ପ୍ୟାଣ୍ଟେଲ୍‌ର ରାଜା ନୁହେଁ, ଛବି ବହିର ବଣମଣିଷ ପରି।

ପରଦିନ ସକାଳୁ ତାଙ୍କର ନୁଆଁଣିଆ ବସାଘରୁ ବିଦା ହୋଇ ଆସିବା ବେଳେ ବଟଦାଦି ମୋତେ କେତେ କ'ଣ ପଚାରିଥିଲେ। ମାତ୍ର ବହୁ ଚେଷ୍ଟା କରି ସୁଦ୍ଧା ମୁଁ ତାଙ୍କ ଆଗରେ ମୋ ପ୍ୟା□ସାର୍ଟ କଥା କହିପାରି ନ ଥିଲି।

ତାଙ୍କର ସବୁଯାକ ପ୍ରଶ୍ନର ଉ□ର କେବଳ ହଁ ଓ ନା'ରେ ଦେଇ ମୁଁ ଫେରି ଆସିଥିଲି। ସନାତନ ସାର୍ ଶ୍ୟାମବଜାରରେ ଓହ୍ଲାଇ ନିଜକୁ ନିଜେ ଉ□ର ଦେବା ପରି କହୁଥିଲେ, 'ଏଇ ତ ସୁବାଷ ଚୌକ୍। ହାଓ୍ୱଡା ପଟକୁ ବସ୍ ସେପଟେ ମିଳିବ।'

ମୁଁ କିନ୍ତୁ ଚୁପ୍‌ଚାପ୍ ଥିଲି। ମୋ ମୁଣ୍ଡ ଭିତରେ ମୋର କାଚ କଣ୍ଢେଇକୁ କିଏ ବାରମ୍ବାର ଏପଟ ସେପଟ, ଏପଟ ସେପଟ କରି ଘୂରଉଥିଲା। ଲାଗ୍ ଲାଗ୍ ହୋଇ ଗୋଟେ ରାଜା ଓ ବଣମଣିଷର ମୁହଁ ମୋ ଆଖି ସାମ୍ନାରେ ନାଚି ଯାଉଥିଲା।

ସନାତନ ସାର୍ ପଚାରିଥିଲେ, ''ଦେହ ଭଲ ନାହିଁ କିରେ, ଏମିତି ଚୁପ୍‌ଚାପ୍ ରହିଛୁ ଯେ!''

ମାତ୍ର ମୁଁ କିଛି କହି ନ ଥିଲି। ପକେଟ୍‌ରେ ହାତ ପୂରେଇ ମୁଁ ଘରୁ ଆଣିଥିବା ମୋ ଚାହିଦାର ଚିଠାଟାକୁ ମୋଡ଼ି ମକଚି ଦେଲା ପରି କେହି ଜଣେ ମୋର ସ୍ୱପ୍ନ ଏବଂ କଳ୍ପନାକୁ ଭିତରେ ମୋଡ଼ିମକଚି ଦେଉଥିଲା।

ଘରକୁ ଆସିବା ବାଟରେ ସନାତନ ସାର୍ ତାଙ୍କ ଗାଁରେ ରହିଯାଇଥିଲେ। ମୁଁ ଫେରିଆସିଥିଲି ଆମ ଘରକୁ। ବୋଉ ଦଉଡ଼ି ଆସି ମୋତେ କୁଣ୍ଢେଇ ପକେଇଥିଲା; କାହିଁକି ନା, ଯା' ଆଗରୁ କେବେ ତାକୁ ଛାଡ଼ି ମୁଁ ଏତେ ଦୂର ଯାଇ ନ ଥିଲି। ଖୁଡ଼ୀ ଧାଇଁଆସି ମୋ ପଛରେ ଛିଡ଼ା ହୋଇଥିଲେ। ଗେହ୍ଲାଦେଈ ତରବର ହୋଇ ମୋର ବ୍ୟାଗ୍ ଦରାଞ୍ଚୁଥିଲା।

ମାତ୍ର ମୋ ଭିତରେ କୌଣସି ଉ□ଜନା ନ ଥିଲା।

ବୋଉ ପଚାରିଥିଲା, 'କିରେ ବଟଦାଦି ଦେଖା ହେଲେ ନାହିଁ କି ? କ'ଣ କହୁଥିଲେ ? କେବେ ଆସିବେ ?'

ମୁଁ ଚିଡ଼ିଉଠିଲି, 'ତୁ ତ ଶୀଘ୍ର ଫେରି ଆସିବାକୁ କହିଥିଲୁ। ମତେ କାହିଁକି ପଚାରୁଛୁ ? ସନାତନ ସାର୍‌ଙ୍କୁ ପଚାରି ବୁଝିବୁ।'

ଅଳକା କାଚ କଣ୍ଢେଇର ଟୁକୁଡ଼ାମାନଙ୍କୁ ଅଳିଆଗଦାରେ ପକେଇ ଦେବା ଲାଗି ଗୋଟେଇ ନେଉଥିଲା। ମୋତେ ଚାହିଁ ପଚାରିଲା, ''କଣ୍ଢେଇଟା ଭାଙ୍ଗିଗଲା ବୋଲି ବିରକ୍ତ ହେଉଛ, ନୁହେଁ ? ପୁରୁଣା ଜିନିଷ ଭାଙ୍ଗିଗଲେ ମନ ସତରେ କଷ୍ଟ ହୁଏ।''
ମୁଁ ତାକୁ କିଛି କହିଲି ନାହିଁ। ମୋ କଣ୍ଢେଇ ତ ସେଇଦିନ ସେଇ ବାରାସତ୍‌ରେ

ଭାଙ୍ଗିଯାଇଥିଲା । ଅଳକାକୁ ସେ କଥା କହି ଲାଭ କ'ଣ ?

''ଅନୁଭବ'', ୩୭୮ ବରମୁଣ୍ଡା ଗାଁ
ଭୁବନେଶ୍ୱର ୭୫୧ ୦୦୩

(ସାଂପ୍ରତିକ ଓଡ଼ିଆ ସାହିତ୍ୟ ଜଗତରେ ଜଣେ ପ୍ରତିଷ୍ଠିତ ଓ ବହୁ ପରିଚିତ କଥାଶିଳ୍ପୀ ଶ୍ରୀଯୁକ୍ତ ଗୌରହରି ଦାସ । ମୁଖ୍ୟତଃ ଗଳ୍ପ ଓ ଉପନ୍ୟାସ ପାଇଁ ଅଧିକ ପରିଚିତି ହାସଲ କରିଥିଲେ ମଧ୍ୟ ଶ୍ରୀଯୁକ୍ତ ଦାସ ସାହିତ୍ୟର ଅଧିକାଂଶ ବିଭାଗରେ କଲମ ଚାଳନା କରିଛନ୍ତି। ଜଣେ ସୁପରିଚିତ ରାଜନୈତିକ ସମୀକ୍ଷକ ଓ ସୁବକ୍ତା ଭାବରେ ମଧ୍ୟ ସେ ବେଶ୍ ପ୍ରସିଦ୍ଧ। ଓଡ଼ିଆ ସାହିତ୍ୟ ଜଗତକୁ ଉଲ୍ଲେଖନୀୟ ଅବଦାନ ପାଇଁ ସେ ବିଭିନ୍ନ ସମୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଉତ୍କଳ ସାହିତ୍ୟ ସମାଜ ସମ୍ମାନ, ଫକୀରମୋହନ ସାହିତ୍ୟ ସମ୍ମାନ ଇତ୍ୟାଦି ବହୁ ସମ୍ମାନ ଓ ପୁରସ୍କାର ପ୍ରାପ୍ତ ହୋଇଛନ୍ତି। ଓଡ଼ିଶାର ପ୍ରସିଦ୍ଧ ସାହିତ୍ୟ ପତ୍ରିକା ' କଥା'ର ସମ୍ପାଦକ ଭାବରେ ସେ ବର୍ଷ ବର୍ଷ ଧରି ବହୁ ନୂତନ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣିବାରେ ସମର୍ଥ ହୋଇଛନ୍ତି।)

ସରୁ ନ'ଥିବା ଏକ କାହାଣୀ

ଅରବିନ୍ଦ ରାୟ

ଏପର୍ଯ୍ୟନ୍ତ ଗୁଡ୍ଡୁ ଫେରିନାହିଁ। ବସନ୍ତ ଅଫିସ୍‌ରେ ବସି କ'ଣ ଗୋଟାଏ ଜରୁରୀ କାମ କରୁଥିବା ବେଳେ ହିଁ ଘରୁ ପତ୍ନୀ ପ୍ରିୟମ୍ବଦା ଫୋନ୍ କଲେ। ବସନ୍ତ ପ୍ରଥମେ ଚମକିପଡ଼ି ହାତ ଘ□କୁ ଚାହିଁଲେ ଓ ବ୍ୟସ୍ତହୋଇ କହିଲେ - ବାପ୍‌ରେ ବାପ୍ ଆସି ଛଅଟା ବାଜିବ। ଗୁଡ୍ଡୁ ଗଲା କୁଆଡ଼େ ? ବସନ୍ତ ଏଥର ଫାଇଲ୍‌ତକ ଟେବୁଲ୍ ଉପରେ ସେମିତି ମୁହଁମାଡ଼ି ପକେଇଦେଲେ ଓ ଉଠି ଠିଆ ହୋଇପଡ଼ି ଭାବିଲେ - ଏବେ କ'ଣ କରିବି, କୁଆଡ଼େ ଯିବି ? ଅଫିସ୍‌ରୁ ବାହାରି ସ୍କୁଟର ଷ୍ଟାଣ୍ଡ୍ ପର୍ଯ୍ୟନ୍ତ ଆସିବା ଭିତରେ ସେ ଥରେ ପ୍ରିୟମ୍ବଦାକୁ ଫୋନ୍ କଲେ - ତମେ ତା' ସାଙ୍ଗମାନଙ୍କୁ ପଚାରିଛ ? ପ୍ରିୟମ୍ବଦା କାନ୍ଦ କାନ୍ଦ ସ୍ୱରରେ କହିଲେ - ସମସ୍ତେ କେତେବେଳୁ ଆସିଲେଣି। ତା' ସାଙ୍ଗ ଦୀପଙ୍କର କହୁଚି, ସେମାନେ ସାଥିହୋଇ ସ୍କୁଲ ଛୁଟିହବା ପରେ ଗେଟ୍‌ଯାଏ ଆସିଥିଲେ। ତା'ପରେ ଗୁଡ୍ଡୁ କୁଆଡ଼େ ଗଲା ସେ ଜାଣିନି।

ବସନ୍ତ ସତକୁ ସତ ଭୟଭୀତ ହୋଇପଡ଼ିଲେ। ଏତେବେଳ ଯାଏ ପିଲାଟା ତା'ହେଲେ ଗଲା କୁଆଡ଼େ ? ତାଙ୍କ ସରକାରୀ କ୍ୱାର୍ଟର୍ସଠାରୁ ମାତ୍ର ଦଶମିନିଟ୍‌ରେ ଚାଲି ଚାଲି ଗୁଡ୍ଡୁ ପ୍ରତିଦିନ ସ୍କୁଲ୍ ଯାଏ। ସ୍କୁଲ୍ ପା□ଟାରେ ଛୁଟି ହେଲେ ସେ ଘରେ ଠିକ୍ ପା□ଟା ଦଶ୍‌ରେ ପହଞ୍ଚିଯାଏ। ଅଥଚ, ଆଜି ଛ'ଟା ବାଜିସାରିଲାଣି ଗଲା କୁଆଡ଼େ ? ତାଙ୍କର ସେତିକିବେଳକୁ ମନେପଡ଼ିଲା, ଦିନେ ଖବରକାଗଜରେ ପଢ଼ିଥିଲେ, କୋଉ ଗୋଟାଏ ସ୍କୁଲ୍‌ରେ ଛୋଟ ପିଲାଟେ କ୍ଲାସ୍‌ରୁମ୍‌ରେ ଶୋଇପଡ଼ିଥିଲା, ଦରୱାନ୍ କିଛି ନ'ଦେଖି ରୁମ୍ ବନ୍ଦକରି ଚାଲିଆସିଥିଲା। ରାତି ଅଧରେ ପିଲାଟାର କାନ୍ଦ ଶୁଭିବାରୁ ଜଣାପଡ଼ିଲା ସେ କ୍ଲାସ୍‌ରୁମ୍‌ରେ ରହିଯାଇଛି।

ଗୁଡ୍ଡୁ ସେମିତି ଶୋଇପଡ଼ିଲା କି ?

ଗୁଡ୍ଡୁ ଆସି ସପ୍ତମରେ ପଢ଼ିଲାଣି। ସେ କ'ଣ ସେମିତି ଛୋଟ ପିଲା ହୋଇଛି ଯେ, କ୍ଲାସ୍‌ରେ ଶୋଇପଡ଼ିବ ! ତା'ଛଡ଼ା ତା' ସାଙ୍ଗମାନେ କହୁଛନ୍ତି ସେ ସ୍କୁଲ୍ ଛୁଟି ହବାପରେ ଗେଟ୍ ପାଖକୁ ଆସିଥିଲା। ହେ ଭଗବାନ ! ମୁଁ ଏବେ କରିବି କଅଣ ! କୁଆଡ଼େ ଗଲା ମୋ' ଗୁଡ୍ଡୁ !

ବସନ୍ତ ସ୍କୁଟର ଷ୍ଟାର୍ଟ କରିସାରିଥିଲେ, ଅଥଚ କୁଆଡ଼େ ଯିବେ କିଛି ସ୍ଥିର କରିପାରୁ ନଥିଲେ। କେତେବେଳେ ସେ ଭାବୁଥିଲେ ଗୁଡ୍ଡୁର ସ୍କୁଲ୍‌କୁ ଯିବେ ତ, କେତେବେଳେ ଭାବୁଥିଲେ ସିଧା ଘରକୁ ଯିବେ। ସେତିକିବେଳେ ବାଜିଲା ତାଙ୍କ ମୋବାଇଲ୍। ଘରୁ ପ୍ରିୟମ୍ବଦା କରିଛନ୍ତି।

ଗୁଡ୍ଡୁ ଆସିଲା କି ? - ଏପଟୁ ପଚାରିଲେ ବସନ୍ତ।

ପ୍ରିୟମ୍ବଦା ବ୍ୟସ୍ତ ହୋଇ କହିଲେ - ତମେ ଟିକେ ଜଲ୍‌ଦି ଆସୁନ ! ତା'ପରେ ସେ କାନ୍ଦ କାନ୍ଦ ହୋଇ କହିଲେ - କୁଆଡ଼େ ଗଲା ମୋ' ଧନ ?

ବସନ୍ତ ଆଉ ଅଧିକ ବିଳମ୍ବ ନ କରି ସିଧା ସ୍କୁଟର ମୁହାଁଇଲେ ଗୁଡ୍ଡୁର ସ୍କୁଲଆଡ଼େ। ସ୍କୁଲ୍ ଗେଟ୍ ପାଖରେ ପହ□ଞ୍ଚିବା ବେଳକୁ ଗେଟ୍ ତାଲା ପଡ଼ିସାରିଲାଣି। ଗେଟ୍ ସାମ୍ନାଟି ଦିଶୁଛି ଏକ ମେଳା ଶେଷ ହେବା ପରର ଦୃଶ୍ୟପରି। କୋଉଠି କେମିତି ଛିଣ୍ଡା କାଗଜ, ଆଇସକ୍ରିମ୍‌ର ଓଦା ଓ ମଇଳା ଖୋଳ, ଗୋଟାଏ ଛିଣ୍ଡା ମୋଜା, ଫଟା ପାଣି ବୋତଲ ଓ ଶୁଖିଲାପତ୍ର ପଡ଼ିଛି। ଦୂରରେ ଷଣ୍ଢଟାଏ ଶୋଇ ପାକୁଳି କରୁଛି। ବସନ୍ତଙ୍କୁ ଭାରି ଖାଁ ଖାଁ ଲାଗିଲା ସେଇ ଗେଟ୍ ସାମ୍ନା। ସେ ଥରେ ଦୁଇଟି ବିଶାଳକାୟ ବନ୍ଦ ଗେଟ୍‌ର ଫାଙ୍କଦେଇ ସ୍କୁଲ୍ ହତା ଭିତରକୁ ଚାହିଁଲେ ଓ ଖୁବ୍ ଜୋରରେ ସେ ଗେଟ୍‌କୁ ଧଡ଼ଧାଡ଼୍ କରି ପିଟିଲେ। କିଛି ସମୟ ପରେ ଗୋଟାଏ କାଳିଆ ଡେଙ୍ଗା ଲୋକ ଆସି ସେ ଗେଟ୍‌ର ଫାଙ୍କ ଆରପଟୁ ପଚାରିଲା - କଅଣ ହେଲା ? କାଇଁ ଏମିତି ପିଟୁଛନ୍ତି ?

- ମୋ' ପୁଅ ସ୍କୁଲ୍‌ରେ ରହିଯାଇଛି। ବସନ୍ତ ନିଶ୍ଚିତ ହବାପରି କହିଲେ।

ଲୋକଟା ସେମିତି ସେ ଗେଟ୍ ସେପଟୁ ପଚାରିଲା - କୋଉ କ୍ଲାସ୍ ପିଲା ?

ବସନ୍ତ ଏମିତି ବିବ୍ରତ ହୋଇପଡ଼ିଥିଲେ ଯେ, ହଠାତ୍ ତାଙ୍କର ମନେପଡ଼ିଲା ନାହିଁ ତାଙ୍କ ପୁଅ କୋଉ କ୍ଲାସରେ ପଢ଼େ। ସେ ଥଙ୍ଗମଙ୍ଗ ହୋଇ କହିଲେ - ସେଭେନ୍‌ଥ୍। ମାନେ, ଷ୍ଟାଣ୍ଡାର୍ଡ ସେଭେନ୍। ସପ୍ତମ ଶ୍ରେଣୀ।

ଲୋକଟା ସେପଟୁ ଉ□ର ଦେଲା - ଖାଲି ଟେନ୍‌ଥ ପିଲା ଅଛନ୍ତି। ସେଭେନ୍‌ଥ ପିଲା କେହି ନାହାନ୍ତି। ତା'ପରେ ଲୋକଟା ଚାଲିଗଲା ଖୁବ୍ ନିରୁଦ୍‌ବିଗ୍ନ ଭାବେ। ସେ ବସନ୍ତଙ୍କୁ ପଛକରି ଚାଲିଯାଉଥିବାବେଳେ, ବସନ୍ତ ପୁଣି ଥରେ ବିକଳ ହୋଇ ଗେଟ୍‌କ ପିଟିଲେ। ତା'ପରେ ସେ ଲୋକଟା ଦି' ପାହୁଣ୍ଡ ପକେଇ ଗେଟ୍ ପାଖକୁ ଫେରିଆସିଲା ଓ ପଚାରିଲା - ଆପଣ ଘରେ ଟିକେ ବୁଝୁନାହାନ୍ତି, ପିଲା ଘରକୁ ଯାଇନି ତ ?

ବସନ୍ତ କାନ୍ଦ କାନ୍ଦ ସ୍ୱରରେ କହିଲେ - ପ୍ଲିଜ୍ ଗେଟ୍ ଖୋଲନ୍ତୁ। ସେ ଘରକୁ ଯାଇଥିଲେ ମୁଁ ସ୍କୁଲକୁ କାଇଁ ଆସିଥାନ୍ତି ! ବସନ୍ତଙ୍କ ସ୍ୱର ଲୋକଟାକୁ କେମିତି ଶୁଭିଲା କେଜାଣି, ସେ ଗେଟ୍ ଖୋଲିଦେଲା ଓ ପଦେ କଥା ଫୋପାଡ଼ିବା ପରି କହିଲା - ସିଧା ଯାଆନ୍ତୁ ପ୍ରିନ୍ସ୍ପାଲ୍ ମାଡାମ୍ଙ୍କୁ କହିବେ।

ବସନ୍ତଙ୍କୁ ପ୍ରିନ୍ସ୍ପାଲ ମ୍ୟାଡାମ୍ ଏମିତି ସବୁ ପ୍ରଶ୍ନ ପଚାରୁଥିଲେ, ଯେମିତି ସେ କାଠଗଡ଼ାରେ ଠିଆ ହୋଇଥିବା ଏକ ଅପରାଧୀ। ପ୍ରିନ୍ସ୍ପାଲ କହିଲେ - ତା' ସାଙ୍ଗମାନଙ୍କ ଘର ଚେକ୍ କରିଛନ୍ତି ?

ସବୁଆଡ଼େ ଆଙ୍କା ଖୋଜିସାରିଲୁଣି। ବସନ୍ତଙ୍କ ସ୍ୱର କାନ୍ଦଣା ପରି ଶୁଭୁଥିଲା।

ଆଜିକାଲି ପିଲାଙ୍କ କଥା କ'ଣ କହିବା। କୁଆଡ଼େ ଲୁଚିକି ସିନେମା ଫିନେମା ପଳେଇଥିବ।

-ପ୍ରିନ୍ସପାଲ ଏକ ସିଦ୍ଧାନ୍ତରେ ପହ[illegible]ଞ୍ଚା ପରି ଏକଥା କହିଲେ।

ବସନ୍ତ କହିଲେ - ସେ ମ୍ୟାଡାମ୍ ସେମିତି ପିଲା ନୁହେଁ। କାହା ସାଙ୍ଗରେ ବେଶୀ ସାଙ୍ଗ ହୁଏ ନାହିଁ। -ଦ୍ୟାଟ୍ ଇଜ୍ ଦ' ହୋଲ୍ ପ୍ରବ୍ଲେମ୍। ପିଲା ଯଦି ସେୟାର କରି ନ ଶିଖିଲା ଫେଲୋ ଫିଲିଙ୍ଗ୍ସ୍ ନ ଜାଣିଲା - ଏମିତି ଓୟେ୍ୱାର୍ଡ୍ ହେବେ। ପ୍ରିନ୍ସ୍ପାଲ ଏତକ କହିସାରିବା ପରେ ବିରକ୍ତ ହୋଇ ପୁଣିଥରେ ପଚାରିଲେ କ'ଣ ସେ ଷ୍ଟୁଡେଣ୍ଟର ନାଁ ? ଶୋଭନ୍ ଦାସ, ପେଟ୍ନେମ୍ ଗୁଡ୍ଡୁ। - ବସନ୍ତ ଉତ୍ସାହିତ ହୋଇ କହିଲେ। ପ୍ରିନ୍ସ୍ପାଲ କାହାକୁ ଗୋଟେ ମୋବାଇଲ୍ ଫୋନ୍ କଲ୍ କଲେ ଏବଂ ପଚାରିଲେ - ଶୋଭନ୍ ଦାସ୍ ଆଜି ସ୍କୁଲ୍ ଆସିଥିଲା ?

ବସନ୍ତ ଏପଟୁ କହିଚାଲିଥାନ୍ତି, ଆସିଥିଲା ମ୍ୟାଡାମ୍। ଆସିଥିଲା।

ପ୍ରିନ୍ସ୍ପାଲ ତା'ପରେ ଫୋନ୍ କଲ ଶେଷ କରିଦେଇ କହିଲେ - ମୁଁ ତ ତା' କ୍ଲାସ୍ ଟିଚରଙ୍କ ଠାରୁ ବୁଝିଲି, ସେ ସ୍କୁଲ୍ ଛୁଟି ହବାପରେ ସ୍କୁଲରୁ ଯାଇଛି।

ତା'ପରେ କୁଆଡ଼େ ଗଲା ଆମେ କେମିତି ଜାଣିବୁ ? ବରଂ ଆପଣ ଯାଇ ଖୋଜାଖୋଜି କରନ୍ତୁ, ପୋଲିସ୍ର ହେଲ୍ପ ବି ନିଅନ୍ତୁ।

ପ୍ରିନ୍ସ୍ପାଲଙ୍କ ପାଖରୁ ନିରାଶରେ ଉଠୁ ଉଠୁ ବସନ୍ତ କହିଲେ, ତା' କ୍ଲାସ୍ରୁମ୍ଟା ଟିକେ ଦେଖିଦେଇଥାନ୍ତି। କାଳେ ରହିଯାଇଥିବ। ନୋ, ନୋ, ହାଓ ଇଜ୍ ଇଟ୍ ପଶିବ୍ଲ ?

ବସନ୍ତ ହାତ ମଳିମଳି କହିଲେ - କାଳେ...।

ପ୍ରିନ୍ସ୍ପାଲ୍ ତାଙ୍କ ଅର୍ଡଲି ସାଙ୍ଗରେ ବସନ୍ତଙ୍କୁ ପଠେଇଦେଲେ କ୍ଲାସ୍ରୁମ୍ ଦେଖି ଆସିବାକୁ। କ୍ଲାସ୍ରୁମ୍ ଖୋଲିଦେଇ ସେଇ ଅର୍ଡଲି ନାମକ ପତଳା ଲୋକଟି ଲାଇଟ୍ ଜଳାଇ ଦେବାମାତ୍ରେ ବସନ୍ତ ନଇଁପଡ଼ି ସବୁ ଟେବୁଲ୍ ତଳକୁ ଚାହିଁଲେ ଓ ଏକ ଦୀର୍ଘଶ୍ୱାସ ପକେଇ କହିଲେ - କୁଆଡ଼େ ଗଲା ତା'ହେଲେ ! ସେତେବେଳକୁ ସେ ଲୋକଟି ତାଲା ପକେଇସାରିଥିଲା ତ, ତେଣୁ ବସନ୍ତଙ୍କ ଉଦ୍ଦେଶ୍ୟରେ କହିଲା - ଯାଆନ୍ତୁ, ଯାଆନ୍ତୁ, ଝଡ଼ ବର୍ଷା ଆସିଲାଣି।

ବସନ୍ତ ପାଦ ଘୋଷାଡ଼ି ଘୋଷାଡ଼ି ସ୍କୁଲ ବାରଣ୍ଡାରୁ ତଳକୁ ଓହ୍ଲାଇବା ବେଳେ ହଁ ପୁଣି ବାଜିଲା ତାଙ୍କ ମୋବାଇଲ୍ରେ ଟ୍ୟୁନିଂ। ପୁଣି ପ୍ରିୟମ୍ବଦା ଫୋନ୍ କରିଥିଲେ - କିଛି ମିଳିଲା ଗୁଡ୍ଡୁର ଖବର ?

ବସନ୍ତ ଭୟା□ ସ୍ୱରରେ କହିଲେ - ତମେ ବ୍ୟସ୍ତ ହୁଅନି, ମୁଁ ଦେଖୁଛି। ପ୍ରିୟମ୍ବଦା ସେପଟୁ ପିଲାଙ୍କ ପରି କାନ୍ଦି କାନ୍ଦି କହୁଥିଲେ - ଏ ସାହୁବାବୁ କ'ଣ ଦେଖିକି ଆସିଲେ ଆମ ପରିବା ଦୋକାନ ଛକ ପାଖରେ କାହାର ଗୋଟେ ଆକ୍ସିଡେ□ ହୋଇଯାଇଛି। ହେ ଭଗବାନ୍। ତମେ ଟିକେ ଗଲ ଗଲ।

ବସନ୍ତ ଫୋନ୍ ବନ୍ଦକରି ସ୍କୁଲ୍ଗେଟ୍ ବାହାରକୁ ଆସିଲା ବେଳକୁ ବାହାରେ ବହଳ ଅନ୍ଧାର। ଅନ୍ଧାର ଭିତରେ ଦଲକା ଦଲକା ପବନ ସହ କାଠିକୁଟା, ଧୂଳି ଓ ଛିଣ୍ଡା କାଗଜ ସବୁ ଉଡ଼ିଆସୁଛି।

ମେଘ ମାଡ଼ି ଆସୁଛି ବୋଧେ। ବସନ୍ତଙ୍କର ସେ ମେଘ ପବନକୁ ଖାତିର୍ ନଥିଲା। ସେ ସ୍କୁଟର ଷ୍ଟାର୍ଟ କରି ବାହାରିବା ବେଳକୁ ଟୋପା ଟୋପା ବର୍ଷା ପଡ଼ିବା ଆରମ୍ଭ ହୋଇଯାଇଥିଲା। ବସନ୍ତ ସେହି ବର୍ଷାରେ ବର୍ଷାରେ ଯାଇ ପରିବା ଦୋକାନ ଛକରେ ପହ□ଞ୍ଚିବା ବେଳକୁ ବର୍ଷା ନାଚୁଥିଲା କଅଁଳା ବାଛୁରୀ ପରି। ପରିବା ଦୋକାନୀର ତାଟିତଳେ ମୁଣ୍ଡ ଗୁଞ୍ଜିଥିଲେ ଚାରି/ପାଞ୍ଚ ଜଣ ଲୋକ। ପରିବା ଦୋକାନ ସାମ୍ନାରେ ସେମାନଙ୍କ ବାଇକ୍ଗୁଡ଼ିକ ବର୍ଷାରେ ଭିଜୁଥିଲା। ଦୋକାନ କାନ୍ଥ ପାଖରେ ଗୋଟାଏ ଷଣ୍ଢ ତଳକୁ ମୁହଁପୋତି ଛିଡ଼ା ହୋଇଥିଲା। ଦୋକାନ ସାମ୍ନାରେ ରାସ୍ତା ଆରପଟେ ଫଳ ବେପାର କରୁଥିବା ଲୋକଟା ବର୍ଷାରେ ତିନ୍ତି ତିନ୍ତି, ତା' ଫଳ ପେଟି ଉପରେ ପଲ୍ଥିନ୍ ଢାଙ୍କୁଥିଲା।

ବସନ୍ତ ସ୍କୁଟର ଷ୍ଟାଣ୍ଡ୍ ମାରିଲେ ଓ ଫଳ ଦୋକାନୀଟି ପାଖକୁ ଯାଇ ପଚାରିଲେ - କାହାର ଏଠି ଆକ୍ସିଡେ□ହୋଇଥିଲା କି ? ଫଳ ଦୋକାନୀର ପଲ୍‌ଥିନ୍ ପବନରେ ଉଡ଼ିଯାଉଥିଲା ଓ ସେ ନିଜେ ବି ବର୍ଷାରେ ଭିଜି ଯାଉଥିଲା, ସେ ବସନ୍ତଙ୍କ କଥା ଶୁଣିଲା କି ନାହିଁ କେଜାଣି ! ବସନ୍ତ ପୁଣିଥରେ ପଚାରିଲେ - ଗୋଟାଏ ସ୍କୁଲପିଲାର ଏଠି ଆକ୍ସିଡେ□ହେଇଥିଲା କି ? ଲୋକଟା ବିରକ୍ତ ହୋଇ କହିଲା - ମୁଁ ଜାଣିନି ।

ବସନ୍ତ ଏଥର ରାସ୍ତା ଟପି ସେ ପରିବା ଦୋକାନ ପାଖକୁ ଗଲାବେଳକୁ ଦୋକାନ ତାଟି ତଳେ ମୁଣ୍ଡ ଗୁଞ୍ଜିଥିବା ଲୋକମାନେ କ'ଣ ଗୋଟାଏ କଥା ଗପୁଥିଲେ ଓ ହୋ ହୋ ହୋଇ ହସୁଥିଲେ । ବସନ୍ତ ସେମିତି ମେଘରେ ତିନ୍ତୁ ତିନ୍ତୁ ସେମାନଙ୍କ ଉଦ୍ଦେଶ୍ୟରେ ପଚାରିଲା - ଏଠି କାହାର ଆକ୍ସିଡେ□ହୋଇଥିଲା ?

ପରିବା ଦୋକାନୀଟି ଭିତରୁ ଚିଲ୍ଲେଇଲା ଭଳି କହିଲା - ଦିନ ଦୁଇ ସାଢ଼େ ଦୁଇରୁ ସେ ବୁଢ଼ା ଗଲାଣି ମେଡିକାଲ୍ । ତମେ ଏତେବେଳେ ଆସି ପଚାରୁଛ । ତମେ ସେ ବୁଢ଼ାର କ'ଣ ହୁଅ ?

ବସନ୍ତ ସେଇ ଚାଳିଆ ତଳକୁ କେବଳ ମୁଣ୍ଡଟି ଗଳେଇ ଦେଇ ପଚାରିଲେ - କୋଉ ବୁଢ଼ା ? ପରିବା ଦୋକାନୀଟି ଏଥର ବିରକ୍ତ ହେବାପରି କହିଲା - ସେ ଯୋଉ ବୁଢ଼ାର ଏଠି ଆକ୍ସିଡେ□ହେଲା ସେୟାକୁ ଖୋଜୁଛଟି ? ଅନବରତ ବର୍ଷାରେ ଭିଜୁଥିବା ବସନ୍ତ ସେମିତି ମୁଣ୍ଡଟି ନଡ଼୍‌କେଇ କହିଲେ - ନା, ବୁଢ଼ା ନୁହଁ, ମୋ' ପୁଅ ସପ୍ତମରେ ପଢ଼େ । ଆଜି ସ୍କୁଲ୍‌ରୁ ଘରକୁ ଫେରିନି !

ଓ-ଓ-ଓ । ପରିବା ଦୋକାନୀଟି ବସନ୍ତ ସମସ୍ୟା ବୁଝିଯିବା ପରି ସ୍ୱର ଜଲା ଓ କହିଲା - ମୁଁ ଭାବିଲି ତମେ ସେ ବୁଢ଼ାର କ'ଣ ହବ ବୋଲି ନା । ବୁଢ଼ାର ଭୁଲ୍ । ବୁଢ଼ା କୁଆଡ଼କୁ ନ ଅନେଇ ସିଧା ଡାହାଣକୁ ପଶି ଆସିଲା । ଆମେ ହାଁ ହାଁ କରୁ କରୁ କାର୍‌ବାଲା ଦେଏଲା ପିଇଟି... ।

ବର୍ଷାର ଶବ୍ଦରେ ବସନ୍ତଙ୍କୁ ଆଉ କିଛି ଶୁଭୁ ନଥିଲା । ସେ ସେମିତି ଓଦା ସରସର ହୋଇ ତାଙ୍କ ସ୍କୁଟର ପାଖକୁ ଆସିଲେ ଓ ଭାବିଲେ ଏବେ କୁଆଡ଼େ ଯିବି, କୋଉଠି ଖୋଜିବି ମୋ' ଗୁଡ୍ଡୁକୁ ! ସେମିତି ଅନବରତ ବର୍ଷାରେ ସ୍ଥାଣୁପରି ଠିଆହୋଇ ସେ ଭାବୁଥା'ନ୍ତି ଓ ତାଙ୍କ ଆଖିରୁ ଲୁହ କେତେବେଳେ ବୋହି ଆସି ବର୍ଷା ପାଣିରେ ମିଶି ଯାଉଥାଏ । ପରିବା ଦୋକାନୀର ଚାଳିଆ ତଳେ ସେ ଲୋକମାନେ ସେମିତି ହୋହଲ୍ଲା ହଉଥା'ନ୍ତି ।

ସେମାନଙ୍କର କି ଯାଏ ଆସେ, କାହା ପୁଅ ଘରକୁ ଫେରୁ କି ନ ଫେରୁ । ସେମାନଙ୍କ ପିଲାମାନେ ତ ନିରାପଦରେ ଘରକୁ ଫେରି ଆସିଥିଲେ । ଝଡ଼ ବର୍ଷାରେ ସେମାନେ ବା କାହିଁକି ତିନ୍ତିବେ । ସେମାନଙ୍କର କ'ଣ କିଏ ହଜି ଯାଉଛି ଯେ, ସେମାନେ ପାଗଳ ହେଇ ଏମିତି ପାଣିକାଦୁଅରେ ଖୋଜିବେ । ସେମାନେ ନିଜ ନିଜର ମୁଣ୍ଡଟିକୁ ସୁରକ୍ଷିତ ରଖିବା ପାଇଁ ଆଗରୁ ସେ ଚାଳିଆ ତଳ ଦଖଲ କରି ନେଇଥିଲେ ତ, ତେଣୁ ଖୁବ୍ ମନ ଖୁସିରେ ହୋ ହଲ୍ଲା କରୁଥିଲେ ।

ବସନ୍ତ ସ୍କୁଟର ଷ୍ଟାର୍ଟ କଲେ ଓ ଲକ୍ଷ୍ୟହୀନ ଭାବେ ଚଳାଇଲେ । ରାସ୍ତାରେ ଅନବରତ ବର୍ଷୁଥିଲା ବର୍ଷା । ବସନ୍ତ ଲକ୍ଷ୍ୟହୀନ ଭାବେ କିଛି ବାଟ ସେମିତି ବର୍ଷାରେ ତିନ୍ତି ତିନ୍ତି ସେ ସ୍କୁଟର ଚଳାଇ ଚାଲିବା ପରେ ହଠାତ୍ ଘରମୁହାଁ ହେଲେ । ଘର ସାମ୍ନାରେ ସ୍କୁଟରଟି ତାଙ୍କର ରହିବା ମାତ୍ରେ ପ୍ରିୟମ୍ବଦା ଏକବାର ଗେଟ୍ ପାଖକୁ ଦୌଡ଼ିଆସି ପଚାରିଲେ - କିଛି ମିଳିଲା ତା' ଖବର ? ସେମିତି ବର୍ଷାରେ ମୂର୍ତ୍ତିଟେ ଭିଜୁଥିବା ପରି ତଳକୁ ମୁହଁପୋତି ଠିଆ ହୋଇଥିଲେ ବସନ୍ତ । ବସନ୍ତଙ୍କ ଫେରିବା କଥା ପଡ଼ିଶାମାନେ ଜାଣିପାରିଲେ କି କ'ଣ, ଝର୍କା ସାମାନ୍ୟ ଖୋଲି ପଚାରିଲେ - ଦାସବାବୁ । ମିଳିଲା ଗୁଡ୍ଡୁ ? ବସନ୍ତ କ'ଣ ଉତ୍ତର ଦେବେ ଏ ପ୍ରଶ୍ନର ! ସେ ନିରବରେ ଠିଆ ହେଲେ ଓ କିଛିକ୍ଷଣ ପରେ ପଡ଼ିଶା ଘର ଝରକା ସେପଟୁ କେବଳ ଉପଦେଶଟିମାନ ଶୁଭିଲା - ଡେରି କରନ୍ତୁ ନାହିଁ । ଥାନାରେ ଯାଇ ଖବର ଦିଅନ୍ତୁ । ତା'ପରେ ସେ ଝର୍କାସବୁ ବନ୍ଦ ହୋଇଗଲା ।

ପ୍ରିୟମ୍ବଦା ଏଥର ବିକଳ ହୋଇ ବାହୁନିବା ଆରମ୍ଭ କଲେ ଓ ସେହି ବାହୁନା ଭିତରେ କହିଲେ - ଫୋପାଡିଦେବି ଏ ଠାକୁର ଫାକୁର ସବୁ । ମୋ' ପୁଅ ଯଦି ନମିଳିବ, ନିଆଁ ଲଗେଇଦେବି ଏସବୁ ଠାକୁରଙ୍କଠେଇଁ ।

ବସନ୍ତ ବହୁ ସମୟ ନିରବ ରହିବା ପରେ ଧୀରେ ପଚାରିଲେ - ତା' ସାଙ୍ଗମାନଙ୍କ ଘରକୁ ଫୋନ୍ କରିଥିଲ ? ପ୍ରିୟମ୍ବଦା ଚିତ୍କାର କଲାପରି କହିଲେ - ସାଙ୍ଗଫାଙ୍ଗ କେହି କହିପାରୁ ନାହାନ୍ତି, କୁଆଡ଼େ ଗଲା ସେ । କିଏ ତାକୁ କୁଆଡ଼େ ନେଲା ? ହେ ପ୍ରଭୁ ! ଏ ଝଡ଼ବର୍ଷାରେ ମୋ' ପୁଅ କଅଣ କରୁଥିବଟି ।

ବେଳକୁ ବେଳ ପ୍ରିୟମ୍ବଦାଙ୍କ ସ୍ୱର ମେଘବର୍ଷାର ସ୍ୱର ସହ ମିଶି ଖୁବ୍ କରୁଣ ଶୁଭୁଥିଲା । ବସନ୍ତ ଅସହାୟ ହୋଇ ପଡ଼ିଶାଘର ଆଡ଼େ ମୁହଁ ବୁଲାଇ ଡାକିଲେ - ସାହୁବାବୁ ! ସାହୁବାବୁ ! ମଙ୍ଗରାଜ ବାବୁ ! ଜେନାବାବୁ ! ତାଙ୍କ ସ୍ୱର ବୋଧେ ମେଘର ସ୍ୱର ଭିତରେ କୁଆଡ଼େ ମିଳେଇ ଯାଉଥିଲା କି କ'ଣ, କେହିଜଣେ ହେଲେ ପଡ଼ୋଶୀ ତାଙ୍କ କବାଟ ଝରକା ଖୋଲୁ ନ ଥିଲେ ।

ବସନ୍ତ ଏଥର ଘର ଭିତରକୁ ଗଲେ ଓ ଟେବୁଲକ୍ଲଥ ତଳୁ କିଛି ଟଙ୍କା ଆଣି ଗୋଟେ ଜରିରେ ଭ□ିକଲେ ଓ ପ୍ରିୟମ୍ବଦାଙ୍କ ଉଦ୍ଦେଶ୍ୟରେ କହିଲେ - ତମେ ବ୍ୟସ୍ତ ହୁଅନାହିଁ । କବାଟଟା ଭିତରୁ ବନ୍ଦ କରିଦିଅ । ମୁଁ ଥାନାରୁ ଆସୁଛି । ବସନ୍ତ ବାହାରକୁ ବାହାରିବା ବେଳକୁ ବର୍ଷାର ପ୍ରକୋପ କମିଯାଇଥିଲା । ତଥାପି ସେଇ ବର୍ଷାରେ ସେ ସ୍କୁଟର ଚଳେଇ ଗଲାବେଳକୁ ଲାଗୁଥିଲା ଯେମିତି ପାଣିକାଦୁଅରେ ପହଁରି ପହଁରି କୁଆଡ଼େ ଚାଲିଯାଉଛନ୍ତି ।

ଘ□ିଏ ପରେ ଥାନାରୁ ଫେରିଆସି ବସନ୍ତ କହିଲେ - ସେମାନେ ଗୁଡ୍ଡୁର ଗୋଟେ ଫଟୋ ଖୋଜୁଛନ୍ତି ଆଉ ପଚାରୁଛନ୍ତି - କାହା ସହ ଆମର ଶତ୍ରୁତା ଥିଲା କି ?

ପ୍ରିୟମ୍ବଦା ପୁଣି ବିକଳ ହୋଇ କାନ୍ଦିଲେ ଓ କହିଲେ ତମକୁ ଯେତେ ମନା କଲେବି, ତମେ କୋଉ ମାଛବାଲା ସାଙ୍ଗରେ କୋଉ ଅଟୋବାଲା ସାଙ୍ଗରେ କଳି କରିବ । ସେଇମାନେ ଶତ୍ରୁତା କରିଥିବେ । ଯାଅ ଖୋଜିକି ଆଣ ମୋ' ପୁଅକୁ । ବସନ୍ତ ଏଥର ଖୁବ୍ ଧୈର୍ଯ୍ୟର ସହ କହିଲେ - କାନ୍ଦିଲେ କ'ଣ ହବ କହିଲ ! ଠାକୁରଙ୍କୁ ଡାକ, ସେ ଯୋଉଠି ଥାଉ ଭଲରେ ଥାଉ ।

ସାରା ରାତି ବସନ୍ତ ଯେତେଯେତେ ଚିହ୍ନା ପରିଚିତ ଲୋକଥିଲେ, ସମସ୍ତଙ୍କୁ ଜଣେ ପରେ ଜଣେ ଫୋନ୍ କରୁଥିଲେ ଓ ନେହୁରା ହୋଇ ସାହାଯ୍ୟ ମାଗୁଥିଲେ । ସକାଳୁ ସକାଳୁ ଗାଁରୁ ଆସି ବସନ୍ତଙ୍କ ସାନଭାଇ ହେମନ୍ତ ପହଞ୍ଚିଗଲା । ସେ ବି ତା'ର ବଂଧୁମାନଙ୍କୁ ଖବର ଦେଲା । ହେଲେ, ଗୁଡ୍ଡୁ ଯେମିତି ପବନରେ ମିଳେଇଗଲା । ସେମିତି କୋଉଠି ହେଲେ ତା'ର ଖୋଜ୍‌ଖବର ମିଳିଲା ନାହିଁ । ଥାନାକୁ ଗଲେ ଫାଇଲ୍ ଉପରୁ ମୁହଁ ନ ଉଠେଇ ପୋଲିସ୍‌ବାବୁ କହିଲେ - ଆମେ ସବୁ ଥାନାକୁ ମେସେଜ୍ ପଠେଇ ଦେଇଛୁ । ମିସିଂ କେଶ୍ ଲଜ୍ କରିଦେଇଛୁ । କିଛି ଖବର ମିଳିଲେ ଜଣେଇବୁ ।

ବସନ୍ତ ଅଧିକ ବ୍ୟସ୍ତହୋଇ କାକୁତି କରିବାରୁ ପୋଲିସ୍‌ବାବୁ ବିରକ୍ତ ହେଲେ ଓ ଆଉ ଏଠିକୁ ନ ଆସିବାକୁ ପରୋକ୍ଷରେ ଚେତାବନୀ ଦେଲେ।

ପ୍ରିୟମ୍ବଦାଙ୍କ ଆଖିରୁ ବୋଧେ ସବୁତକ ଲୁହ ଶୁଖିଯାଇଥିଲା। ସେ କେବଳ ସ୍ତବ୍ଧହୋଇ ସମସ୍ତଙ୍କୁ ବିକଳ ହୋଇ ଚାହୁଁଥିଲେ ଓ ମନକୁ ମନ କ'ଣ ସବୁ ଏଣୁତେଣୁ କହୁଥିଲେ। ତାଙ୍କ ଦେହରୁ ଶାଢ଼ି ଖସିଯାଇ କେତେବେଳେ ସେ ଅଧା ମୁକୁଳା ହୋଇ ଯାଉଥିଲେ, ସେକଥାବି ଜାଣିପାରୁ ନଥିଲେ। କେତେବେଳେ କେମିତି ପଡ଼ିଶାମାନେ ପଚାରିଦେଇ ଯାଉଥିଲେ - କିଛି ଖବର ମଳିଲା ? ବଂଧୁବାନ୍ଧବ ବି ମଝିରେ ମଝିରେ ଫୋନ୍‌କରି ସେଇ ଏକା ପ୍ରଶ୍ନ ପଚାରୁଥିଲେ। ହେଲେ, ଗୁଡ୍ଡୁର କୌଣସି ଖବର ମିଳୁନଥିଲା। ଖବରକାଗଜରେ 'ନିରୁଦ୍ଦିଷ୍ଟ ଛାତ୍ର' ଖବର ଛପାଇ ସେ ଅପେକ୍ଷାକରି ବସିଥିଲେ ଦିନ ପରେ ଦିନ, ମାସ ପରେ ମାସ।

ଖବରକାଗଜରେ ଯଦି ଦୈବାତ କୌଣସି ଦୁର୍ଘଟଣାର ଖବର ପ୍ରକାଶିତ ହେଉଥିଲା, ବସନ୍ତଙ୍କ ଛାତି ଭିତର ଧଡ଼ପଡ଼ ହେଉଥିଲା। ମୋବାଇଲ୍ ଫୋନ୍ ବାଜି ଉଠିବା ମାତ୍ରେ ସେ ଚମକିପଡ଼ି ଦେଖୁଥିଲେ - କାଳେ କିଏ ଫୋନକରି ଗୁଡ୍ଡୁର ଖବର ଦେଲାକି ? ଅଫିସ୍‌ର ସହକର୍ମୀମାନେ ସମବେଦନା ଜଣାଉଥିଲେ ଏବଂ ଧୈର୍ଯ୍ୟହରା ନ ହବାକୁ ପରାମର୍ଶ ନେଉଥିଲେ। କାହା କାହାର ପରାମର୍ଶରେ ବସନ୍ତ ଓ ପ୍ରିୟମ୍ବଦା ଉପବାସ ଓ ବ୍ରତ କଲେ, ହୋମ ଯଜ୍ଞ କଲେ। ମଠ ମନ୍ଦିର ଯାଇ କେତେ ସାଧୁସନ୍ଥଙ୍କ ଶରଣ ପଶିଲେ। ହେଲେ ଗୁଡ୍ଡୁ ଯେମିତି ଦିନକୁ ଦିନ ତାଙ୍କ ପାଇଁ କେବଳ ଏକ ସ୍ମୃତି ପାଲଟି ଯାଉଥିଲା।

ବର୍ଷା ଯାଇ ଶୀତ ଆସିଲା। ଶୀତ ଶେଷ ହୋଇ ପୁଣି ଧୂ ଧୂ ଖରା ମାଡ଼ି ଆସିଲା। ଖରା ଶେଷରେ ପୁଣି ଆସିଲା ଘନଘୋର ବର୍ଷା। ହେଲେ, ଗୁଡ୍ଡୁ ଆଉ ଫେରିଲା ନାହିଁ। ପିଲାମାନେ ପିଠି ପଛରେ ବ୍ୟାଗ୍ ଝୁଲେଇ ସ୍କୁଲକୁ ଯିବାବେଳେ ବସନ୍ତଙ୍କ ଛାତି ଭିତରଟା କୋରି ହୋଇଯାଉଥିଲା। ଘର ଭିତରେ ସବୁବେଳେ ଏକ ମୂକ ମୂର୍ତ୍ତିପରି ବସି ଲୁହ ଗଡ଼ାଉଥିବା ପ୍ରିୟମ୍ବଦାଙ୍କୁ ଦେଖିଦେବା ମାତ୍ରେ ସେ ବି କୋହ ଆଉ ଲୁହରେ ବତୁରି ଯାଉଥିଲେ। ତାଙ୍କୁ ଲାଗୁଥିଲା, ଯେମିତି ଗୋଟାଏ ବର୍ଷ ଭିତରେ ପ୍ରିୟମ୍ବଦା ତାଙ୍କ ଜୀବନର କୋଡ଼ିଏ ବର୍ଷ ଅତିକ୍ରମ କରିଗଲେ। ଦିନକୁ ଦିନ ସେ ଅବଶ ହୋଇପଡୁଥିଲେ ଓ ନାନା ପ୍ରକାର ରୋଗରେ ଆକ୍ରାନ୍ତ ହୋଇଯାଉଥିଲେ।

ପଡ଼ିଶାମାନେ କ୍ରମଶଃ ଗୁଡ୍ଡୁର ଅଚାନକ ହଜିଯିବା ଘଟଣାକୁ ଭୁଲିଗଲେ। ପୋଲିସ୍‌ର ମିସିଂ କେଶ୍ ଫାଇଲ୍ ଉପରେ ଧୂଳି ଜମିଗଲା। ଅଫିସ୍‌ର ସହକର୍ମୀମାନେ ଆଉ ସମବେଦନା ନ ଜଣାଇ ନିଜ କାମ ନିଜେ କର ବୋଲି ଚେତାବନୀ ଦେଲେ। ଛୋଟ ଛୋଟ ପିଲାମାନେ ବସନ୍ତଙ୍କୁ ପାଗେଳା ପାଗେଳା କହି ତାଳି ମାରିଲେ ଓ ସେମାନଙ୍କଠାରୁ ଦୂରକୁ ଦୌଡ଼ି ପଳେଇଲେ।

ଶେଷରେ ଦିନେ ବସନ୍ତ ତାଙ୍କ ଦପ୍ତରରୁ ଅବସର ନେଲେ। ଅବସର ନେବା ଦିନ କିଛି ପୁରୁଣା ସହକର୍ମୀ ବସନ୍ତଙ୍କ ସେଇ ପୁରୁଣା ଦୁଃଖର କ୍ଷତକୁ ସେମାନଙ୍କ ଅବସରକାଳୀନ ଭାଷଣରେ ଉଖାରିଲେ ଓ ପୁଣି ସମବେଦନା ଜଣାଇଲେ। ବସନ୍ତ କେବଳ ଆଖିରୁ ବହିଆସୁଥିବା ଦି'ଧାର ଲୁହକୁ ପୋଛିଦେଇ ସବୁଦିନ ପାଇଁ ସେ ଦପ୍ତରକୁ ମୁଣ୍ଡିଆଟେ ମାରି ଘରକୁ ଫେରିଆସିଲେ।

ଅବସର ନେବାର ଦି' ମାସ ପରେ ବସନ୍ତ ସେ ସରକାରୀ କ୍ୱାର୍ଟର୍ସ ଛାଡ଼ି ସେହି କଲୋନୀ ପଛପଟରେ ଥିବା ଏକ ତଳିଆ ଅ□କୁ ଚାଲିଗଲେ। ସେଠି ଏକ ଫାଳିକିଆ ଆଜ୍‌ବେଷ୍ଟସ ଘରେ ପ୍ରିୟମ୍ବଦାଙ୍କୁ ନେଇ ତାଙ୍କର ପୁଣି ଏକ ନଅ। ଜୀବନ ଆରମ୍ଭ ହେଲା। ସରକାରୀ କ୍ୱାର୍ଟର୍ସ ଛାଡ଼ି ଆସିବା ଦିନ କିଛି ପଡ଼ିଶା କେବଳ ପଚାରିଲେ - ଦାସବାବୁ! କ'ଣ ଗାଁକୁ ଚାଲିଯିବ ?

ବସନ୍ତ କହିଥିଲେ - ନା, ନା ଗାଁକୁ ନୁହେଁ। ଆମେ ଗାଁକୁ ଚାଲିଗଲେ, ଆମ ପୁଅ ଯଦି ଫେରିଆସିବ, ସେ ଆମକୁ କୋଉଠି ଖୋଜିବ ? ଗାଁକୁ ଯିବା ରାସ୍ତା କ'ଣ ସିଏ ଜାଣେ !

ପଡ଼ିଶାମାନେ ଆହା ଚୁ ଚୁ କଲେ। ବିଚରା ପୁଅ ପାଇଁ ବୁଢ଼ାବୁଢ଼ୀ ଦି'ଟା ପାଗଳ ହୋଇଗଲେ ବୋଲି ନିଶ୍ଚିତ ହେଲେ। ସତକୁ ସତ ବସନ୍ତ ଓ ପ୍ରିୟମ୍ବଦାଙ୍କ ଆଚରଣ ଦେଖିଲେ ଲାଗୁଥିଲା ସେମାନେ ପାଗଳ ହୋଇଯାଇଛନ୍ତି। ସେମାନେ ସେ ସ୍କୁଲ୍ ପାଚେରୀ ଚାରିପଟଠାରୁ ପାର୍କ, ରେଳଷ୍ଟେସନ୍ ଆଉ ସହରର ବିଭିନ୍ନ ଛକରେ ହାତଧରାଧରି ହୋଇ ଅନେକ ସମୟ ଘୂରି ବୁଲୁଥିଲେ। ଅନବରତ ବର୍ଷା ବର୍ଷୁଥିବା ବେଳେ ସେମାନେ ଗୋଟାଏ ଭଙ୍ଗା ଛତା ତଳେ ତିନ୍ତିବୁଡ଼ି ରାସ୍ତାରେ ଘୂରୁଥିଲେ ତ, ଧୂ ଧୂ ଖରାରେ ରେଳ ଧାରଣା କଡ଼େ କଡ଼େ ରହି ରହି ସତେ ଅବା କ'ଣ ଖୋଜୁଥିଲେ। ଶୀତ, ବର୍ଷା, ଖରା ଓ କାକରରେ ଘୂରି ଘୂରି ସତେ ଯେମିତି ସେମାନେ ତାଙ୍କ ଗେହ୍ଲାପୁଅ ଗୁଡ୍ଡୁର ପାଦ ଚିହ୍ନକୁ ଖୋଜୁଥିଲେ।

ସେମାନଙ୍କର ଏଇ ବିକଳ ହୋଇ ଖୋଜିବା ଭିତରେ ସବୁଠୁଁ ଅତିଷ୍ଠ ହୋଇପଡ଼ିଥିଲେ ରମାକାନ୍ତ ସାମନ୍ତରାୟ । ସହରରେ ବହୁଦିନ ଭଡ଼ାଘରେ ରହିବା ପରେ ପ୍ରଥମଥର ପାଇଁ ସରକାରୀ କ୍ୱାର୍ଟର୍ସଟିଏ ପାଇ ଖୁସିହୋଇ ଯାଇଥିଲେ ରମାକାନ୍ତ ବାବୁ । ବସନ୍ତ ଓ ପ୍ରିୟମ୍ବଦା ଅବସର ପରେ ଯେଉଁ ସରକାରୀ କ୍ୱାର୍ଟର୍ସଟିକୁ ଖାଲି କରିଯାଇଥିଲେ, ନୂଆକରି ସେଇ କ୍ୱାର୍ଟର୍ସକୁ ଆସିଥିଲେ ରମାକାନ୍ତ ବାବୁ । କ୍ୱାଟର୍ସ ପାଇ ସେ ତାଙ୍କ ପିଲାଛୁଆ ଓ ଜିନିଷପତ୍ର ସହ ଆସି ରହିବା ପରେ ହିଁ ସେଠି ଆଗରୁ ଥିବା ପୁରୁଣା ପଡ଼ୋଶୀମାନେ ତାଙ୍କୁ ଏଇ ଖବରଟା ଦେଲେ । ସେମାନେ କହିଲେ - ଏ ଘରେ ଆଗରୁ ଯେଉଁ ବୁଢ଼ାବୁଢ଼ୀ ରହୁଥିଲେ, ସେମାନଙ୍କ ଏକମାତ୍ର ପୁଅ ଦିନେ ସ୍କୁଲ୍ ଯାଇ ଆଉ ଫେରିଲା ନାହିଁ । ତା'ପରଠୁଁ ବୁଢ଼ାବୁଢ଼ୀ ଦି'ଟା ପାଗଳ ହୋଇଗଲେ । ସହରସାରା ବୁଲିବୁଲି ପୁଅକୁ ଖୋଜୁଛନ୍ତି ।
ରମାକାନ୍ତ ବି ସେଇ ବୁଢ଼ାବୁଢ଼ୀ ଦି' ଜଣଙ୍କ ଉଦ୍ଦେଶ୍ୟରେ ସମବେଦନା ଜଣାଇଲେ ଓ ଦୀର୍ଘଶ୍ୱାସ ପକେଇଲେ । ହଠାତ୍ ଦିନେ ରାତି ନ' ପାହୁଣୁ ରମାକାନ୍ତ ଶୁଣିପାରିଲେ ତାଙ୍କ କ୍ୱାର୍ଟର୍ସର ଲୁହା ଗେଟ୍‌ଟାକୁ କିଏ ଗୋଟାଏ ଖୁବ୍ ଧୀରେ ଧୀରେ ଠକ୍ ଠକ୍ କରୁଛି । ରମାକାନ୍ତଙ୍କର ନିଦ ଭାଙ୍ଗିଗଲା । ସେ ଝରକା ଖୋଲି ଦେଖନ୍ତି ତ ବୁଢ଼ାଲୋକ ଜଣେ ତାଙ୍କ ଗେଟ୍ ସେପଟେ ଠିଆ ହୋଇଛନ୍ତି । ମୁଣ୍ଡର ସବୁତକ ବାଳ ପାଚି ଧଳା ହୋଇଯାଇଛି । ବୁଢ଼ା

ପିନ୍ଧିଛନ୍ତି ଧଳା ଫଂତେଇ ଖଣ୍ଡେ । ଆଖିରେ ମୋଟା ଲେନ୍ସର ଚଷମା ।

ରମାକାନ୍ତ କବାଟ ଖୋଲି ସେ ଗେଟ୍ ପାଖକୁ ଯିବାମାତ୍ରେ ଏକ କରୁଣ ଦୃଷ୍ଟିରେ ସେ ବୃଦ୍ଧଜଣଙ୍କ ରମାକାନ୍ତଙ୍କୁ କେବଳ ଚାହିଁରହିଲେ ।

କାହାକୁ ଖୋଜୁଛନ୍ତି ? - ରମାକାନ୍ତ ସାମାନ୍ୟ ବିରକ୍ତି ସହ ପଚାରିଲେ । ବୁଢ଼ାଲୋକ ଜଣଙ୍କ ଏଥର ଅନୁନୟ ହେବାପରି କହିଲେ - ମୋ' ପୁଅ ଗୁଡ୍ଡୁ । ମେଘକୁ ତା'ର ଭାରି ଡର । ଘଡ଼ଘଡ଼ି ମାରିଲେ, ମା' କୋଳରୁ ବାହାରିବନି । ଅନ୍ଧାର ଦେଖିଲେ ଚିଲ୍ଲେଇ ଉଠିବ । ଏତେଦିନ ହେଲା, ଛୁଆଟା କୁଆଡ଼େ ଯାଇଛି ଯେ ଯାଇଛି । ପିଲାଲୋକ, ବାଟ ଭୁଲିଯାଇଥିବା ଦିନେ ଆମକୁ ଖୋଜି ଖୋଜି ସେ ନିଶ୍ଚୟ ଫେରିଆସିବ । ଫେରିଲେ, ସେ ଏଇ ଘରକୁ ହିଁ ଫେରିବ । ସେ କ'ଣ ଜାଣିଛି, ଆମେ ଏଠୁ ଚାଲିଗଲୁଣି ବୋଲି ! କେବେ ଯଦି ବାଟ ଖୋଜି ଖୋଜି ଆସି ଏଠି ପହଞ୍ଚିବ, ଆଉ ଦେଖିବ ଆମେ ନାହୁଁ ବୋଲି, ଭାଆରି କାନ୍ଦିବ । ଓହୋ କି କାନ୍ଦ ତାଆର !

ଏତିକି କହିସାରିବା ପରେ, ସେ ବୃଦ୍ଧଙ୍କ କଣ୍ଠ କୋହରେ ରୁନ୍ଧି ହୋଇଗଲା । ସେ ତାଙ୍କ ପେଜୁଆ ଆଖିକୋଣକୁ ହାତ ପାପୁଲି ପଛପଟେ ପୋଛିଦେଇ ପୁଣି ଅନୁନୟ କଲାପରି କହିଲେ - ଆମେ ଏଇ କଲୋନୀ ପଛପଟ ସେ ବସ୍ତି ପାଖରେ ରହୁଛୁ । ସେ ଛକର କୃଷ୍ଣଚୂଡ଼ା ଗଛ ବୁଲିପଡ଼ିଲେ ଆମ ଘର । ଯଦି ଆମ ପୁଅ ଫେରିଆସିବ ଟିକେ ଖବର ଦେବେ । ବୃଦ୍ଧଙ୍କ ବାକ୍ୟ ଶେଷ ହେବା ପୂର୍ବରୁ ରମାକାନ୍ତଙ୍କ ଛାତି ଭିତରେ ଢେଉ ପରେ ଢେଉ କୋହ ଉଠୁଥିଲା । ସେ ନିଜକୁ ଆୟ□କରିନେଇ କହିଲେ - ହଁ, ହଁ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ମୁଁ ଯାଇ ଖବର ଦେବି ।

କୃତଜ୍ଞତାରେ, ସେ ବୃଦ୍ଧ ବସନ୍ତ ରମାକାନ୍ତଙ୍କ ହାତକୁ ଥରେ ଜାବୁଡ଼ି ଧରିଲେ ଓ ପୁଣି ଧୀରେ ଧୀରେ ପାଦ ପକେଇ ଲେଉଟି ଗଲେ ।

ରମାକାନ୍ତ ଘରକୁ ଫେରିବା ପରେ ସ୍ତ୍ରୀ ପଚାରିଲେ - କିଏ କି ସେ ବୁଢ଼ା ସକାଳୁ ଆସିଥିଲା ?

ରମାକାନ୍ତ ଦୀର୍ଘଶ୍ୱାସ ପକେଇ କହିଲେ - ସେଇ ଯୋଉ ବୁଢ଼ା ଏ ଘରେ ରହୁଥିଲେ । ସେ ତାଙ୍କ ପୁଅକୁ ଖୋଜିବାକୁ ଆସିଥିଲେ । କହିଲେ - ମୋ' ପୁଅ ଯଦି ଏ ଘରକୁ ଫେରିବ, ମତେ ଟିକେ ଖବର ଦେବ ।

ରମାକାନ୍ତଙ୍କ ସ୍ତ୍ରୀ କହିଲେ - ଆହା, ଏମିତି ପୁଅ ପୁଅ ହୋଇ ବୁଢ଼ା ଶେଷରେ ମରିଯିବ । ରମାକାନ୍ତ କେବଳ ଦୀର୍ଘଶ୍ୱାସ ପକେଇଲେ ଓ ସେଠୁ ଚାଲିଗଲେ ।

ପରଦିନ ପୁଣି ରାତି ପାହିବା ପୂର୍ବରୁ ରମାକାନ୍ତଙ୍କ ଗେଟ୍‌ରେ ଶୁଭିଲା ସେଇ ଶବ୍ଦ । ଏଥର ତାଙ୍କ ସ୍ତ୍ରୀ ଝରକା ଖୋଲିଦେଲେ ଓ ହସି ହସି ରମାକାନ୍ତଙ୍କୁ କହିଲେ - ହେଇ, ସେ ପାଗେଳା ବୁଢ଼ା ପୁଣି ଆସିଲାଣି ।

ରମାକାନ୍ତ ବାଧହୋଇ ଗେଟ୍ ପର୍ଯ୍ୟନ୍ତ ଯାଉ ଯାଉ, ଗେଟ୍ ଆରପଟୁ ସେ ବୃଦ୍ଧ ପଚାରିଲେ - ଆମ ପୁଅ ଆସିଛି କି ? ନା, ନା । ଆପଣ କାଇଁ ଏମିତି ସକାଳୁ ସକାଳୁ ଆସୁଛନ୍ତି ? ମୁଁ ପା କହିଲି, ସେ ଯେତେବେଳେ ଆସିବ, ମୁଁ ଯାଇ ଖବର ଦେବି । ଆପଣ କାଇଁ କଷ୍ଟକରି ଆସୁଛନ୍ତି ? ବୃଦ୍ଧ ବସନ୍ତ ଏଥର କୃତଜ୍ଞତାର ହସ ହସିଦେଇ ଫେରିଗଲେ । ସେ ଫେରିଯିବା ପରେ ରମାକାନ୍ତ ଘର ଭିତରକୁ ଆସିବା ମାତ୍ରେ ସ୍ତ୍ରୀ ତାଙ୍କର ପରିହାସ କରି ପଚାରିଲେ - ପାଗେଳା ବୁଢ଼ା ଆଜି ପୁଣି କୁଆଡ଼େ ଆସିଥିଲା ?

- ସେଇ ଏକା କଥା, ପୁଅ ଆସିଲା କି ? ରମାକାନ୍ତ ବିରକ୍ତ ହୋଇ ଏତକ କହିଲେ ଓ ପୁଣି ଟିକେ ଖଟରେ ଗଡ଼ପଡ଼ ହେଲେ ।

ପଡ଼ିଶାମାନେ ରମାକାନ୍ତଙ୍କୁ କହିଲେ - ଏ ବୁଢ଼ାର ତ ପୁଅ ପୁଅ ହେଇ ମୁଣ୍ଡ ଖରାପ୍ । ବୁଢ଼ା ଅନ୍ୟମାନଙ୍କର ବି ମୁଣ୍ଡ ଖରାପ୍ କରିଦବ । ରମାକାନ୍ତ, ଦୀର୍ଘଶ୍ୱାସ ପକେଇ କହିଲେ - ହଁ ସତକଥା ।

ତା'ପର ଦିନ ସକାଳୁ ବି ସେଇ ଏକା ଘଟଣା ଘଟିଲା । ରମାକାନ୍ତଙ୍କ ନିଦ ଭାଙ୍ଗିବା ପୂର୍ବରୁ ବୃଦ୍ଧ ବସନ୍ତ ଆସି ପହ□ାଲେ ଓ ସବୁଦିନ ପରି ସେଦିନ ବି ଗେଟ୍ ଖୁଡ଼୍‌ଖୁଡ଼୍ କଲେ ।

ରମାକାନ୍ତ ନିଦରୁ ଉଠିପଡ଼ି କହିଲେ - ଦଉଛି ଆଜି ସେ ପାଗେଳା ବୁଢ଼ାକୁ ପାନେ । ଶଳା ସବୁଦିନେ ସକାଳୁ ଆସି ଗୋଟାଏ ନାଟ ଲଗେଇଛି । ରମାକାନ୍ତଙ୍କ ସ୍ତ୍ରୀ ବିଛଣାରୁ ଉଠିପଡ଼ି କହିଲେ - ନା, ନା, ବିଚରା ବୁଢ଼ା ଲୋକଟା । ସେମିତି ତା' ଉପରେ ବିରକ୍ତ ହବ ନାହିଁ । ଆଉ କେଇ ଦିନ ଗଲେ ବିଚରା କୁଆଡ଼େ ଯିବ । ରମାକାନ୍ତ କିନ୍ତୁ ରାଗ ତମତମ ହୋଇ ବାହାରି ଗଲେ ଓ ଯାଇ ବୃଦ୍ଧ ବସନ୍ତଙ୍କୁ ଭିତରକୁ ଡାକି ଆଣିଲେ ।

ରମାକାନ୍ତଙ୍କ ସ୍ତ୍ରୀ ସ୍ତବ୍ଧ ହୋଇ ଚାହିଁଥା'ନ୍ତି । ରମାକାନ୍ତ ସେଇ ବୃଦ୍ଧଙ୍କୁ ଆଣି ଦାଣ୍ଡଘର ଚୌକିରେ ବସେଇ ଦେବାପରେ ଏକ ଗୋପନ କଥା କହିବାପରି ଆସ୍ତେ ଆସ୍ତେ ସେ ବୃଦ୍ଧଙ୍କୁ କହିଲେ - ତମ ପୁଅ କୋଉଠି ଅଛି ମୁଁ ଜାଣିଛି । ସ୍ପ୍ରିଂ ପରି ହଠାତ୍ ଚୌକିଛାଡ଼ି ସେ ବୃଦ୍ଧ ଠିଆ ହୋଇପଡ଼ି ପଚାରିଲେ - ଜାଣିଛ ?

ହଁ ହଁ ତା' ଭଲ ନାଁ ଶୋଭନ୍ ଦାସ୍ ତ ? - ରମାକାନ୍ତ ଖୁବ୍ ସନ୍ତର୍ପଣରେ ପଚାରିଲେ ।

ହଁ ହଁ ମୋ' ଗୁଡୁର ଭଲ ନାଁ ଶୋଭନ ଦାସ । କୋଉଠି ଅଛି ସେ ? କେମିତି ଅଛି ? କେବେ ଆସିବ ? ସେ ନ ଖାଇ ନ ପିଇ ଶୁଖି କ□ା ହେଇଯିବଣି ।

ରମାକାନ୍ତ ଦୁଇ ଓଠ ଉପରେ ବିଶି ଆଙ୍ଗୁଠି ଚାପିଧରି କହିଲେ - ଚୁପ୍, ଚୁପ୍ ପାଟି କରନା । ଗୋଟାଏ ସ□ିରେ ତମ ପୁଅ ତମ ପାଖକୁ ଫେରିବ କହିଛି ।

କୁହ କୁହ । ସେ ଯାହା କହିବ ଆମେ ମାନିବୁ । କହିଲେ ନଈକି ଡେଇଁପଡ଼ିବୁ । ନିଆଁରେ ପଶିଯିବୁ । କୁହ କୁହ - କ'ଣ ସେ ଚାହୁଁଛି ?

ରମାକାନ୍ତଙ୍କ ଏଥର ପତ୍ନୀ ଖୁବ୍ ଆଶ୍ଚର୍ଯ୍ୟ ଭାବେ ଥରେ ରମାକାନ୍ତଙ୍କୁ ତ ଥରେ ସେଇ ବିକଳପଣରେ ତରଳି ଯାଉଥିବା ବୃଦ୍ଧଙ୍କୁ ଚାହିଁଥା'ନ୍ତି ।

ରମାକାନ୍ତ ଖୁବ୍ ଗମ୍ଭୀର ଭାବେ କହିଲେ - ସେ କହିଚି, ତମେ ଦି'ଜଣ ଆଉ ତାକୁ ଏଣେତେଣେ ବୁଲି ଖୋଜିବନି । ଯା' ତା' ଗେଟ୍ ବାଡ଼େଇ ତା'ର ଖବର ବୁଝିବନି । ବର୍ଷାରେ ତାକୁ ଖୋଜିଖୋଜି ତିନ୍ତିବନି, କି ଖରାରେ ଖୋଜିଖୋଜି ସିଝିବନି । ତମେ ଘରେ ଚୁପ୍‌ଚାପ୍ ବସିବ ତ ସେ ଆସିବ ।

-କେତେ ଦିନ ? ବୃଦ୍ଧ ବଡ଼ ବ୍ୟାକୁଳ ହୋଇ ପଚାରିଲେ ।

ରମାକାନ୍ତ କିଛି ଚିନ୍ତା ନ କରି କହିଲେ - ଏଇ ଗୋଟାଏ ମାସ । ତା' ମାନେ ଗୋଟାଏ ମାସ ଯଦି ତମେ ଦି'ଜଣ କୁଆଡ଼େ ବୁଲାବୁଲି ନ କରି ଚୁପ୍‌ଚାପ୍ ଘରେ ବସିବ, ତମ ପୁଅ ତମ ପାଖକୁ ଫେରିଆସିବ ।

ସତ କହୁଛନ୍ତି ? - ବୃଦ୍ଧ ବସନ୍ତ ଖୁସିରେ ଏକବାର ଫାଟିପଡ଼ିଲେ ଓ ଆଙ୍ଗୁଠି ଗଣି ଗଣି ସେ ଘରୁ ବାହାରି ଗଲାବେଳେ କହିଲେ - ମୁଁ ଯାଏ ତାଙ୍କୁ ଏ ଖବର ଦିଏ । ମାସଟାଏ ତ ଜନ୍ମା । ମାସଟାଏ.... ।

ବୃଦ୍ଧ ବସନ୍ତ ବିହ୍ୱଳ ହୋଇ ଘର ବାହାରକୁ ଚାଲି ଯାଉଥିବାବେଳେ ରମାକାନ୍ତଙ୍କ ସ୍ତ୍ରୀ କହିଲେ - କାଇଁ ବୁଢ଼ାଟାକୁ ଭଲା ମିଛ କହିଲ... ।

ରମାକାନ୍ତ ପ୍ରଥମେ ହୋ ହୋ ହୋଇ ହସିଲେ ଓ କହିଲେ - ବୁଢ଼ା ଡେଲି ସକାଳୁ ସକାଳୁ ଆସି ମଣିଷକୁ ଟିକେ ଭଲରେ ଶୁଆଇ ଦଉ ନଥିଲା । ଏବେ ଅନ୍ତତଃ ମାସେ ଯାଏ ଟେନ୍‌ସନ୍ ଗଲା । ତା'ପରେ ଯଦି ବୁଢ଼ା ଆସିବ, ଦେଖିବା । ଏତକ କହିସାରିବା ପରେ ରମାକାନ୍ତ ପୁଣିଥରେ ବଡ଼ ଜୋର୍‌ରେ ହସିଲେ ।

ରମାକାନ୍ତଙ୍କ ହସ ଶେଷ ହୋଇଛି କି ନାହିଁ, ହଠାତ୍ ସେ ବୃଦ୍ଧ ପୁଣି ଗେଟ୍ ପାଖରୁ ଲେଉଟି ଆସି ରମାକାନ୍ତଙ୍କ ସାମ୍ନାରେ କାକୁସ୍ଥ ମୁଦ୍ରାରେ ଠିଆ ହେଲେ । ରମାକାନ୍ତ ଚମକିପଡ଼ି ପଚାରିଲେ - ପୁଣି କ'ଣ ହେଲା ?

ବୃଦ୍ଧ ବସନ୍ତ ଏଥର କାକୁତି କଲାପରି କହିଲେ - ଆମ ପୁଅର କେତେ ବୁଦ୍ଧି ଦେଖନ୍ତୁ । ଆମ ବୁଢ଼ାବୁଢ଼ୀ ଦି'ଟାଙ୍କ ଦେହମୁଣ୍ଡ ପାଇଁ ତା'ର କେତେ ଚିନ୍ତା । ସେ ଭାବୁଛି, ଆମେ ଖରାବର୍ଷାରେ ବୁଲିଲେ କାଳେ ଦିହପା' ଖରାପ ହେବ । ମୁଁ କହୁନ'ଥିଲି ଏତିକି ଟିକେ ଛୁଆ ହେଲେବି ସେ ଭାଆରି ବୁଦ୍ଧିଆ । ତାକୁ କହିବେ ଆମ ପାଇଁ ଚିନ୍ତା କରିବନି । ସେ ଯଦି ଚାହୁଁଛି, ଖାଲି ମାସଟାଏ କାହିଁକି, ସାରା ଜୀବନ ଆମେ ଚୁପ୍‌ଚାପ୍ ତା' ବାଟକୁ

ଅନେଇ ବସିଥିବୁ କୁଆଡ଼େ ଯିବୁନି । ହେଲେ, ତାକୁ କହିବେ ସେ ଯେମିତି ହେଲେ ଆସିବ ।

ଏତିକି କହିଦେଇ ସେ ବୃଦ୍ଧ ବସନ୍ତ ସେଠୁ ଚୁପ୍‌ଚାପ୍ ଫେରିଗଲେ ।

ପରଦିନ ସକାଳୁ ସକାଳୁ ରମାକାନ୍ତଙ୍କ ନିଦ ହଠାତ୍ ଭାଙ୍ଗିଗଲା । କାରଣ ତାଙ୍କୁ ଲାଗିଲା ବୋଧେ ତାଙ୍କ ଗେଟ୍ ପୁଣି ଠୁକ୍ ଠୁକ୍ ହଉଛି । ସେ ଭାବିଲେ ବୁଢ଼ା ପୁଣି ଆସିଗଲା କି ? ସେ ବିଛଣାରୁ ଧଡ଼ପଡ଼ ହୋଇ ଝରକା ଖୋଲି ଦେଖିଲେ, କେହି କୁଆଡ଼େ ନାହାନ୍ତି । ସ୍ତ୍ରୀ ପଚାରିଲେ - ସେ ବୁଢ଼ା ପୁଣି ଆସିଲେ କି ? ରମାକାନ୍ତ ଦୀର୍ଘଶ୍ୱାସ ପକେଇ କହିଲେ - ନା, ମତେ କାଇଁ ଲାଗିଲା ସେ ବୁଢ଼ା ଆସି ଆମ ଗେଟ୍ ଠକ୍ ଠକ୍ କରୁଛି ବୋଲି । ପରଦିନ ସକାଳୁ ବି ସେଇ ଏକା କଥା ।

ସବୁଦିନ ସକାଳୁ ରମାକାନ୍ତଙ୍କୁ ଲାଗେ କେହି ଜଣେ ତାଙ୍କ ଗେଟ୍ ଆସି ପିଟୁଛି । ସେ ଚମକିପଡ଼ି ଦେଖନ୍ତି ତ କେହି କୁଆଡ଼େ ନାହାନ୍ତି ।

ଏମିତି ଏମିତି ସପ୍ତାହେ ବିତିଗଲା । ରମାକାନ୍ତଙ୍କ ଗେଟ୍ ସେପଟେ ସେ ଶବ୍ଦ ଶୁଭିବା ପରି ତାଙ୍କୁ ସବୁଦିନ ଲାଗୁଥିଲା, ଅଥଚ ସତକୁ ସତ ସେଠି କେହି କୁଆଡ଼େ ନଥିଲେ ।

ଦିନେ ସକାଳୁ ସକାଳୁ ରମାକାନ୍ତ ତାଙ୍କ ସ୍ତ୍ରୀଙ୍କୁ କହିଲେ - ବୁଝିଲ, ବୁଢ଼ାଟା ବୋଧେ ମୋ' କଥାକୁ ସତ ଭାବି ଚୁପ୍‌ଚାପ୍ ଘରେ ଅପେକ୍ଷା କରିଛି । ତାଙ୍କ ସ୍ତ୍ରୀ ଖୁବ୍ ଗମ୍ଭୀର ଭାବେ କହିଲେ - ମତେ ସେୟା ଲାଗୁଛି । ତମର ସେଦିନ ସେ ବୁଢ଼ାକୁ ସେମିତି ମିଛରେ କହିବା ଠିକ୍ ହେଲାନି । ତା' ପୁଅକୁ ସେ ଖୋଜୁଥିଲା । ଏମିତି ଆଉ କିଛିଦିନ ଖୋଜିଥାନ୍ତା ପଛେ । ବିଚରା । ରମାକାନ୍ତ କହିଲେ - ଚାଲିଲ ଦେଖିବା କୋଉଠି ରହୁଛନ୍ତି ସେ ବୁଢ଼ାବୁଢ଼ୀ । ଦିନେ ସକାଳୁ ସକାଳୁ ସେମାନେ ବୁଢ଼ାବୁଢ଼ୀଙ୍କୁ ଖୋଜିବାକୁ ବାହାରି ପଡ଼ିଲେ ।

ଯା' ପରଠାରୁ ସେ ସହରରେ ଆଉ କେହିବି ଦେଖିନାହାନ୍ତି, ବୁଢ଼ାଟିଏ ବୁଢ଼ୀଟିଏ ଗୋଟାଏ ଫଟା ଛତାଧରି ଅନବରତ ବର୍ଷାରେ ତିନ୍ତି ତିନ୍ତି ଓ ଧୂ ଧୂ ଖରାରେ ସିଝିସିଝି କାହାକୁ ଗୋଟାଏ ଖୋଜିବୁଲିବା । ରେଳଷ୍ଟେସନ, ସ୍କୁଲ୍‌ହତା, ପାହାଡ଼ ତଳ ବସ୍ତି ଓ ଟ୍ରେନ୍‌ଲାଇନ୍ କଡ଼େ କଡ଼େ ଲମ୍ବିଥିବା ନାଳନର୍ଦ୍ଦମା ଆରପଟେ ସେମାନେ ସାଥିହୋଇ ବୁଲୁଥିବା ଆଉ କେହି ଦେଖି ନାହାନ୍ତି ।

ସେ ସହରର ଲୋକମାନେ ତା'ପରଠୁ ଏତିକି ଖାଲି ଦେଖୁଛନ୍ତି ରମାକାନ୍ତ ଓ ତାଙ୍କ ସ୍ତ୍ରୀ ପ୍ରତିଦିନ ସହରର ଗଳିକନ୍ଦି ବୁଲି ବୁଲି ଲୋକମାନଙ୍କୁ ବିକଳ ହୋଇ ପଚାରୁଥାନ୍ତି - କେହି ଦେଖୁଛ କି, ବୁଢ଼ାଟିଏ ବୁଢ଼ୀଟିଏ...। କେହି କହିପାରିବ କି - ଗୋଟିଏ ଛତା ତଳେ ବୁଢ଼ାଟିଏ ବୁଢ଼ୀଟିଏ...।

ସେମାନେ ପଚାରି ପଚାରି ଚାଲିଯିବା ପରେ ଲୋକମାନେ ହସିଦେଇ କହନ୍ତି - ସେ ବୁଢ଼ାବୁଢ଼ୀଙ୍କ ପରେ ପୁଣି ଏମାନେ ଦି' ଜଣ କୁଆଡୁ ଆସିଲେଣି ! ଯା'ଙ୍କର କିଏ ହଜିଛି କେଜାଣି ।

(ବିଶିଷ୍ଟ ସାହିତ୍ୟିକ ଅରବିନ୍ଦ ରାୟଙ୍କର ୧୬ଟି ମୌଳିକ ଗଳ୍ପ ସଂକଳନ, ଗୋଟିଏ ଅନୁଦିତ ଗଳ୍ପ ସଂକଳନ, ୬ଟି ଉପନ୍ୟାସ, ୧୧ ସମ୍ପାଦିତ ପୁସ୍ତକ, ୩ଟି ଶିଶୁ ସାହିତ୍ୟ ସଂକଳନ ଏବଂ ୫ଟି ନାଟକ ପୁସ୍ତକ ପ୍ରକାଶିତ । ରାଜ୍ୟ ତଥା ରାଜ୍ୟ ବାହାରର ବହୁ ଅନୁଷ୍ଠାନ ଦ୍ୱାରା ସେ ସମ୍ମାନିତ । ସେଥିମଧ୍ୟରେ ରହିଛି, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ରାଜ୍ୟ ସରକାରଙ୍କ ରାଜ୍ୟ ଯୁବକଲ୍ୟାଣ ପରିଷଦ ପୁରସ୍କାର, ଉପନ୍ୟାସ ରଚନା ପାଇଁ ରାଜଧାନୀ ପୁସ୍ତକ ମେଳା ପୁରସ୍କାର, ସମ୍ପାଦନା ପାଇଁ ରାଜଧାନୀ ପୁସ୍ତକ ମେଳା ପୁରସ୍କାର, ଆଦିକବି ସାରଳା ଦାସ ସାହିତ୍ୟ ସମ୍ମାନ ଇତ୍ୟାଦି ।)

THE LEVIATHAN: REFLECTIONS ON A CONTRARIAN

Devdas Chhotray

Dr Shriram Chandra Dash was 'the doyen' amongst the political scientists of Odisha. I have deliberately used the word 'doyen' because I had learnt this word for the first time in my Ravenshaw College days from him only. And several times thereafter, particularly when his friend Prof Ganesh Prasad of the BHU came to address us in our post graduate seminar in the newly created Department of Political Science in the University, which 'Shriram Das', as he was popularly called, was heading like a colossus.

Later on, it was the same Ganesh Prasad, who sat in between him and the Vice Chancellor, in the Selection Board, when I was interviewed for a permanent position in the Department of Political Science. It was a board of several members and the questions were varied and demanding. At the very end, Ganesh Prasad asked me the last question. ‘Tell me what is the determinism of Hobbes and make it brief. 'I remember I said a one liner, 'That Paul would like a chocolate and Peter would not, is causally determined. ‘I stopped. Ganesh Prasad looked askance, anticipating more.

